R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୯୭
ତିଥି : ଏକାଦଶୀ
୨୫ ଏପ୍ରିଲ ୨୦୨୫, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 197
25 April 2025, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଜାତୀୟ ପଞ୍ଚାୟତିରାଜ ଦିବସ - ୨୦୨୫

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
ସଦୟ ଉପସ୍ଥିତିରେ

## ରାଜ୍ୟସ୍ତରୀୟ ସମାରୋହ

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ
**ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲର ଉନ୍ମୋଚନ**

ରାଜ୍ୟର ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ପାଇଁ ରେକର୍ଡ ପ୍ରସ୍ତୁତି, ବୈଷୟିକ ମଞ୍ଜୁରୀ, ପ୍ରଶାସନିକ ଅନୁମୋଦନ ଭଳି ପ୍ରକ୍ରିୟା ଗୁଡ଼ିକୁ ସୁଗମ ରୂପେ ପରିଚାଳନା କରିବା ନିମନ୍ତେ
**ପି.ପି.ଏମ୍ .ଏସ୍ ପୋର୍ଟାଲର ଉନ୍ମୋଚନ**

ଗ୍ରାମ ପଞ୍ଚାୟତ ଭିତ୍ତିଭୂମିର ଦୃଶ୍ୟକରଣ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ତଥ୍ୟକୁ ପ୍ରାପ୍ତ କରିବା ପାଇଁ
**ପଞ୍ଚାୟତ ମନିଟରିଂ ସିଷ୍ଟମର ଶୁଭାରମ୍ଭ**
**(ପୋର୍ଟାଲ ଓ ମୋବାଇଲ ଆପ୍)**

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ୬୧୩ ଗୋଟି ଗ୍ରାମ ପଞ୍ଚାୟତକୁ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ ନିମନ୍ତେ
**୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ**

**୬ ଲକ୍ଷ** ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ
**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା**ରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ **୧,୩୮,୦୦୦ ଟଙ୍କା** ପର୍ଯ୍ୟନ୍ତ ସବସିଡି ପ୍ରଦାନ
**ଶକ୍ତି ବିଭାଗ, ଓଡ଼ିଶା ସରକାର**

**୪,୧୨୪ କୋଟି ଟଙ୍କା** ମୂଲ୍ୟର **୩୧୪** ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ
**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର**

**୨ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ୨୦୦ କୋଟି** ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ
**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

OIPR: 19001/13/0016/2526

# ଜାତୀୟ ପଞ୍ଚାୟତିରାଜ ଦିବସ

ପ୍ରତିବର୍ଷ ଏପ୍ରିଲ ୨୪ ତାରିଖରେ ପାଳନ ହୋଇଥାଏ ଜାତୀୟ ପଞ୍ଚାୟତିରାଜ ଦିବସ । ପଞ୍ଚାୟତ ରାଜର ଗଠନ ୧୯୯୩ରେ ହୋଇଥିଲା, ଯାହାର ବିଲ୍ ୧୯୯୨ ଡିସେମ୍ବରରେ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇଥିଲା । ଏହାପରେ ୧୯୯୩ ଏପ୍ରିଲ ୨୪ରୁ ଏହା କାର୍ଯ୍ୟକାରୀ ହୋଇଥିଲା, ତେଣୁ ପ୍ରତିବର୍ଷ ଏପ୍ରିଲ ୨୪କୁ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଏ । ୨୦୧୦ରେ ପ୍ରଥମଥର ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏହି ଦିବସ ପାଳନ ପାଇଁ ଘୋଷଣା କରିଥିଲେ । ଏହି ଦିନ ପଞ୍ଚାୟତ ସ୍ତରରେ ଏହି ଦିବସକୁ ପାଳନ କରାଯାଇଥାଏ । ପଞ୍ଚାୟତ ସ୍ତରୀୟ ନିର୍ବାଚନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଏହି ଦିବସରେ ସଚେତନ କରାଯାଇଥାଏ । ଦେଶର ଉନ୍ନତିରେ ପଞ୍ଚାୟତର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଦିବସରେ ଲୋକଙ୍କୁ ବୁଝାଯାଇଥାଏ ।



## ସୋସିଆଲ କୋଟ୍ସ



“ ମୋତେ କ୍ରିକେଟରଙ୍କ ବାୟୋପିକ୍‌ରେ କୌଣସି ଇଣ୍ଟରେଷ୍ଟ ନାହିଁ । ଧୋନିଙ୍କ ବାୟୋପିକ ମଧ୍ୟ ଖୁବ ଶୀଘ୍ର ତିଆରି ହୋଇଛି । ବର୍ତ୍ତମାନ ସେ ଖେଳରେ ଆକ୍ଟିଭ ଅଛନ୍ତି, ତେଣୁ ତାଙ୍କ ବାୟୋପିକ୍ ବର୍ତ୍ତମାନ ପ୍ରସ୍ତୁତ ହେବାର ନଥିଲା ।

**ବିଶାଲ ଭରଦ୍ୱାଜ, ଫିଲ୍ମ ମେକର**



“ ମା’ ସବୁବେଳେ ଭାବନ୍ତି ରାଧିକା ବିନୟ ମୋତେ ସ୍କ୍ରିନ୍‌ରେ ସବୁଠାରୁ ଭଲ ପ୍ରୋଜେକ୍ଟ କରିପାରନ୍ତି । ଯେତେବେଳେ ମା’ ୟାରିଆଁର ସେଟ୍‌କୁ ଆସିଥିଲେ ମୋ ଲୁକ୍‌ର ଖୁବ ପ୍ରଶଂସା କରିଥିଲେ ।

**ଦିବ୍ୟା ଖୋସଲା, ଅଭିନେତ୍ରୀ**

“ ପ୍ରାଇଜ୍ ମନି କେବେ ବି ସଙ୍ଗେସଙ୍ଗେ ମିଳି ନଥାଏ । ବିଗ୍ ବସ୍‌ର ପେମେଣ୍ଟ ମେଥଡ ଅଲଗା । ମୋ ସିଜିନ ସରିବାର ୬ମାସ ପରେ ମୋତେ ପ୍ରାଇଜ ମନି ମିଳିଥିଲା । ସେହିଭଳି ସମୁଦାୟ ଅର୍ଥର ୩୦ ପ୍ରତିଶତ ଟ୍ୟାକ୍ସରେ ମଧ୍ୟ କଟିଥାଏ ।

**ଦିବ୍ୟା ଅଗ୍ରୱାଲ, ଅଭିନେତ୍ରୀ**





# ପରିବେଶ ଉପଯୋଗୀ ଖାଦ୍ୟ


ଯଦି ଆପଣ ନିଜର ଡାଏଟ୍ ସାହାଯ୍ୟରେ ପରିବେଶ ପାଇଁ କିଛି କରିବାକୁ ଚାହୁଁଛନ୍ତି, ତେବେ ଆପଣ ସଷ୍ଟେନେବଲ୍ ଡାଏଟ୍ ବା ପରିବେଶ ଉପଯୋଗୀ ଖାଦ୍ୟକୁ ଆପଣାଇପାରିବେ । ଏହି ଇକୋଫ୍ରେଣ୍ଡଲି ଡାଏଟ୍ ସାହାଯ୍ୟରେ ନିଜେ ସୁସ୍ଥ ରହିବା ସହିତ ପରିବେଶର ମଧ୍ୟ ଭଲ କରିପାରିବେ । ସଷ୍ଟେନେବଲ ଡାଏଟ୍‌ର ଅର୍ଥ ଏହି ଡାଏଟ୍ ଉଭୟ ମଣିଷ ଓ ପ୍ରକୃତି ପାଇଁ ଅନୁକୂଳ ହୋଇଥାଏ । ଯେଉଁ ଖାଦ୍ୟ ଗୁଡିକ ଉଭୟ ଉଦ୍ଭିଦ ଓ ମନୁଷ୍ୟକୁ କ୍ଷତି ପହଞ୍ଚାନଯାଇ ପ୍ରସ୍ତୁତ କରାଯାଇଥାଏ, ସେହିଭଳି ଖାଦ୍ୟକୁ ସଷ୍ଟେନେବଲ ଡାଏଟ୍ କୁହାଯାଇଥାଏ । ଏହି ଡାଏଟ୍‌ରେ ପ୍ଲାଣ୍ଟବେସ୍‌ଡ ଫୁଡ୍‌କୁ ଅଧିକ ଆଡ କରାଯାଇଥାଏ । ଏହି ଡାଏଟ୍‌ରେ ଅଧିକ ମାତ୍ରାରେ ପରିବା, ଫଳ, ଡ୍ରାଏଫ୍ରୁଟ୍ସ ଆଦିକୁ ସାମିଲ କରାଯାଇଥାଏ । ତେବେ ଏହାର ଅର୍ଥ ଭିଗାନ୍ ଡାଏଟ୍ ନୁହେଁ । ଏଥିରେ ଆନିମଲ୍ ବେସ୍ଡ ଫୁଡ୍ ସାମିଲଥାଏ ହେଲେ ଏହାର ମାତ୍ରା କମ ଥାଏ । ତେବେ ସଷ୍ଟେନେବଲ ଡାଏଟର ଅର୍ଥ ଉଦ୍ଭିଦଜାତ ଖାଦ୍ୟରୁ ଅଧିକ ପ୍ରୋଟିନ୍ ଗ୍ରହଣ କରିବା । ଏହି ଡାଏଟ୍‌ରେ ଖୁବ କମ ଆନିମଲ୍ ବେସ୍ଡ୍ ପ୍ରୋଟିନ ବ୍ୟବହାର କରାଯାଇଥାଏ । ଏହି ଡାଏଟ୍‌ରେ ଅଧିକ ରନ୍ଧା ଖାଦ୍ୟର ବ୍ୟବହାର କରାଯାଇଥାଏ । ସଷ୍ଟେନେବଲ୍ ଡାଏଟ୍ କାରଣରୁ ଆମର ଫୁଡୱେଷ୍ଟ କମିବାରେ ଲାଗିଛି । ତେବେ ଏହି ଡାଏଟ୍ ଫଲୋ କରିବା ପୂର୍ବରୁ ଏକ୍ସପର୍ଟଙ୍କ ପରାମର୍ଶ ନିଅନ୍ତୁ ।

୧୮୭୭ – ରୁଷ୍ ଓଟମନ୍ ସାମ୍ରାଜ୍ୟ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିଲା ।
୧୯୧୫ – ଜର୍ମାନ ସେବା ବେଲ୍‌ଜିୟମର ଫ୍ଲେମିସ୍ ପ୍ରଦେଶର ଆଇପର ଅଞ୍ଚଳରେ ବିଷାକ୍ତ କ୍ଲୋରଫର୍ମ ଗ୍ୟାସ ଛାଡିଥିଲା ।
୧୯୨୨ – ଇଟାଲୀର ପ୍ରଖ୍ୟାତ ରାଜନେତା ସୁଜାନ ଆଗ୍ନେଲିଙ୍କ ଜନ୍ମ ।
୧୯୫୬ – ଛତିଶଗଡର ପ୍ରଥମ ମହିଳା କଳାକାର ତଥା ଗାୟିକା ତିଜ୍‌ବାଇଙ୍କର ଜନ୍ମ ।
୨୦୧୧ – ଆଧ୍ୟାତ୍ମିକ ଗୁରୁ ସତ୍ୟ ସାଇ ବାବାଙ୍କର ଦେହାନ୍ତ ।
୨୦୧୩ – ଢାକାରେ ଏକ ବିଲ୍ଡିଂ ଭୁଶୁଡି ୧୧୨୯ ଜଣଙ୍କର ମୃତ୍ୟୁ ଓ ୨୫୦୦ରୁ ଅଧିକ ଆହତ ।

# ରୋବଟ ସ୍କୁବାଡ୍ରାଇଭର

ବିଜ୍ଞାନର ଅଦ୍ଭୁତ ଉଦ୍ଭାବନ ମଧ୍ୟରୁ ରୋବଟ୍ ସର୍ବୋତ୍ତମ । ଏହାକୁ ବ୍ୟବହାର କରି ଅନେକ କାର୍ଯ୍ୟ କରାଯାଇଥାଏ । ରୋବଟ୍ ବିଭିନ୍ନ ସ୍ଥାନ ଯେପରି ରେସ୍ତୋରାଁରେ ଖାଦ୍ୟ ପରଷିବା ଠାରୁ ଆରମ୍ଭ କରି ବିଦ୍ୟାଳୟରେ ପାଠ ପଢାଇବା । ଏଭଳି ଅନେକ କାର୍ଯ୍ୟରେ ରୋବଟ ସାହାଯ୍ୟ କରିଥାଏ । ତେବେ ଏହି ତାଲିକାରେ ଆଉ ଗୋଟିଏ ରୋବୋ ଯୋଡି ହୋଇଛି, ଯିଏ ସମୁଦ୍ରର ଗଭୀର ଜଳରାଶିରେ ସ୍କୁବା ଡାଇଭିଂ କରିପାରିବ । ଏହାକୁ କାଲିଫର୍ଣ୍ଣିଆର ବୈଜ୍ଞାନିକମାନେ ଉଦ୍ଭାବନ କରିଛନ୍ତି । ଯେଉଁ ସ୍ଥାନକୁ ମଣିଷ ପହଞ୍ଚିବା କଷ୍ଟ ସେହି ସ୍ଥାନରେ ଏହି ରୋବଟ୍ ପହଞ୍ଚିବା ସହିତ ଗଭୀରତଳେ ଥିବା ବିଭିନ୍ନ ସାମଗ୍ରୀର ପରୀକ୍ଷଣ ମଧ୍ୟ କରିପାରିବ। ଏହି ରୋବଟକୁ ବାହାରୁ ରିମୋଟରେ ପରିଚାଳନା କରାଯିବା ସହିତ ଏହା ବ୍ୟବହାରକାରୀଙ୍କୁ ଫିଡ୍‌ବ୍ୟାକ ମଧ୍ୟ ପ୍ରଦାନ କରିବ । ଏହାକୁ ବୈଜ୍ଞାନିକମାନେ ଭର୍ଚୁଆଲ ଡ୍ରାଇଭରର ନାଁ ଦେଇଛନ୍ତି । ଏହି ରୋବୋର ଦୁଇଟି ଆଖି ରହିଛି ଯାହା ଏହାକୁ ଥ୍ରୀଡି ଭିଜନ ଦେବାରେ ସକ୍ଷମ, ଏହାସହିତ ରୋବୋର୍ଟର ହାତ ମଧ୍ୟ ରହିଛି । ରୋବଟଟିରେ କମ୍ପ୍ୟୁଟର ଏବଂ ୮ଟି ମଲ୍ଟିଡିରେକ୍ସନାଲ ଥ୍ରଷ୍ଟର ରହିଛି ଯାହା ଏହାକୁ ନାଭିଗେସନ୍‌ରେ ସାହାଯ୍ୟ କରିବ । ସେହିଭଳି ଏହାର ପ୍ରତ୍ୟେକ କଟଟିରେ ଏକ ସେନସର ରହିଛି ଯାହା ସାହାଯ୍ୟରେ ସେ ପାଣି ଭିତରର ଘଟଣା ସମ୍ପର୍କରେ ସୂଚନା ଦେଇପାରିବ । ଏଥିରେ ଏକ ବ୍ରେନ୍ ମଧ୍ୟ ରହିଛି, ଯାହାର ବ୍ୟାଟେରୀ ରୋବଟ୍‌ର ଲାଞ୍ଚରେ ସଂଯୋଗ କରାଯାଇଛି ।





# ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପ୍ଳବ ଆଣିବ ଏଆଇ

ବର୍ତ୍ତମାନ ଏଆଇ ଆମର ବିଭିନ୍ନ କ୍ଷେତ୍ରରେ ପ୍ରଭାବ ପକାଇବାରେ ଲାଗିଛି । ଏହା ବିଭିନ୍ନ କ୍ଷେତ୍ରରେ କାମ କରିବାର ଶୈଳୀକୁ ବଦଳାଇଛି । ନିକଟରେ ଗୁଗୁଲ ଡିପ୍‌ମାଇଣ୍ଡର ସିଇଓ ଡେମିସ୍ ହାସିବ୍ ଏକ ମନ୍ତବ୍ୟ ଦେଇଛନ୍ତି ଯାହା ଭାଇରାଲ ହେବାରେ ଲାଗିଛି । ତାଙ୍କ ମତରେ ଆଗକୁ ୧୦ ବର୍ଷ ଭିତରେ ହୋଇପାରେ ଏଆଇ ସମସ୍ତ ରୋଗକୁ ଶେଷ କରିଦେବ । ଦୁନିଆରୁ ରୋଗ ବୈରାଗ ଶେଷ ହୋଇଯିବ ବୋଲି ସେ ଦାବି କରିଛନ୍ତି । ବର୍ତ୍ତମାନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏଆଇର ବ୍ୟବହାର ଏକ ବିପ୍ଳବ ଆଣିଛି । ଏଭଳି ଅନେକ ଉପକରଣର ସୃଷ୍ଟି ହୋଇଛି ଯାହା ସ୍ୱାସ୍ଥ୍ୟ କ୍ଷେତ୍ରକୁ ଖୁବ ଉନ୍ନତ ଓ ଆଗକୁ ନେଇଛି । ତେଣୁ ଆସନ୍ତା ୧୦ ବର୍ଷରେ ଏଆଇକୁ ବ୍ୟବହାର କରି ସମସ୍ତ ରୋଗକୁ ଭଲ କରି ହେବ ବୋଲି ସେ ମତ ଦେଇଛନ୍ତି । ଏଭଳି ଔଷଧ ଏଆଇକୁ ବ୍ୟବହାର କରି ନିର୍ମାଣ ହେବ ଯାହା ରୋଗକୁ ନାଶ କରିବାରେ ସହାୟକ ହେବ ।

# ଚଟାଣରେ ଆକ୍ୱାରିୟମ୍

ସମସ୍ତେ ଚାହାନ୍ତି ନିଜ ଘରକୁ ୟୁନିକ୍ ଲୁକ୍ ଦେବାକୁ ଯେଉଁଥିପାଇଁ ସମସ୍ତେ ବିଭିନ୍ନ ପ୍ରକାରର ଆଇଡିଆ ଲଗାନ୍ତି । ତେବେ ନିକଟରେ ଏକ ଘରର ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଥିବା ଘରର ଚଟାଣ ହଠାତ୍ ସାଧାରଣ ଲାଗୁଛି ହେଲେ କିଛି ସମୟରେ ପରେ ଏହା ୟୁନିକ୍ ବୋଲି ଜଣା ପଡୁଛି । ଏହାର ଚଟାଣରେ ରହିଛି ଏକ ସୁନ୍ଦର ଆକ୍ୱାରିୟମ, ଯେଉଁଥିରେ ମାଛ



ଖୁବ ଆରାମରେ ଖେଳୁଛନ୍ତି । ଚଟାଣଟି ଦେଖିବାକୁ ଖୁବ ସୁନ୍ଦର ଓ ଇନୋଭେଟିଭ୍ ହୋଇଛି । ସୋସିଆଲ ମିଡିଆରେ ଲୋକମାନେ ଭିଡିଓଟିକୁ ଖୁବ ପସନ୍ଦ କରୁଥିବାର ଦେଖିବାକୁ ମିଳୁଛି । ପ୍ରଥମେ ଇଟାର ଚଟାଣ ଓ ତାପରେ ଟାଇଲ୍ ପକାଯାଇଛି, ଯାହାପରେ ଆକ୍ୱାରିୟମ ତିଆରି କରାଯାଇଛି ଯାହାର ଉପରିଭାଗରେ ଏକ କାଚର କଭର ରହିଛି ।

# କେମିକାଲ୍‌ଠୁଁ ରୁହନ୍ତୁ ଦୂରରେ

ଆଜିକାଲି ବିନା ସାବୁନ୍, ସାମ୍ପୋ ଓ ପେଷ୍ଟରେ ବଞ୍ଚିବା କଷ୍ଟ । ଏହି ସବୁ ସାମଗ୍ରୀ ବିନା ଦୈନନ୍ଦିନ ଜୀବନ ଆରମ୍ଭ ହୋଇନଥାଏ । ହେଲେ ୪୧ ବର୍ଷୀୟ ବ୍ରିଟାନୀ ବ୍ଲାଣ୍ଡ କିନ୍ତୁ ଅନେକ ବର୍ଷ ହେବ ଏ ସମସ୍ତ ସାମଗ୍ରୀ ବିନା ନିଜ ଜୀବନ ବଞ୍ଚୁଛନ୍ତି । ସେ ନିଜକୁ ସଫା ରଖିବାକୁ କେବଳ ପ୍ରାକୃତିକ ଉପାୟ ବ୍ୟବହାର କରୁଥିବା ସୂଚନା ଦେଇଛନ୍ତି । ସେହିଭଳି ସେ ଏହି ସାମଗ୍ରୀ ଛାଡିବା ପରେ ବେଶି ସୁସ୍ଥ ଓ ସଫା ରହୁଥିବା ପ୍ରକାଶ କରିଛନ୍ତି । ତାଙ୍କୁ ଏକ ସ୍ୱାସ୍ଥ୍ୟ ସମସ୍ୟା ରହିଛି ଯାହାର ନାଁ ଇଡିଏସ୍ ବା ଏହଲର୍ସ – ଡାନଲୋସ୍ ସିଣ୍ଡ୍ରୋମ । ଯାହାପରେ ସେ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଖୁବ ଚେଷ୍ଟା କରିଥିଲେ, ଏବଂ ପେଷ୍ଟ, ସାବୁନ୍, ସାମ୍ପୋ ଆଦି ବ୍ୟବହାର କରିବା ବନ୍ଦ କରିଦେଇଥିଲେ । ଏହାପରେ ସେ ନିଜକୁ ପ୍ରାକୃତିକ ଉପାୟରେ ସଫା ରଖିବା ଆରମ୍ଭ କରିଥିଲେ ଏବଂ ଏହାର ସକରାତ୍ମକ ପ୍ରଭାବ ନିଜ ଜୀବନରେ ଦେଖିବାକୁ ପାଇଥିଲେ । ବର୍ତ୍ତମାନ ସେ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ପ୍ରେରିତ କରୁଛନ୍ତି । କେମିକାଲ ବିହିନ ଜୀବନ ଖୁବ ସୁଖକର ବୋଲି ସେ ମତ ଦେଇଛନ୍ତି ।





# ସିନେମା ସିନ୍ ପାଇଁ ମିଳିଥିଲା ନୋଟିସ

ଐଶ୍ୱର୍ଯ୍ୟା ରାୟଙ୍କ ଗଣତି ଇଣ୍ଡଷ୍ଟ୍ରୀର ଭର୍ସାଟାଇଲ୍ ଅଭିନେତ୍ରୀଙ୍କ ଭିତରେ ହୋଇଥାଏ । ନିକଟରେ ତାଙ୍କର ଏକ ପୁରୁଣା ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ତାଙ୍କୁ ଫିଲ୍ମ ପାଇଁ ନୋଟିସ୍ ମିଳିଥିବା ପ୍ରକାଶ କରିଛନ୍ତି । ଧୁମ୍ ୨ରେ କିସିଂ ସିନ୍‌ପାଇଁ ତାଙ୍କୁ ନୋଟିସ୍ ମିଳିଥିବା ନେଇ ଐଶ୍ ଏହି ଭିଡିଓରେ ପ୍ରକାଶ କରିଛନ୍ତି । ତେବେ କିସିଂ ଓ ଇଣ୍ଟିମେଟ୍ ସିନ୍ ପାଇଁ ସେ କେବେ ବି କମ୍ଫଟେବଲ ନଥିଲେ, ଯେଉଁକାରଣରୁ ସେ ଅନେକ ହଲିଉଡ ପ୍ରୋଜେକ୍ଟ ରିଜେକ୍ଟ ମଧ୍ୟ କରିଥିଲେ । ହେଲେ ପରେ ସେ ନିଜ ଇଣ୍ଡଷ୍ଟ୍ରୀରେ ଏଭଳି ସିନ୍ କରିବାକୁ ନିଷ୍ପତ୍ତି ନେଇଥିଲେ, ଏବଂ ଧୁମ୍ ୨ରେ ଏକ କିସିଂ ସିନ୍‌ରେ ଅଭିନୟ କରିଥିଲେ । ହେଲେ ପରେ ଏହାର ଖୁବ ବଡ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏଥିପାଇଁ ତାଙ୍କୁ ନୋଟିସ୍ ମଧ୍ୟ ମିଳିଥିଲା । ଏହି ନୋଟିସ୍ ତାଙ୍କର କିଛି ପ୍ରଶଂସକ ତାଙ୍କୁ ପଠାଇଥିଲେ । ଯେଉଁମାନେ ନିଜ ଝିଅମାନଙ୍କୁ ଐଶ୍ୱର୍ଯ୍ୟାଙ୍କର ଉଦାହରଣ ସବୁବେଳେ ଦେଇଥାଆନ୍ତି । ତେଣୁ ତାଙ୍କର ଏଭଳି ସିନ୍ ସେମାନଙ୍କ ଝିଅଙ୍କ ଉପରେ ଖରାପ ପ୍ରଭାବ ପକାଇବ ତେଣୁ ସେମାନେ ତାଙ୍କୁ ନୋଟିସ ପଠାଇଥିଲେ । ସୂଚନା ଅନୁସାରେ ୨୦୦୬ରେ ଧୁମ୍ ୨ ରିଲିଜ୍ ହୋଇଥିଲା, ଯେଉଁଥିରେ ଐଶ୍ ହ୍ରିତିକ୍‌ଙ୍କ ସହିତ ନଜର ଆସିଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୯୭
ତିଥି : ଏକାଦଶୀ
୨୪ ଏପ୍ରିଲ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 197
24 April 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଆତଙ୍କୀ ହମ୍‌ଲା ପରେ ପାକିସ୍ତାନ ଦୁର୍ଦ୍ଦଶା ବଢ଼ିଲା

# ପାକିସ୍ତାନୀଙ୍କୁ ଚେତାବନୀ: ୪୮ ଘଣ୍ଟାରେ ଭାରତ ଛାଡ଼

ନୂଆଦିଲ୍ଲୀ,୨୩।୪ : ପହଲଗାମ ଭୟାବହ ଆତଙ୍କୀ ହାମଲା ପରେ ଭାରତ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ପାକିସ୍ତାନକୁ କୁଟନୈତିକସ୍ତରରେ ଦୃଢ଼ ଜବାବ ଦିଆଯାଇଛି ।

ଏହି ପରିପ୍ରେକ୍ଷୀରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ୫ ବଡ଼ ଘୋଷଣା କରାଯାଇଛି । ପାକିସ୍ତାନ ସମର୍ଥିତ ଆତଙ୍କୀ ସଂଗଠନର ଏହି ଆକ୍ରମଣ ପରେ ସବୁ ପାକିସ୍ତାନୀଙ୍କ ଭିସାରଦ୍ଦ ପାଇଁ ବୈଦେଶିକ ବ୍ୟାପାରମନ୍ତ୍ରଣାଳୟ ନିଷ୍ପତି ନେଇଛି । ନିଷ୍ପତ୍ତି ଅନୁଯାୟୀ ସିନ୍ଧୁନଦୀ ଜଳଚୁକ୍ତିକୁ ସ୍ଥଗିତ ରଖାଯାଇଛି । ଏହି ଚୁକ୍ତି ଅନୁଯାୟୀ ପାକିସ୍ତାନ ଏହି ନଦୀରୁ ୩୯ ବିଲିୟନ ଘନମିଟର ପାଣି ନେଉଥିଲା । ଏହି ନଦୀ ଦୁଇ ଦେଶ ମଧ୍ୟରେ ରହିଥିଲା । ଅଟାରୀ-ୱାଘା ସୀମାକୁ ବନ୍ଦ କରାଯାଇଛି । ଏହି ସୀମାଟି ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟକ କାରବାର ପାଇଁ ପ୍ରମୁଖ ସ୍ଥାନ ଥିଲା । ଦୂତବାସ କର୍ମଚାରୀଙ୍କ ସଂଖ୍ୟା ୩୦କୁ ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ୫୫ କର୍ମଚାରୀ କାର୍ଯ୍ୟରତ ଥିଲେ । କୌଣସି ପାକିସ୍ତାନ ନାଗରିକଙ୍କୁ ଭାରତୀୟ ଭିସା ଦିଆଯିବ ନାହିଁ । ପାକିସ୍ତାନୀ ନାଗରିକଙ୍କ ଭାରତ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଛି । ଏହି ନିଷେଧାଦେଶ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲାଗୁ କରାଯାଇଛି । ଏହାଛଡା ପାକିସ୍ତାନ ହାଇକମିଶନରେ କାର୍ଯ୍ୟରତ ସମସ୍ତ ସାମରିକ ଉପଦେଷ୍ଟାଙ୍କୁ ବହିଷ୍କାର କରାଯାଇଛି । ତେବେ ଆସନ୍ତାକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ (୯ ପୃଷ୍ଠାରେ)



ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ସମ୍ପର୍କିତ ସୁରକ୍ଷା କମିଟି ବୈଠକ

- ସିନ୍ଧୁ ନଦୀ ଜଳଚୁକ୍ତି ସ୍ଥଗିତ
- ସବୁ ପାକିସ୍ତାନୀଙ୍କ ଭିସା ରଦ୍ଦ
- ଦୂତାବାସ କର୍ମଚାରୀଙ୍କ ସଂଖ୍ୟା ୩୦କୁ ହ୍ରାସ
- ଅଟାରୀ-ୱାଘା ସୀମା ସିଲ
- ଆଜି ସର୍ବଦଳୀୟ ବୈଠକ
- ପାକ୍ ହାଇକମିଶନରଙ୍କ ସେନା ଉପଦେଷ୍ଟା ବହିଷ୍କୃତ

## ସେମାନଙ୍କୁ ଛଡା ଯିବ ନାହିଁ: ରାଜନାଥ

ନୂଆଦିଲ୍ଲୀ,୨୩।୪: ପହଲଗାମରେ ଗତକାଲି ଛାତିଥରା ଆତଙ୍କୀ ଆକ୍ରମଣ ଘଟଣାକୁ ନେଇ ଭାରତ କଡ଼ା ଜବାବ ଦେବ ବୋଲି ପ୍ରସ୍ତୁତ ହୋଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି କ୍ରମରେ ଏକ ଉଚ୍ଚସ୍ତରୀୟ ବୈଠକ ସେନା ବିଭାଗ ଅଧିକାରୀଙ୍କ ସହ କରିଛନ୍ତି । ଯେଉଁମାନେ ଏହି ଘୃଣ୍ୟ କାର୍ଯ୍ୟ ପାଇଁ ଦାୟୀ ନିକଟ ଭବିଷ୍ୟତରେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କାହାରିକୁ ଛଡା ଯିବ ନାହିଁ । ଏହି ଘଟଣା ପଛରେ ଯେଉଁମାନେ ରହି ଷଡଯନ୍ତ୍ର କରିଛନ୍ତି ଭାରତ ସେମାନଙ୍କୁ ଚିହ୍ନଟ କରିବ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଶ୍ରୀ ସିଂହ କହିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଭାରତ ମାଟିରେ ଯେଉଁମାନେ ଏଭଳି ଷଡଯନ୍ତ୍ର କରି ଏହି ଘୃଣ କାର୍ଯ୍ୟ କରିବାର (୯ ପୃଷ୍ଠାରେ)

## ପହଲଗାମ ମୃତକଙ୍କ ସୂଚୀ ଜାରି

ନୂଆଦିଲ୍ଲୀ,୨୩।୪ : ପହଲଗାମ ଆତଙ୍କୀ ଆକ୍ରମଣ ଘଟଣାରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକମାନଙ୍କର ସୂଚୀ ଜାରି କରାଯାଇଛି । ୨୬ ପର୍ଯ୍ୟଟକଙ୍କ ସୂଚୀ ଜାରି ହୋଇଛି । ଏହି ସୂଚୀରେ ସୁଶୀଲ ନୈତାଲ, ସୟଦ ଅଦୁଲ ହୁସେନ ଶାହା, ହେମନ୍ତ ସୁହାସ ଯୋଶୀ, ବିନୟ ନରୱାଲ, ଅତୁଲ ଶ୍ରୀକାନ୍ତ ମୋନି, ନିରଜ ଉଦ୍ଧାୟନୀ, ବିଟାନ ଅଧିକାରୀ, ସୁଦୀପ ନ୍ୟୁପେନ, ଶୁଭମ ଦିୱେଦୀ, ପ୍ରଶାନ୍ତ ଶତପଥୀ, ମନୀଶ ରଞ୍ଜନ, ଏମ ରାମ ଚନ୍ଦ୍ର, ସଞ୍ଜୟ ଲକ୍ଷ୍ମଣ ଲାଲି, ଦିନେଶ ଅଗ୍ରୱାଲ, ସମୀର ଗୋହାଲ, ଦିଲ୍ଲୀପ ଦଶାଲି, ସଚିନ୍ଦ୍ର ମୋଲି, ମଧୁସୂଦନ ସୋମେଷ୍ଟି, ସନ୍ତୋଷ ଜାଘେଡାଲ, ମଞ୍ଜୁନାଥ ରାଓ, କୌଶଭ ଜ୍ଞାନଭାଟେ, ଭାରତଭୂଷଣ, ସ୍ମୃତି ପ୍ରାମର, ୱାତେସ ପ୍ରାମର ଏବଂ ବାୟୁସେନାର କର୍ମଚାରୀ ତେଗହେଲି ଏବଂ ଶୈଳେଶ ଭାଇ, ଏଚ ହିମତ ଭାଇ ମୃତ୍ୟୁବରଣ କରିଛନ୍ତି ।

## ପ୍ରଶାନ୍ତଙ୍କ ଗ୍ରାମରେ ଶୋକରଛାୟା

### ଅନ୍ତିମ ସତ୍କାରରେ ଯୋଗଦେବେ ମୁଖ୍ୟମନ୍ତ୍ରୀ



ବାଲେଶ୍ୱର,୨୩।୪ (ସବ୍ୟୁ): ମଙ୍ଗଳବାର ଦିନ ଜାମୁକାଶ୍ମୀର ପହଲଗାମ ଠାରେ ଆତଙ୍କବାଦୀଙ୍କ ଅତର୍କିତ ଗୁଳିମାଡ଼ରେ ୨୮ଜଣଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନେକ ଗୁରୁତର ଆହତ ହୋଇ ଚିକିତ୍ସତ ହେଉଛନ୍ତି । ମୃତକଙ୍କ ମଧ୍ୟରେ

#### ପ୍ରଶାନ୍ତଙ୍କ ଭାଇ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ବାଲେଶ୍ୱର ସଦରଥାନା ଅଧିନସ୍ଥ ଇଶାଣୀ ଗ୍ରାମର ସିପେଟରେ ଚାରିକୀ କରୁଥିବା ପ୍ରଶାନ୍ତ କୁମାର ଶତପଥୀ (୪୦) ଅନ୍ତର୍ଭୁକ୍ତ। ତାଙ୍କର ମୃତ୍ୟୁଖବର ପହଞ୍ଚିବା ପରେ ବାଲେଶ୍ୱର ସହର ସମତେ ତାଙ୍କ ଗ୍ରାମ ଇଶାଣୀରେ ଶୋକରଛାୟା ଖେଳି ଯାଇଛି । (୯ ପୃଷ୍ଠାରେ)

## କ୍ୟାବିନେଟ୍‌ରେ ୬ ପ୍ରସ୍ତାବ ଅନୁମୋଦିତ



ଭୁବନେଶ୍ୱର,୨୩।୪ (ସବ୍ୟୁ): ଅଙ୍ଗନୱାଡ଼ି ସୁପର ଭାଇଜର ନିଯୁକ୍ତି କ୍ଷେତ୍ରରେ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ କିମ୍ବା ସମାନ ଯୋଗ୍ୟତା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଏବେ ଜରୁରୀ ହେବ । ତେବେ ପୂର୍ବ ନିଯୁକ୍ତ ଯୋଗ୍ୟତା ଅନୁଯାୟୀ ଏହି ପଦବୀରେ କାର୍ଯ୍ୟ କରିଆସୁଥିବା ଅଙ୍ଗନୱାଡ଼ି କର୍ମୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍ ୬ ପ୍ରସ୍ତାବକୁ ଆଜି ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅବକାରୀ ବିଭାଗର ଦୁଇ ପ୍ରସ୍ତାବ ସମେତ ଜଳସମ୍ପଦ ବିଭାଗ, ଅନୁସୂଚୀତ ଜାତି ଓ ଜନଜାତି ବିଭାଗ, ମହିଳ ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମତି ମିଳିଛି । କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ମନୋଜ ଆହୁଜା କହିଥିଲେ ଯେ ଓଡ଼ିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ ୨୦୨୪ ଅନୁମୋଦନ କରାଯାଇଛି । ପୂର୍ବରୁ ଅଙ୍ଗନୱାର୍ଡି କର୍ମୀଙ୍କୁ ସୁପରଭାଇଜର ଭାବେ ଚୟନ ଭିତ୍ତିକ ପଦ୍ଧତିରେ ମ୍ୟାଟ୍ରିକ୍ ଓ ତତୁଲ୍ୟ ପରୀକ୍ଷାରେ ଉତୀର୍ଣ୍ଣ ଆବଶ୍ୟକ ଥିଲା । ଏବେ ଏହାର ସଂଶୋଧନ କରାଯାଇଛି ଏଣିକି ଚୟନ ଭିତ୍ତିକ ପରୀକ୍ଷା ଲାଗି ସ୍ନାତକରେ ଉତୀର୍ଣ୍ଣ ହୋଇଥିବା ଜରୁରୀ । ସେହିପରି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଟି କେନ୍ଦୁଝର ଜିଲ୍ଲାର ବୈତରଣୀ ବାମପାର୍ଶ୍ୱ କେନାଲର ୨୮.୫୦ କି.ମି ମଧ୍ୟରେ ୨୨୨୧ ହେକ୍ଟର ଏବଂ ବୈତରଣୀ ଦକ୍ଷିଣପାର୍ଶ୍ୱ କେନାଲର ୧୨୩୧ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯାଇପାରିବ । ଏହି ପ୍ରକଳ୍ପ ପାଇଁ ୧୦୮ କୋଟି ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି ଓ ୧୮ ମାସରେ ପ୍ରକଳ୍ପ ସରିବ । ଅନୁସୂଚୀତ ଜାତି ଓ ଜନଜାତି ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗର ବିଭାଗର ଓଡ଼ିଶା ଅଧସ୍ଥନ ମଙ୍ଗଳ ସେବା ପୁନର୍ଗଠନ କରାଯାଇଛି । ବିଭିନ୍ନ ପାହ୍ୟାରେ ୨୪ ନୂତନ ପଦବୀ ସୃଷ୍ଟି କରାଯାଇଛି । ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପାହ୍ୟାରେ ୨, ଉପନିର୍ଦ୍ଦେଶକ ପାହ୍ୟାରେ ୧୧, ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାରେ ୮ ଓ ଅତିରିକ୍ତ ନିର୍ଦ୍ଦେଶକ ପାହ୍ୟାରେ ୩ ଅତିରିକ୍ତ ପଦବୀ ସୃଷ୍ଟି ହୋଇଛି । ସେହିପରି ଜରୁରୀକାଳୀନ ଆମ୍ବୁଲାନ୍ସ ଯୋଜନାରୁ ୨୦୨୩-୨୪ରୁ ୨୦୦୭-୨୮ କାର୍ଯ୍ୟକାରୀ କରିବାକୁ ଅନୁମୋଦନ ମିଳିଛି । ୫ ମାସ ବର୍ଷରେ ଏହି ଯୋଜନା ପାଇଁ ୨୩୯୮୪୫.୨୬ ଲକ୍ଷ ବ୍ୟୟବରାଦକୁ (୯ ପୃଷ୍ଠାରେ)

- ଅଙ୍ଗନୱାଡ଼ି ସୁପରଭାଇଜର ଲାଗି ସ୍ନାତକ ଡିଗ୍ରୀ
- ଆମ୍ବୁଲାନ୍ସ ସେବା ଲାଗି ୫ ବର୍ଷ ପାଇଁ ୨୩୯୮ କୋଟି
- ଏସ୍‌ସି/ଏସ୍‌ଟି ବିଭାଗରେ ୨୪ ନୂଆ ପଦବୀ
- ଆନନ୍ଦପୁର ଜଳସେଚନ ପ୍ରକଳ୍ପକୁ ୧୦୮ କୋଟି
- ଓଡ଼ିଶା ନିମ୍ନ ଅବକାରୀ ସେବା ନିୟମ ସଂଶୋଧନ

# ଆଉ ୩ ଦିନ ଜାରି ରହିବ ରୌଦ୍ରତାପ

ଭୁବନେଶ୍ୱର,୨୩।୪ (ସବ୍ୟୁ) : ରାଜ୍ୟରେ ଭୟଙ୍କର ତାତି ଜାରି ରହିଛି। ପଶ୍ଚିମ ଓଡିଶାରେ ୪୩° ଉପରେ ପାରଦ ରହିଥିବା ବେଳେ ଆଜି ମଧ୍ୟ ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୪° ସେଲ୍‌ସିୟସ୍ ରହିଛି। ଏହା ସହ ୪୩° ଉପରେ ୭ ସହରର ତାପମାତ୍ରା ରହିଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡିଶାରେ ଗ୍ରୀଷ୍ମ ପ୍ରଭାବ ଜାରି ରହିବ। ଏମିତି ଆକଳନ କରିଛି ପାଣିପାଗ ବିଭାଗ।

- ଝାରସୁଗୁଡା ତାପମାତ୍ରା ୪୫.୪°

ପାଣିପାଗ ବିଭାଗ କହିବା ଅନୁସାରେ, ଟିଟ୍‌ଲାଗଡରେ ସର୍ବୋଚ୍ଚ ତାପମାତ୍ରା ୪୪° ଥିବାବେଳେ ସମ୍ବଲପୁର ଓ ବୌଦ୍ଧ ୪୩.୮°, ବଲାଙ୍ଗିରରେ ୪୩.୭°, ସୁନ୍ଦରଗଡ ଓ ହୀରାକୁଦରେ ୪୩.୪° ତାପମାତ୍ରା ରେକର୍ଡ ହୋଇଛି। ତେବେ ଭୁବନେଶ୍ୱରର ତାପମାତ୍ରା ୪୦° ତଳେ ରହିଥିଲେ ମଧ୍ୟ ପାଖାପାଖି ୪୫° ର ତାତି ଅନୁଭୂତ ହୋଇଥିଲା। କାରଣ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ଆର୍ଦ୍ରତା ୫୦° ଉପରେ ରହୁଥିବା କାରଣରୁ ତାପମାତ୍ରା କମ୍ ରହିଥିଲେ ମଧ୍ୟ ୫ରୁ ୧୦° ପର୍ଯ୍ୟନ୍ତ ଅଧିକ ଅନୁଭୂତ ହେଉଛି। ଆଜି (ବୁଧବାର) ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୭.୬° ରେକର୍ଡ କରାଯାଇଛି।

ଏହି ସକାଳୁଆ ତାପମାତ୍ରା କମିବା ଶୁଷ୍କତା ବୃଦ୍ଧିକୁ ବି ଦର୍ଶାଇଥାଏ । ବାୟୁମଣ୍ଡଳରେ ଜଳୀୟବାଷ୍ପ କମିବା ଦ୍ୱାରା ରାତ୍ରି ତାପମାତ୍ରାରେ ହ୍ରାସ ଘଟେ । କିନ୍ତୁ ଶୁଷ୍କତା ହେତୁ ଉଚ୍ଚ ଦିନ ତାପମାତ୍ରା (୯ ପୃଷ୍ଠାରେ)

## ଅଂଶୁଘାତରେ ୬୬ ଅସୁସ୍ଥ

ଭୁବନେଶ୍ୱର,୨୩।୪(ସବ୍ୟୁ): ରାଜ୍ୟର ବିଭିନ୍ନ ହସ୍ପିଟାଲରେ ୬୬ ଜଣ ଅଂଶୁଘାତ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅଂଶୁଘାତ ଯୋଗୁ କୌଣସି ମୃତ୍ୟୁ ସରକାରୀ ଭାବରେ ନିଶ୍ଚିତ ହୋଇନାହିଁ । ସ୍ୱାସ୍ଥ୍ୟ ବିଭାଗ ଏପର୍ଯ୍ୟନ୍ତ ଅଂଶୁଘାତ ସହିତ ସିଧାସଳଖ ଜଡିତ ମୃତ୍ୟୁର ଅନ୍ୟ କୌଣସି ଯାଞ୍ଚ୍ ରିପୋର୍ଟ ପାଇନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି ।

ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇବା ଜାରି ରହିଛି। ଯାହା ଫଳରେ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ହାଇ-ଆଲର୍ଟ ପରାମର୍ଶ ଜାରି କରିଛନ୍ତି । ଅତି ଜରୁରୀ ନଥିଲେ, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗରମ ସମୟରେ ଘର ଭିତରେ ରହିବାକୁ ନାଗରିକମାନଙ୍କୁ ଅନୁରୋଧ କରାଯାଉଛି। ବାହାରକୁ ବାହାରିବା (୯ ପୃଷ୍ଠାରେ)

## ୩ ସିଭିଲ୍ ଜଜ୍ କୋର୍ଟ ସ୍ଥାପନ

ଭୁବନେଶ୍ୱର,୨୩।୪ (ସବ୍ୟୁ): ରାଜ୍ୟରେ ଗଠିତ ହୋଇଛି ୩ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍) । ଏହି କୋର୍ଟ ଗୁଡିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସୁନ୍ଦରଗଡ ଜିଲ୍ଲାର ଲେଫ୍ରିପଡା, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଠାରେ ସ୍ଥାପନ କରାଯାଇଛି । ଓଡିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟ ଗୁଡିକ ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ତିନୋଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ଗୁଡିକର ଅଧିକାର ସମାପ୍ତ ହେଲା ।

## ୨୭ ରୁ କାଳବୈଶାଖୀ ବର୍ଷା

ଭୁବନେଶ୍ୱର,୨୩।୪ (ସବ୍ୟୁ): ରାଜ୍ୟରେ ଉପକୂଳ ଜିଲ୍ଲାରେ ବଙ୍ଗୋପସାଗରୀୟ ଦକ୍ଷିଣପଶ୍ଚିମା ପବନ ବୋହୁଛି। ତେବେ ୨୭ ତାରିଖରୁ ପବନର ଦିଗ ପରିବର୍ତ୍ତନ ହୋଇ ସାରା ଓଡିଶାରେ ପୂର୍ବା ପବନ ବୋହିବ। ପାଣିପାଗ ବିଜ୍ଞାନି ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରି କହିଛନ୍ତି ୨୭ ରୁ କାଳବୈଶାଖୀ ବର୍ଷା ଆରମ୍ଭ ହେବ । ଏହା ମେ ୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହା ଦ୍ୱାରା ସାରା ଓଡିଶାରେ ବର୍ଷା ହେବ। ଉପକୂଳ ଜିଲ୍ଲାରେ ଅଧିକ ବର୍ଷା ହେବାର ସମ୍ଭାବନା ଅଛି। ଭଦ୍ରକ ଓ ସଂଲଗ୍ନ ଜିଲ୍ଲା , ଗଞ୍ଜାମ ଏବଂ ସଂଲଗ୍ନ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଅଧିକ ଦେଖିବାକୁ ମିଳିବ। ୨୮ରୁ ମେ ୧ ତାରିଖ ଭିତରେ ଅଧିକ ବର୍ଷା ହୋଇପାରେ। ୨୭ ରୁ ସାରା ରାଜ୍ୟରେ ତାପମାତ୍ରା କମିବ। ୨୯ ସୁଦ୍ଧା ପଶ୍ଚିମ ଓଡିଶାରେ ୫ରୁ ୬° ସେଲ୍‌ସିୟସ୍ କମିବାର ସମ୍ଭାବନା ରହିଛି। ଭୁବନେଶ୍ୱରରେ ତାପମାତ୍ରା ୩° ସେଲ୍‌ସିୟସ୍ ପର୍ଯ୍ୟନ୍ତ କମିପାରେ ବୋଲି ପୂର୍ବାନୁମାନ କରିଛନ୍ତି ଶ୍ରୀ ପଶୁପାଳକ ।

# ପୂର୍ତ୍ତ ବିଭାଗ ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ'ର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

## ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ବାସ୍ତବ ସମୟ ତଦାରଖ ହେବ



ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଆଜି ପୂର୍ତ୍ତ ବିଭାଗର ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡ'ର ଉନ୍ମୋଚନ କରିଛନ୍ତି । ଏହା ଦ୍ୱାରା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ବାସ୍ତବ ସମୟରେ ତଦାରଖ କରାଯାଇ ପାରିବ ଏବଂ ପ୍ରକଳ୍ପ ଗୁଡିକ ନିର୍ଭୁଲ ଭାବରେ କାର୍ଯ୍ୟକାରୀ ହେବା ସହିତ ଏଥିରେ ଅଧିକ ଦକ୍ଷତା ଆସି ପାରିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି । ପୂର୍ବରୁ ଯେଉଁ ମନିଟରିଂ ସିଷ୍ଟମ ଥିଲା, ସେଥିରେ ସୂଚନା ଗୁଡିକ ଠିକ୍ ଭାବେ ଆସି ପାରୁନଥିଲା, କାର୍ଯ୍ୟର ଅଗ୍ରଗତି ମନ୍ଥର ହେଉଥିଲା ଏବଂ ତା'ସହିତ ନିଷ୍ପତ୍ତି ନେବାରେ ମଧ ବିଳମ୍ବ ହେଉଥିଲା ।

ଏହି ଉନ୍ନତ ଜିଆଇଏସ୍ ଡ୍ୟାସବୋର୍ଡ ମାଧମରେ ସମସ୍ତ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ସାର୍ବଜନୀନ ସମ୍ପତ୍ତି ଏବଂ ଚାଲୁରହିଥିବା ପ୍ରକଳ୍ପ ଗୁଡ଼ିକର ସଦ୍ୟ ଚିତ୍ର ଦେଖିହେବ । ଜିଲ୍ଲା ଏବଂ ବ୍ଲକସ୍ତରରେ ଥିବା ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ମଧ ସବିଶେଷ ତଥ୍ୟ ଜାଣିହେବ । ଏହା ସହିତ ଏହିସବୁ ପ୍ରକଳ୍ପ ଗୁଡିକ ପାଇଁ ସଠିକ୍ ସ୍ଥାନ ନିରୂପଣ କରିବାକୁ ରାସ୍ତା ଏବଂ ସାଟେଲାଇଟ୍ ମ୍ୟାପ୍ ମଧ ଦେଖିହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ତେଣୁ ଏହି ବ୍ୟବସ୍ଥାରେ ଅଧିକ ଆର୍ଥିକ ସ୍ୱଚ୍ଛତା ଆସିପାରିବ ବୋଲି ସେ କହିଥିଲେ ।

ଡ୍ୟାସ୍ ବୋର୍ଡରେ ଥିବା ଇସ୍ୟୁ ଟ୍ରାକର ବ୍ୟବସ୍ଥା ଦ୍ୱାରା ପ୍ରକଳ୍ପ ଗୁଡ଼ିକର ଜମି ଅଧିଗ୍ରହଣ ସମସ୍ୟା, ଜଙ୍ଗଲ ଜମି ସମସ୍ୟା ଏବଂ ଜବରଦଖଲ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ସଠିକ୍ ତଦାରଖ କରାଯାଇପାରିବ । ଲାଇଭ୍ ପ୍ରୋଜେକ୍ଟ ଟ୍ରାକିଂ, ଆର୍ଥିକ ତଦାରଖ, ସକ୍ରିୟ ବିପଦ ସତର୍କତା ଏବଂ କାର୍ଯ୍ୟଦକ୍ଷତା ନିରୀକ୍ଷଣ ସୁବିଧା ଦ୍ୱାରା ପ୍ରକଳ୍ପକୁ ନେଇ ନିଷ୍ପତ୍ତି ଗ୍ରହଣ କରିବା ଆହୁରି ସହଜ ହେବ । ପ୍ରୋଜେକ୍ଟ ମନିଟରିଂ ଡ୍ୟାସବୋର୍ଡକୁ ଆହୁରି ବ୍ୟାପକ କରି ଅନ୍ୟ ବିଭାଗଗୁଡ଼ିକ ଦ୍ୱାରା ବ୍ୟବହାର ଉପଯୋଗୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ଓଡ଼ିଶାର ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା ଦୃଢ଼ୀଭୁତ ହେବ ଏବଂ ସମୃଦ୍ଧ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ଆହୁରି ତ୍ୱରାନ୍ୱିତ ହେବ । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମନ୍ତ୍ରୀ ମଣ୍ଡଳର ଅନ୍ୟ ସଦସ୍ୟ ଗଣ ଉପସ୍ଥିତ ଥିଲେ । ଏହା ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ ।

### ମା କୋଳରୁ ଶିଶୁକୁ ଛଡ଼ାଇ ନେଇ ବଳାତ୍କାର ପରେ ହତ୍ୟା

# ନିମ୍ନ ଅଦାଲତ ଫାଶୀ ଦଣ୍ଡାଦେଶର ପୁନଃ ଟ୍ରାଏଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,(ସ.ବ୍ୟୁ) : ମା' କୋଳରୁ ଚାରି ବର୍ଷର ଶିଶୁକୁ ଛଡ଼ାଇ ନେଇ ବଳାତ୍କାର ପରେ ହତ୍ୟା କରିବା ଭଳି ବିଭତ୍ସ ଘଟଣାରେ ଆସାମୀ ସଞ୍ଜୀବ କେର୍କେଟାକୁ ନିମ୍ନ ଅଦାଲତ ଫାଶୀଦଣ୍ଡାଦେଶରେ ଦଣ୍ଡିତ କରିଥିଲାବେଳେ ଏହା ଉପରେ ଆଜି ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇଛି । ନିମ୍ନ ଅଦାଲତଙ୍କ ଶୁଣାଣିରେ ତ୍ରୁଟିଥିବା ଦର୍ଶାଇ ହାଇକୋର୍ଟ ଏହି ମାମଲାକୁ ପୁନର୍ବାର ଟ୍ରାଏଲ୍ ପାଇଁ ପଠାଇ ଦେଇଛନ୍ତ । ଟ୍ରାଏଲ୍ କୋର୍ଟ ଚାର୍ଜଫ୍ରେମ୍ରୁ ଶୁଣାଣି ଆରମ୍ଭ କରିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଅର୍ଥାତ ଏହି ମାମଲାରେ ଟ୍ରାଏଲ୍ କୋର୍ଟ ସାନି ଚାର୍ଜଫ୍ରେମ୍ କରିବା ସହ ସାନି ସାକ୍ଷୀ ଆଦି କରିବେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ସୁନ୍ଦରଗଡ଼ ଥାନା ଅଧୀନରେ ଏକ ଗାଁରେ ଚାରି ବର୍ଷର ଝିଅଟି ତାଙ୍କ ମା' କୋଳରେ ଶୋଇଥିଲାବେଳେ ଆସାମୀ ସଞ୍ଜୀବ ଝିଅଟିକୁ ମା' କୋଳରୁ ଛଡ଼ାଇ ନେଇ କେଉଁଆଡ଼େ ଚାଲି ଯାଇଥିଲାଛ ୨୦୧୬ ମସିହା ଅକ୍ଟୋବର ୨୧ ତାରିଖ ଦିନ ରାତି ୧୦ଟା ସମୟରେ ଏହି ଘଟଣା ଘଟିଥିଲା । ଶିଶୁଟିକୁ ନପାଇ ପରିବାର ଲୋକେ ସୁନ୍ଦରଗଡ଼ ଟାଉନ୍ ଥାନାରେ ଏତଲା ଦେଇଥିଲେ । ୨୫ ତାରିଖ ଦିନ ଗାଁ ପାଖ ଏକ ଅଧାଗଢ଼ା ଘରୁ ଅପହୃତା ଝିଅଟିର ଶବ ମିଳିଥିଲା । ପୁଲିସ୍ ସେହି ସ୍ଥାନରୁ ଆସାମୀର ପର୍ସ ଏବଂ ଆଧାର କାର୍ଡ ମଧ ପାଇଥିଲା । ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ସଞ୍ଜୀବକୁ ଗିରଫ କରିବା ପରେ ମାମଲାର ଶୁଣାଣି ସୁନ୍ଦରଗଡ଼ ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ହୋଇଥିଲା । ପୋକ୍ସୋ ଅଦାଲତ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ଏହି ମାମଲାରେ ରାୟ ପ୍ରକାଶ କରି ଆସାମୀ ସଞ୍ଜୀବକୁ ଫାଶୀଦଣ୍ଡାଦେଶରେ ଦଣ୍ଡିତ କରିଥିଲେଛ ଏହି ଆଦେଶକୁ ଚାଲେଞ୍ଜ କରି ସଞ୍ଜୀବ ହାଇକୋର୍ଟକୁ ଆସିଥିଲାବେଳେ ଦଣ୍ଡାଦେଶକୁ ଅନୁମୋଦନ କରିବା ଲାଗି ରାଜ୍ୟ ସରକାର ହାଇକୋର୍ଟକୁ ଆସିଥିଲେ । ଏଥିରେ ଆବେଦନକାରୀଙ୍କ ଆଇନଜୀବୀ ପୁଲକେଶ ଜବାବରେ ଦର୍ଶାଇଥିଲେ ଯେ, ଟ୍ରାଏଲ୍ କୋର୍ଟରେ ଯେଉଁଦିନ ଚାର୍ଜଫ୍ରେମ୍ ହେଲା ସେହିଦିନ ସରକାରଙ୍କ ତରଫରୁ ଅଭିଯୁକ୍ତଙ୍କ ପାଇଁ ଜଣେ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଗଲା । ସେହିଦିନ ଚାର୍ଜଫ୍ରେମ୍ ପରେ ପରେ ଉକ୍ତ ଆଇନଜୀବୀ ନିଜକୁ ଉକ୍ତ ମାମଲାରୁ ପ୍ରତ୍ୟାହାର କରିନେଲେ । ଏପରିକି ଟ୍ରାଏଲ୍ କୋର୍ଟରେ ଏହି ଗୋଟିଏ ମାମଲା ପରିଚାଳନା ପାଇଁ ୭ଜଣ ଆଇନଜୀବୀଙ୍କୁ ବଦଳିଛନ୍ତି । ତେଣୁ ଟ୍ରାଏଲ୍ ଠିକ୍ ବାଟରେ ହୋଇନଥିବା ଶ୍ରୀ ମହାନ୍ତି ଯୁକ୍ତି ରଖୁଥିଲେଛ ଏହି ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ଏହି ରାୟ ଦେଇଛନ୍ତି ।

### ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପୀର ବଜାର ଶାଖା ଦ୍ୱାରା

# ମେଗା ଋଣ ଶିବିର

ଭୁବନେଶ୍ୱର, (ସବ୍ୟୁ) : ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୀର ବଜାର ଶାଖା, କଟକ ଦ୍ୱାରା ୨୩ତାରିଖରେ ଏସ୍ଏଚ୍ଜି ବ୍ୟାଙ୍କ ସଂଯୋଗୀକରଣ ନିମନ୍ତେ ଭୈରପୁରସ୍ଥିତ ମା ଭଗବତୀ ମଣ୍ଡପଠାରେ ଟାଙ୍ଗି-ସାଲିପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ଏକ ମେଗା ଋଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ବେହେରା ଗ୍ରାମ୍ୟ ଏବଂ ଅର୍ଦ୍ଧସହରାଞ୍ଚଳରେ ମହିଳାମାନଙ୍କୁ ସେମାନଙ୍କର ଆର୍ଥିକ ନିଷ୍ପତ୍ତି ଏବଂ ଜୀବିକା ଉପରେ ନିୟନ୍ତ୍ରଣ ରଖିବା ପାଇଁ ମହିଳା ସଶକ୍ତିକରଣରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିନୀୟ ସହାୟତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଆର୍ଥିକ ଅନ୍ତର୍ଭୁକ୍ତିକରଣର ପ୍ରୋତ୍ସାହନ ଏବଂ ଦାରିଦ୍ର୍ୟ ଦୂରୀକରଣ ଏସ୍ଏଚ୍ଜି ବ୍ୟାଙ୍କ ସଂଯୋଗୀକରଣ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। ସମାଜର ଉନ୍ନତି ଏବଂ ସାମଗ୍ରିକ ବିକାଶରେ ଦେଶର ଅର୍ଥନୀତିକୁ ସୁଦୃଢ କରିବାରେ ବିଭିନ୍ନ ନାରୀ କୈନ୍ଦ୍ରିକ ଯୋଜନା ନିମନ୍ତେ ନିରନ୍ତର ପ୍ରୟାସ ପାଇଁ ବ୍ୟାଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨.୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ପୀର ବଜାର ଶାଖାର ଶାଖା ମୁଖ୍ୟ ସନ୍ତୋଷ କୁମାର ଦାସଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ଭରତପୁର ଥାନା ବିବାଦ

# କୁଆଡେ ଗଲା ତଦନ୍ତ ରିପୋର୍ଟ

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନାରେ ଜଣେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନେଇ ଉପୁଜିଥିଲା ବିବାଦ । ଥାନାରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ସରକାର ନ୍ୟାୟିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ କମିଶନ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇସାରିଲେଣି । ତଦନ୍ତ ରିପୋର୍ଟ ଉପରେ ସରକାର କ'ଣ ପଦକ୍ଷେପ ନେବେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ରିପୋର୍ଟ ମଧ ସାର୍ବଜନୀନ ହେଲାନାହିଁ । ସେହି ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । କାରଣ ଭରତପୁର ଥାନା ବିବାଦ ରାଜ୍ୟ ତଥା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ।

ଗତ କିଛିଦିନ ତଳେ ସେନାବାହିନୀର ଜଣେ ମେଜର ଓ ତାଙ୍କ ବାନ୍ଧବୀ ଚନ୍ଦକା ପଟୁ ଖଣ୍ଡଗିରି ଅଭିମୁଖେ ଫେରୁଥିଲେ। ବିଳମ୍ବିତ ରାତିରେ ସେମାନେ ଫେରୁଥିବାରୁ ବାଟରେ ତାଙ୍କୁ କିଛି ଅସାମାଜିକ ଯୁବକ ଅଟକାଇ ଦୁର୍ବ୍ୟବହାର କରିଥିଲେ । ଏ ସମ୍ପର୍କରେ ମେଜର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ରିପୋର୍ଟ ଦେବାକୁ ଯାଇଥିଲେ । ଥାନାରେ ୨/୩ଜଣ ପୋଲିସ ଉପସ୍ଥିତ ଥିଲେ । ଇନ୍ସପେକ୍ଟର ଥାନାର ଅନ୍ୟ ଏକ ପ୍ରକୋଷ୍ଠରେ ବିଶ୍ରାମ ନେଉଥିଲେ । ପୋଲିସ କହିବାନୁଯାୟୀ ମେଜର ଓ ତାଙ୍କ ବାନ୍ଧବୀ ନିଶାଶକ୍ତ ଅବସ୍ଥାରେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ରାତ୍ରିକାଳୀନ ଡିସିଓ ଯେଉଁ ଅଫିସର ଥିଲେ ସେ ମେଜରଙ୍କ ବାନ୍ଧବୀଙ୍କୁ ଏତଲା ଲେଖିବାକୁ କହିଥିଲେ । ସେ ଏତଲା ଲେଖିବା ପରିବର୍ତ୍ତେ ଉପସ୍ଥିତ ପୋଲିସଙ୍କୁ ବଡ ପାଟିରେ କିଛି କହିବାରୁ ଡିସିଓ ଇନ୍ସପେକ୍ଟରଙ୍କୁ ଡାକିଥିଲେ । ଇନ୍ସପେକ୍ଟର ଆସିବା ପରେ ତାଙ୍କ ସହ ବାକ୍‌ବିତଣ୍ଡା




ମଧ ହୋଇଥିଲା । ତତ୍କାଳୀନ ଡିସିପିଙ୍କୁ ଇନ୍ସପେକ୍ଟର ଘଟଣା ସମ୍ପର୍କରେ ଜଣାଇଥିଲେ । ଡିସିପିଙ୍କ କହିବାନୁଯାୟୀ ତାଙ୍କ ଏତଲା ଗ୍ରହଣ କରାଯାଇଥିଲା । ଏପରିକି ତାଙ୍କୁ ପୋଲିସ ଦୁର୍ବ୍ୟବହାର କରି ପେଲାଠେଲା କରିଥିବା ମଧ ଅଭିଯୋଗ ହୋଇଥିଲା । ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଡିଜିପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତତ୍କାଳୀନ ଇନ୍ସପେକ୍ଟରଙ୍କ ସମେତ ୫ଜଣ ପୋଲିସଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଏଥିସହ ସେ ସମୟର ଡିସିପିଙ୍କୁ ମଧ ଭୁବନେଶ୍ୱରରୁ ବଦଳି କରାଯାଇଛି । ଏହା ଭିତରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦୁର୍ବ୍ୟବହାର କରିଥିବା ୬ ଜଣ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସେମାନେ ଅବିଳମ୍ବେ ଜାମିନ ପାଇଯାଇଥିଲେ । କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିଲେ ମଧ ସରକାର ନ୍ୟାୟିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜଷ୍ଟିସ୍ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଶନ ଗଠନ କରାଯାଇ ତଦନ୍ତ ଚାଲିଥିଲା । ତଦନ୍ତ କମିଶନଙ୍କ ପକ୍ଷରୁ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପଚରାଉଚରା କରିବା ପରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ମଧ ପଚରାଉଚରା କରାଯାଇଥିଲା । ନିଲମ୍ବିତ ଇନ୍ସପେକ୍ଟର ଓ ପୋଲିସ ଅଫିସରଙ୍କୁ ମଧ ପଚରାଉଚରା କରାଯାଇଥିଲା । ସମସ୍ତଙ୍କ ବୟାନ ରେକର୍ଡ କରାଯିବା ପରେ ଘଟଣାସ୍ଥଳ ଗସ୍ତ କରିଥିଲେ ତଦନ୍ତ କମିଶନର । ସମସ୍ତ ଦିଗକୁ ଆଧାର କରି ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯିବା ସହ ସତ୍ୟପାଠ ମଧ ନେଇଥିଲେ କମିଶନର ।

କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କ'ଣ ହେଲା ତାହା ସ୍ପଷ୍ଟ ହୋଇପାରିଲା ନାହିଁ । ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ ତଦନ୍ତ ସାରି ସରକାରଙ୍କୁ ରିପୋର୍ଟ ଦେଇସାରିଲେଣି । ଗତ କିଛିଦିନ ହେବ ସେ ରିପୋର୍ଟ ଦେଇସାରିଥିବା ବେଳେ ତାହା ବର୍ତ୍ତମାନ ସୁଦ୍ଧା ସାର୍ବଜନୀନ ହୋଇପାରିନାହିଁ । ତଦନ୍ତ ରିପୋର୍ଟ ଆଧାରରେ ସରକାର କ'ଣ ପଦକ୍ଷେପ ନେବେ ଓ କେବେ ନେବେ ତାହା ଲୋକଙ୍କ ମନରେ ପ୍ରଶ୍ନବାଚୀ ହୋଇ ରହିଛି । ନିଲମ୍ବିତ ୫ ପୋଲିସଙ୍କ ଉପରୁ ଏବେ ସୁଦ୍ଧା ନିଲମ୍ବନ ପ୍ରତ୍ୟାହାର ହୋଇନାହିଁ । ତାଙ୍କ ଉପରେ ତଦନ୍ତ କମିଶନ କ'ଣ ରିପୋର୍ଟ ଦେଇଛନ୍ତି ତାହା ମଧ ଜଣାପଡିନାହିଁ । ଭରତପୁର ଥାନା ବିବାଦକୁ ନେଇ ସରକାର ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

### ମନ୍ତ୍ରୀ ପରିଷଦ ବୈଠକ

# ୨୦୩୬ ସୁଧା ବିକଶିତ ରାଜ୍ୟ ଲାଗି ସଂକଳ୍ପ



ଭୁବନେଶ୍ୱର, (ସବ୍ୟୁ): ୨୦୩୬ ସୁଧା ଓଡ଼ିଶାକୁ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଉଚ୍ଚାଭିଳାସି ସଂକଳ୍ପ ନେଇଛନ୍ତି । ୨୦୪୭ ସୁଧା ଦେଶକୁ ଆମଦେଶକୁ ବିକଶିତ ରାଷ୍ଟ୍ର ପରିଣତ କରିବା ଲକ୍ଷ୍ୟରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦର ସପ୍ତମ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅଗଷ୍ଟ ୨୦୨୪ ଠାରୁ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଅନ୍ତର୍ଭୁକ୍ତି, ସମୃଦ୍ଧି ଓ ସମନତା ଏହି ଭିଜନ ଦସ୍ତାବିଜର ଆଧାର । ୨୦୪୭ ସୁଧା ୧.୫ ଟ୍ରିମିୟର ଆମେରିକୀୟ ଡଲାର ମୂଲ୍ୟରେ ଡିଏସ୍‌ବିପି ଲକ୍ଷ୍ୟ ହାସଲ ଓ ଭାରତ ଜିଡିପିର ୫% ଅଂଶୀଦାର ହେବା ପାଇଁ ଓଡ଼ିଶା ଏପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୀତି ଅଭିବୃଦ୍ଧି ହାରକୁ ଅତିକ୍ରମ କରିବା ସହ ଏହାକୁ ଦୃତତର କରିବା ଆବଶ୍ୟକ । ୨୦୩୬ ସୁଧା ପ୍ରମୁଖ କ୍ଷେତ୍ର ଗୁଡିକରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଲକ୍ଷ୍ୟ ରଖାଯାଇ ୩୬ ସର୍ବୋଚ୍ଚ ପ୍ରାଥମିକ କାର୍ଯ୍ୟକ୍ରମ ଚିହ୍ନଟ କରି ଏକ ରଣନୈତିକ ପଦକ୍ଷେପ '୩୬ ପାଇଁ ୩୬' ଆରମ୍ଭ କରି ଓଡ଼ିଶାର ଅଭିବୃଦ୍ଧି ପରିବର୍ତ୍ତନ ଯାତ୍ରାକୁ ତ୍ୱରାନିତ କରାଯିବ । ମନ୍ତ୍ରୀ ପରିଷଦର ସୁଚିନ୍ତିତ ପରାମର୍ଶ ଓ ମାର୍ଗଦର୍ଶନ କରିବା ଠିଠାକୁ ଚୂଡାନ୍ତ

### '୩୬ ପାଇଁ ୩୬' ରଣନୈତିକ ପଦକ୍ଷେପ

ରୂପ ଦେବା ସମ୍ଭବ । ତଦନୁଯାୟୀ ସ୍ଥାନୀତ ଲକ୍ଷ୍ୟ ଗୁଡିକର ସଫଳ ରୂପାୟନ ପାଇଁ ଏକ କାର୍ଯ୍ୟନ୍ୱୟନ ଖସଡା ପ୍ରସ୍ତୁତ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଉନ୍ନୟନ କମିଶନର ଅନୁଗର୍ଗ ଏବଂ ୬ ସଚିବସ୍ତରୀୟ କ୍ଷେତୀୟ ଗୋଷ୍ଠୀର ସଦସ୍ୟମାନେ ଭିଜନ ଦସ୍ତଭିଜର ବିଭିନ୍ନ ଦିଗ ଓ ଲକ୍ଷ୍ୟ ସହ ୩୬ ପାଇଁ ୩୬ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ଗୁଡିକ ଭାବେ ମିଳିତ ଭାବେ ଉପସ୍ଥାପନ କରିଥିଲେ । ମୁଖ୍ୟମନ୍ତ୍ରୀ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଆଲୋଚନାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସକ୍ରିୟ ଅଂଶଗ୍ରହଣ କରିବା ସହ ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ଆଗାମୀ ୧୫ ଦିନରେ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଉପରେ ରାଜ୍ୟରେ ୪ ସ୍ଥାନରେ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ହୋଇଛି ।

# ବିଭିନ୍ନ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନସ୍ଥ ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ ଶକ୍ତି ବିଭାଗ ଅଧିନସ୍ଥ ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି । ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧ କୋଟି ୩୫ ଲକ୍ଷ ୭୮ ହଜାର ୫୦୨ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି । ସେହିପରି, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପକ୍ଷରୁ ୨୦୨୩-୨୪ ବର୍ଷର ଲାଭାଂଶ ଯୋଗୁଁ ୧୧୧ କୋଟି ୮୨ ଲକ୍ଷ ୪୮ ହଜାର ୭୦୦ ଟଙ୍କା ଏବଂ ଓଡ଼ିଶା ଜଳ ବିଦ୍ୟୁତ ନିଗମ ପକ୍ଷରୁ ୯୨ କୋଟି ୨୧ ଲକ୍ଷ ୯୧ ହଜାର ୯୧୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷ ଠାରୁ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୧୯୯୫-୯୬ ଠାରୁ ଏହି ଲାଭାଂଶ ପ୍ରଦାନ କରୁଛନ୍ତି । ଓଡ଼ିଶା କୃଷି ଶିଳ୍ପ ନିଗମ ବାର୍ଷିକ ହାରାହାରି ୮୦୦ ରୁ ୯୦୦ କୋଟି ଟଙ୍କାର ସାର, କୃଷି ଯନ୍ତ୍ରପାତି, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଧାନବୁଣା ଯନ୍ତ୍ର ଇତ୍ୟାଦି ସରକାରଙ୍କ ଧାର୍ଯ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଛି । ରାଜ୍ୟ କାଜୁ ଉନ୍ନୟନ ନିଗମର ପ୍ରଚେଷ୍ଟା ଯୋଗୁଁ ଓଡ଼ିଶା ବର୍ତ୍ତମାନ ଦେଶରେ କାଜୁ ଉତ୍ପାଦନରେ ଓ କାଜୁ ଉଦ୍ୟାନର କ୍ଷେତ୍ରଫଳରେ ଦେଶରେ ସର୍ବଶ୍ରେଷ୍ଠ ହୋଇପାରିଛି । ଓଡ଼ିଶା ଜଳ ବିଦ୍ୟୁତ ନିଗମ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଓଡ଼ିଶାର ଶକ୍ତି ଆବଶ୍ୟକତାର ପ୍ରାୟ ୪୫ ପ୍ରତିଶତ ପ୍ରଦାନ କରି ରାଜ୍ୟର ଶକ୍ତି ଉତ୍ପାଦନ ଓ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି । ଲୋକସେବା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଅବସରରେ ଉପସ୍ଥିତ ଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏବଂ ଶକ୍ତି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ ।


| | |
|---|---|
| ଓଡ଼ିଶା କୃଷି ଶିଳ୍ପ ନିଗମ | ୧, ୩୫, ୭୮, ୫୦୨ ଟଙ୍କା |
| କାଜୁ ଉନ୍ନୟନ ନିଗମ | ୪୬, ୫୧, ୨୦୦ ଟଙ୍କା |
| ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ | ୧୧୧,୮୨,୪୮,୭୦୦ ଟଙ୍କା |
| ଓଡ଼ିଶା ଜଳ ବିଦ୍ୟୁତ ନିଗମ | ୯୨,୨୧,୯୧,୯୧୧ ଟଙ୍କା |

### କର୍ମଶାଳାରେ ଯୁବବର୍ଗଙ୍କ ସହ ଆଲୋଚନା

# 'ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ' ଦେଶକୁ ନୂଆ ଦିଶା ଦେଖାଇବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): 'ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ' କେବଳ ନିର୍ବାଚନ ଖର୍ଚ୍ଚ ଏବଂ ଆଚାର ସଂହିତା ବିଷୟରେ ସୀମିତ ହୋଇ ରହିନାହିଁ ବରଂ ଏହା ଦେଶର ରାଜନୈତିକ ସ୍ଥିରତା, ସୁଶାସନ ଏବଂ ବିକାଶର ନୂଆ ଦିଶା ଦେଖାଇବାର ମାଧମ ଅଟେ ବୋଲି ବୁଧବାର ନୂଆଦିଲ୍ଲୀ ସ୍ଥିତ ଡା. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ 'ୱାନ୍ ନେସନ୍ - ୱାନ୍ ଇଲେକ୍ସନ' ବିଷୟ ଉପରେ ଆୟୋଜିତ କର୍ମଶାଳାରେ ଦେଶର ଯୁବବର୍ଗଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ବିଷୟ ଏବେ ଆଇନ ଏବଂ ରାଜନୈତିକ ଚର୍ଚ୍ଚା ପରିସରରୁ ବାହାରି ଦେଶର ପ୍ରମୁଖ ଏଜେଣ୍ଡାର ଅଂଶବିଶେଷ ହୋଇଛି । କିଛି ବି ବଡ ରାଜନୈତିକ ନିଷ୍ପତିକୁ ନିର୍ଣ୍ଣାୟକ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ନୀତି, ଯୋଜନା, ରାଜନୀତି ଏବଂ ସବୁଠୁ ମହତ୍ୱପୂର୍ଣ୍ଣ - ଜନଭାଗିଦାରୀ ଆବଶ୍ୟକ । ଏହି ଭାବନା ସହ ଆଜି ଆମେ ଏହି କର୍ମଶାଳାରେ ଏକାଠି ହୋଇଛୁ । ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ କହୁଛନ୍ତି, ଏହି ସମୟ ହିଁ, ଭାରତର ସମୟ



। ସେହି ବିଷୟକୁ ନେଇ ବିରୋଧୀଙ୍କ ନକରାତ୍ମକ ଟିପ୍ପଣୀ ଦୁର୍ଭାଗ୍ୟପୂର୍ଣ୍ଣ । ସେମାନଙ୍କ ଏହି ମନ୍ତବ୍ୟ କେବଳ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ ବରଂ ଜନାଦେଶକୁ ମଧ ହତାଦର କରୁଛି । ଆଜିର ସମୟ ହୋଇଛି, ଗଣତନ୍ତ୍ର ବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନକୁ ଜନ ଅଭିଯାନ, ଜନସମ୍ବାଦ ଏବଂ ଜନ ଆନ୍ଦୋଳନରେ ପରିଣତ କରିବା । ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ବିକଶିତ ଭାରତ କଳ୍ପନାର ଆଧାରଶୀଳା, ଯାହା ସଶକ୍ତ ଏବଂ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ।

### ୩୧ଗ୍ରାମ୍ ହେରୋଇନ ଜବତ

# ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଅବକାରୀ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଓ ଯଦୁପୁର ଥାନା ଅଞ୍ଚଳରେ ବୁଧବାର ଚଢାଉ କରାଯାଇଥିଲା । ଚଢାଉ ସମୟରେ ଯଦୁପୁରରେ ହାସିମ୍ ଖାନ୍ ନାମକ ଜଣେ ଯୁବକ ହେରୋଇନ ବିକ୍ରି କରୁଥିବା ଜାଣିବା ପରେ ଅବକାରୀ ଟିମ୍ ତାକୁ କାବୁ କରିନେଇଥିଲା । ହାସିମ୍ ପାଖରୁ ୩୧ ଗ୍ରାମ୍ ହେରୋଇନ ଜବତ ହୋଇଛି । ସେ ଗତ କିଛିଦିନ ହେବ ସେହି ଅଞ୍ଚଳରେ ହେରୋଇନ ବିକ୍ରି କରେ ବୋଲି ଲୋକମାନଙ୍କ ଠାରୁ ଅବକାରୀ ଟିମ୍ ଜାଣିବା ପରେ ବେଆଇନ ନିଶା କାରବାର ଅଭିଯୋଗରେ ତା'ବିରୋଧରେ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ତାକୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ହାସିମ୍‌କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ବନ୍ଧମୁଣ୍ଡା ବରକାନିରେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣା

# ରାଜ୍ୟ ମାନବାଧିକାର ଆୟୋଗଙ୍କୁ ଭେଟି ସ୍ମାରକପତ୍ର ଦେଲା ବିଜେଡି




ଭୁବନେଶ୍ୱର, (ସବ୍ୟୁ): ରାଉରକେଲା ବନ୍ଧମୁଣ୍ଡା ବରକାନିରେ ପ୍ରସ୍ତାବିତ ନୂଆ ରେଳଲାଇନକୁ ବିରୋଧ ବେଳେ ଜେସିବି ମାଡ଼ିଯିବାରୁ ଆଦିବାସୀ ଯୁବକ ଇତୋ ଏକ୍କାଙ୍କ ମୃତ୍ୟୁକୁ ନେଇ ବୁଧବାର ରାଜ୍ୟ ମାନବାଧିକାର ଆୟୋଗଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ବିଜେଡ଼ି ପ୍ରତିନିଧିମଣ୍ଡଳୀ । ବନ୍ଧମୁଣ୍ଡା ବରକାନିରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ସମ୍ପ୍ରସାରଣ ହେଉଥିବା ରେଳଲାଇନ ବିରୋଧରେ ସ୍ଥାନୀୟ ଆଦିବାସୀମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିଲେ । ଏହି ସମୟରେ ୩୫ ବର୍ଷ ବୟସର ଇତୋ ଏକ୍କା ନାମକ ଜଣେ ଆଦିବାସୀ ଯୁବକଙ୍କୁ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅଧିକାରୀ ଓ ସ୍ଥାନୀୟ ପୋଲିସ୍‌ର ଉପସ୍ଥିତିରେ ଜେସିବି ଲଗାଇ ଚାପି ମାରିଦିଆଯାଇଥିଲା । ଏହି ଘଟଣା ସରକାରଙ୍କ ଆଦିବାସୀ ବିରୋଧୀ ମନୋଭାବକୁ ଦର୍ଶାଉଛି । ରାଜ୍ୟର ବିଜେପି ସରକାରରେ ଆଦିବାସୀମାନେ ସୁରକ୍ଷିତ ନଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି । ଓଡ଼ିଶାର ଆଦିବାସୀ ସମୁଦାୟଙ୍କ ଅଧିକାର ଓ ହକ୍ ପାଇଁ ବିଜେଡି ସର୍ବଦା ରହିଥିଲା ଏବଂ ଆଗାମୀ ଦିନରେ ମଧ୍ୟ ରହିବ। ଆଦିବାସୀଙ୍କ ପ୍ରତି ବିଜେପି ସରକାରଙ୍କ ହେଉଥିବା ଅନ୍ୟାୟ ରୋକିବା ପାଇଁ ରାଜ୍ୟମାନବାଧିକାର ଆୟୋଗ ଦୃଢ଼ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଏହି ପ୍ରତିନିଧିମଣ୍ଡଳୀରେ ଗଣମାଧ୍ୟମ ସଂଯୋଜକ ଡ଼. ପ୍ରିୟବ୍ରତ ମାଝି ଓ ଡ଼. ଲେନିନ ମହାନ୍ତି, ତୁମ୍ବନାଥ ପଣ୍ଡା, ଶ୍ରୀମତୀ ରିତା ସାହୁ, ଇପ୍ସିତା ସାହୁ, ସୋଫିଆ ଆଲାମ, ବିଶ୍ୱ ପ୍ରତାପ ସାହୁ ଓ ଅରୁପ ଶ୍ରୀଚନ୍ଦନ ସାମିଲ୍ ଥିଲେ ।

## କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ୮୦ତମ ପ୍ରତିଷ୍ଠା ଦିବସ

କଟକ, (ସ୍ବୃ): ଆଧୁନିକ ବିଜ୍ଞାନ ଯୁଗରେ ବିଜ୍ଞାନର ଅଗ୍ରଗତି ଘଟିଛି । ଏହି ବିଜ୍ଞାନକୁ ପ୍ରୟୋଗ କରି ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ସାମ୍ପ୍ରତିକ ଜଳବାୟୁର ପରିବର୍ତ୍ତନ ପ୍ରତିବନ୍ଧକ ସୃଷ୍ଟି କରୁଛି। ଗବେଷକମାନେ ପରିବର୍ତ୍ତିତ ଜଳ ବାୟୁକୁ ଦୃଷ୍ଟିରେ ରଖି ଆଧୁନିକ ଜ୍ଞାନ କୌଶଳକୁ ପ୍ରୟୋଗ କରି ଧାନ ଉତ୍ପାଦନ ବୃଦ୍ଧି ଉପରେ ବହୁ ବିଶିଷ୍ଟ ବୈଜ୍ଞାନିକ ଓ ଗବେଷକ ମାନେ ଗୁରୁତ୍ୱ ଦେଇଛନ୍ତି ବୋଲି କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ୮୦ତମ ପ୍ରତିଷ୍ଠା ଦିବସରେ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଏହି ଧାନ ଗବେଷଣାର ସ୍ଥାପନା ଦିବସକୁ ଧାନ ଦିବସ ଭାବରେ ପାଳନ କରାଯାଏ। ଆଜି ଏହି ଧାନ ଦିବସ ଅବସରରେ ବହୁ ବିଶିଷ୍ଟ ଗବେଷକ ଏବଂ ବୈଜ୍ଞାନିକମାନେ ଧାନ ଦିବସ ଉପରେ ଉତ୍ପାଦନ ବୃଦ୍ଧି ପାଇଁ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ – କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ସିଆରଆରଆଇ) ପ୍ରତିଷ୍ଠାନର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ଲାଟିନମ୍ ଜୁବୁଲି ଅଡିଟୋରିୟମରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ଏବଂ ଧାନ ଦିବସରେ ନୂଆଦିଲ୍ଲୀ ସ୍ଥିତ ଆଇଏଆରଆଇ ଅନୁଷ୍ଠାନର ଏମିରେଟସ୍ ପ୍ରଫେସର ଏବଂ ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଅଶୋକ କୁମାର ସିଂ, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ପୂର୍ବତନ ନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡକ୍ଟର ଜଗନ୍ନାଥ ମାଇତି ଏବଂ ଡକ୍ଟର ପଦ୍ମିନୀ ସ୍ୱାଇଁ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ସଭାରେ ଜୈବ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଜି.ଏ.କେ. କୁମାର ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ କଟକର, ନିର୍ଦ୍ଦେଶକ ଡକ୍ଟର ଏମ୍.ଜେ. ବେଗ୍, ଗତ ବର୍ଷରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ସାମ୍ପ୍ରତିକ ଗବେଷଣା କାର୍ଯ୍ୟକଳାପ ଉପସ୍ଥାପନ କରିଥିଲେ। ଅତିଥିବୃନ୍ଦ ୯ ଟି ନୂତନ (ସିଆରଆରଆଇ) ପ୍ରକାଶନ ଉନ୍ମୋଚନ କରିଥିଲେ ଏବଂ ଅବସରପ୍ରାପ୍ତ କର୍ମଚାରୀ, ମେଧାବୀ ଛାତ୍ର, ପ୍ରମୁଖ ଚାଷୀ ଏବଂ ପ୍ରତିଷ୍ଠାନର ବିଭିନ୍ନ ବିଭାଗରୁ ଶ୍ରେଷ୍ଠ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ବୈଜ୍ଞାନିକ, ବୈଷୟିକ ଏବଂ ପ୍ରଶାସନିକ ବର୍ଗରୁ ୧୭ ଜଣ ଅବସରପ୍ରାପ୍ତ କର୍ମଚାରୀ ଏବଂ ୮ ଜଣ କର୍ମଚାରୀଙ୍କୁ ସେମାନଙ୍କ ନିଜ କ୍ଷେତ୍ରରେ 'ଶ୍ରେଷ୍ଠ ପ୍ରଦର୍ଶନକାରୀ' ଭାବରେ ସମ୍ମାନିତ କରାଯାଇଥିଲା।

## ବେଆଇନ୍ ବନ୍ଧୁକ, ଗୁଳି ଜବତ : ୩ ଗିରଫ



ଭଞ୍ଜନଗର, (ସବ୍ୟୁ) ଭଞ୍ଜନଗର ଥାନା ଅନ୍ତର୍ଗତ ଲଣ୍ଡେଇସାହିରୁ ବେଆଇନ ଭାବେ ବନ୍ଧୁକ ରଖିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିବା ପରେ ତାହାର ଦୁଇ ସହଯୋଗୀଙ୍କୁ ମଧ୍ୟ ଭଞ୍ଜନଗର ଲାଇସିସ୍ ଗିରଫ କରିବାରେ ଭଞ୍ଜନଗର ପୋଲିସ ସକ୍ଷମ ହୋଇଛି । ବନ୍ଧୁକ ରଖିଥିବା ଯୁବକ ମାନେ ହେଲେ ଡି ମୁନା ରାଓ, ଯୋଗାନ ଭୁଁୟା ଓରଫ ସନ୍ତୋଷ, ଏବଂ ସହଯୋଗୀ ଚିନୁ ପାତ୍ର । ଏମାନଙ୍କ ଠାରୁ ଦୁଇଟି ବନ୍ଧୁକ ସମେତ ୪ଟି ଜୀବନ୍ତ ଗୁଳି ଜବତ କରାଯାଇଛି । ଯୋଗାନ ନାମକ ନେତାଙ୍କ ଉପରେ ୫୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏନେଇ ଭଞ୍ଜନଗର ଥାନା କେଶ୍ ନମ୍ବର ୪୨୯/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ସମସ୍ତ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ସହର ଉପକଣ୍ଠସ୍ଥ ସନ୍ତୋଷୀ ମନ୍ଦିର ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ମୃତ ଯୁବକ ଜଣକ ହେଲେ ବୁଗୁଡା ଥାନା ଅନ୍ତର୍ଗତ ମଠାସ୍ଥି ଗ୍ରାମର ଜଗନ୍ନାଥ ପ୍ରଧାନ(୨୪) ଏବଂ ଆହତ ବାଇକ ଚାଳକ ଜଣକ ପିଣ୍ଟୁ ପ୍ରଧାନ (୨୪)। ପ୍ରକାଶ ଯେ, ଆଜି ସକାଳେ ପିଣ୍ଟୁ ଓ ଜଗନ୍ନାଥ ବାଇକରେ ମାମୁ ଘର ବାଣପୁରକୁ ଯାଉଥିଲେ। ସନ୍ତୋଷୀ ମନ୍ଦିର ନିକଟରେ ଜଗନ୍ନାଥ ଗାଡି ରଖେ କହି ଚାଳକ ପିଣ୍ଟୁର ହାତକୁ ଟାଣି ଦେଇଥିଲା। ଫଳରେ ବାଇକଟି ଭାରସାମ୍ୟ ହରାଇ ରାସ୍ତାକଡ ଏକ ଗଛ ସହ ଧକ୍କା ହୋଇଥିଲା। ଫଳରେ ଦୁହେଁ ରାସ୍ତାକୁ ଛିଟିକି ପଡିବାରୁ ଜଗନ୍ନାଥଙ୍କ ମୁଣ୍ଡ ଏବଂ ପିଣ୍ଟୁଙ୍କ ଅଣ୍ଟାରେ ଆଘାତ ଲାଗିଥିଲା। ଦୁର୍ଘଟଣାଗ୍ରସ୍ତ ବାଇକ ଆରୋହୀ ଦ୍ୱୟଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଆଣିଥିଲେ ହେଁ ସେଠାରେ ଜଗନ୍ନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ଖବର ପାଇବା ପରେ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୨୭୦/୨୫ରେ ଏକ ମାମଲା ରୁଜୁ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି।

## ଆକ୍ରମଣ ଘଟଣାରେ ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଆଗାସାହି ଛକରେ ବଳିଆ ନାୟକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିଲା। ପୋଲିସ ଏଥିରେ ସମ୍ପୃକ୍ତ ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଶାସ୍ତ୍ରୀ ନଗର ୨ୟ ଲାଇନର ରଞ୍ଜନ ପାତ୍ର(୨୧) ଓ ହରଡ଼ାଖଣ୍ଡି ଧର୍ମନଗର ସାହିର ବିଦ୍ୟାଧର ପାଣିଗ୍ରାହୀ (୨୧)। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ହରଡ଼ାଖଣ୍ଡି ଜଗବନ୍ଧୁ ସାହିର ବଳିଆ ୨୦ତାରିଖ ଦିନ ସକାଳ ସମୟରେ ମନ୍ଦିରକୁ ଯାଇଥିଲେ। ସେଠାରୁ ଆସି ଆଗା ସାହି ଛକ ନିକଟରେ ଥିବା ଏକ ଫାଷ୍ଟଫୁଡ଼ ଦୋକାନ ସମ୍ମୁଖରେ ବସିଥିବା ବେଳେ ଦୁଇଜଣ ଅଜଣା ବ୍ୟକ୍ତି ଗୋଟିଏ ମୋଟର ସାଇକଲରେ ଆସି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ସେଠାରୁ ପ୍ରାଣ ବିକଳରେ ଦୌଡ଼ିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଖଣ୍ଡା ଧରି ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଆହତ ବଳିଆ ହସ୍ପିଟାଲରୁ ସୁସ୍ଥ ହୋଇ ଫେରିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ ବେଳେ ପୋଲିସ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ସହ ତାଙ୍କୁ ଗିରଫ କରିଥିଲା।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ

## ଟପ୍ ଟେନ୍ ତାଲିକାର ୨ୟ ସ୍ଥାନରେ ବୁଗୁଡ଼ା ପିପୁଲ୍ସ କଲେଜ ଛାତ୍ରୀ



ବୁଗୁଡା, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ସ୍ଥାନୀୟ ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀ ଶିବାନୀ ରାଉତ ୧୪୦୦ ମାର୍କରୁ ୧୧୧୭ ମାର୍କ ହାସଲ କରି ଶ୍ରେଷ୍ଠ ଦଶ ତାଲିକାର ଦ୍ୱିତୀୟ ସ୍ଥାନରେ ରହି କଲେଜ ପାଇଁ ଗୌରବ ବଢାଇଛନ୍ତି। ଶିବାନୀ ବେଲଗୁଣ୍ଠା ବ୍ଲକ ଅଧିନସ୍ଥ ଜିରୋଳି ଗ୍ରାମର ନିରାକାର ରାଉତ ଏବଂ ମମତା ରାଉତଙ୍କ କନ୍ୟା ହୋଇଥିବା ବେଳେ ସେ ମାମୁଁ ଘର ରାମଖୋଲରେ ରହି ପିପୁଲ୍ସ କଲେଜରେ ଅଧ୍ୟୟନ କରୁଥିଲେ। ଶିବାନୀ ଆଗରୁ ବିଜ୍ଞାନ ଜବାହରଲାଲ ନେହରୁ ବିଶ୍ୱ ବିଦ୍ୟାଳୟରେ ସ୍ନାତକୋତ୍ତର ଅଧ୍ୟୟନ ସହ ୟୁପିଏସସି ପରୀକ୍ଷା ଦେଇ ପ୍ରଶାସିକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଶିବାନୀ ତାଙ୍କ ସଫଳତାର ଶ୍ରେୟ କଲେଜର ଅଧକ୍ଷ ହରିକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ରାଜନୀତି ବିଜ୍ଞାନ ବିଭାଗର ଶିକ୍ଷାଦାନ ବ୍ୟବସ୍ଥା ସାଙ୍ଗକୁ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଡକ୍ଟର ବିନୋଦ କୁମାର କର, ଲୋକନାଥ ବେହେରା, ପବିତ୍ର ଖଣ୍ଡୁଆଳ ପ୍ରମୁଖ ଅଧ୍ୟାପକବୃନ୍ଦଙ୍କୁ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗର ଶିକ୍ଷାର୍ଥୀ ୨୦୨୨ରୁ ୨୦୨୫ ଲଗାତର ୪ ବର୍ଷ ଧରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଫଳରେ ଶ୍ରେଷ୍ଠ ଦଶ ତାଲିକା ଭିତରେ ସ୍ଥାନ ପାଇ ଆସୁଛନ୍ତି। ତେବେ ଏଥର ଛାତ୍ରୀ ଶିବାନୀଙ୍କ କୃତିତ୍ୱ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ସ୍କୁଲ ଗାଡି ଦୁର୍ଘଟଣା ୧୦ ଆହତ

ଛତ୍ରପୁର, (ସବ୍ୟୁ): ସ୍କୁଲ ଖରା ଛୁଟି ହୋଇଯିବା ପରେ ଏକ ବୁଲେରୋ ଗାଡି ଓଡି ୦୨ଟି ୩୯୯୦ ଯୋଗେ ଘରକୁ ଫେରୁଥିବା ବେଳେ ଛତ୍ରପୁର ଥାନା ଅଧିନ ଉଜଳେଶ୍ୱରୀ ମନ୍ଦିର ଜାତୀୟ ରାଜପଥ ନିକଟରେ ଗାଡିଟି ଭାରଶାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା । ଗାଡିଟି ରାସ୍ତାର ତଳକୁ ଖସି ଓଲଟି ପଡିଥିଲା । ଏଥିରେ ଚାଳକ ସମେତ ୧୦ ଜଣ ଆହତ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରେ ୫ଜଣ ଛାତ୍ର/ ଛାତ୍ରୀ ରହିଥିବା ବେଳେ ଅନ୍ୟ ୫ ଜଣ ଅଭିଭାବକ ଥିଲେ । ଭୁବନେଶ୍ୱରରୁ ଏକ ଘରୋଇ ଶିକ୍ଷାନୁଷ୍ଠାନରୁ ନିଜ ଗ୍ରାମ ଚନ୍ଦ୍ରଗିରିକୁ ଏକ ବୋଲେରୋ ଗାଡି ୟରେ ଫେରୁଥିବା ବେଳେ ଘଟିଛି ଏହି ଦୁର୍ଘଟଣା । ସ୍ଥାନୀୟ ଜନସାଧାରଣ ଓ ପୋଲିସ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ଅଣାଯାଇଥିଲା । ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଗାଡି ବସିଥିବା ୧୦ ଜଣ । ଘଟଣା ସ୍ଥଳରେ ଛତ୍ରପୁର ପୋଲିସ ପହଁଚି ତଦନ୍ତ ଜାରି ରଖିଛି। ଆହତ ଛାତ୍ର/ଛାତ୍ରୀ ହେଲେ ଲିଜା ଶବର, ରୁପାଲୀ ଶବର, ବର୍ଷା ରାଣୀ ଶବର ଓ ଲକ୍ଷ୍ମୀ ଶବର । ଅଭିଭାବକ ମଦନ ଦଳ ବେହେରା, ଦେବରାଜ ଶବର, ମନୁ ଶବର, ସନ୍ୟାସୀ ଶବର ଓ ଗାଡି ଚାଳକ କଳା କୃଷ୍ଣ ମହାପାତ୍ର ।

### ନିଯୁକ୍ତି, ସ୍ୱାସ୍ଥ୍ୟ, ପ୍ରଦୂଷଣ ସମସ୍ୟା

## ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ଗଣାଧାରଣା

ଛତ୍ରପୁର, (ସବ୍ୟୁ) : ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ନିଯୁକ୍ତି, ସ୍ୱାସ୍ଥ୍ୟ, ପ୍ରଦୂଷଣ ଆଦି ବିଭିନ୍ନ ସମସ୍ୟାର ସମାଧାନ ନେଇ ଗଣାଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ବୁଗୁଲୁ ଛକ ନିକଟରେ ଏହି ଧାରଣା ଦିଆଯାଇଛି। ଗୋପାଳପୁରପୋର୍ଟରେ ଅଞ୍ଚଳର ଶିକ୍ଷିତ ଯୁବକ, ଯୁବତୀ, ମହିଳା ଶ୍ରମିକମାନଙ୍କୁ କମ୍ପାନୀରେ କର୍ମ ଯୋଗାଇ ଦେବା ନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷକୁ ଆଞ୍ଚଳିକ ବିକାଶ ମଞ୍ଚ ପକ୍ଷରୁ ବାରମ୍ବାର ଅବଗତ କରାଯାଇଥିଲେ ବି କାର୍ଯ୍ୟକାରୀ ହୋଇନଥିବାରୁ ବାଧ ହୋଇ ଏହି ଧାରଣା ଦିଆଯାଇଛି। ଏପରିକି ଆମ ଅଞ୍ଚଳର ଲୋକଙ୍କୁ ନିଯୁକ୍ତି ନଦେଇ ବାହାର ଲୋକଙ୍କ ଠାରୁ ଟଙ୍କା କାରବାର କରି ସେମାନଙ୍କୁ ନିଯୁକ୍ତି ଦିଆଯାଉଛି । ସେହିପରି ଗୋପାଳପୁର ବନ୍ଦରକୁ ଏବେ ଆଦାନି ନେବା ପରେ ତାଠୁ ମାଲ ପରିବହନ ଗାଡି ଗୁଡିକ ଆମ ଅଞ୍ଚଳର ରାସ୍ତା ଦେଇ ଯାତାୟତ କରୁଥିବାରୁ ଛୋଟ ପିଲାମାନେ ଓ ବରିଷ୍ଠ ନାଗରିକ ମାନଙ୍କ ନାହିଁନଥିବା ଅସୁବିଧା ହେଉଛି । ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ରହୁଛି। ଏପରିକି ପରିବହନ ଗାଡିରେ ଆବଶ୍ୟକ ଠାରୁ ଅଧିକ ଲୋଡ ନେଉଛନ୍ତି । ଆମ ଅଞ୍ଚଳରେ ଏବେ ବେକାରି ସମସ୍ୟା ବୃଦ୍ଧି ପାଉଛି । ଶିକ୍ଷିତ ଓ ଯୋଗ୍ୟତା ଭିତିରେ ନିଯୁକ୍ତି ଦାବୀ କରାଯାଇଛି । ଏହି ଧାରଣାରେ ଛତ୍ରପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ସାମାଜିକ କର୍ମୀ ଭାଗିରଥି ବେହେରା, ନାରୀ ନେତ୍ରୀ ନିକାନ୍ତି ପ୍ରଧାନ, ପୂର୍ବତନ ସରପଞ୍ଚ ଟି.କିଷାନ୍ଙ୍କ ସମେତ ବହୁ ମହିଳାମାନେ ଏହି ଧାରଣାରେ ସାମିଲ ହୋଇଛନ୍ତି ।

## ଓଷ୍ଟା ପକ୍ଷରୁ ନବାଗତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ସ୍ୱାଗତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକଙ୍କ ବଦଳି ପରେ ଜିଲ୍ଲାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାବରେ ପଦୋନ୍ନତି ପାଇ ଗୌତମ ପାତ୍ର ଓ ଦେବଗଡ଼ରୁ ବିନୋଦ କୁମାର ସିଂହ ଯୋଗଦାନ କରିଛନ୍ତି । ନୂତନ ଭାବରେ ଯୋଗଦାନ କରିଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କୁ ଓଷ୍ଟା ମୟୂରଭଞ୍ଜ ପକ୍ଷରୁ ଫୁଲ ଗଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ ମୟୂରଭଞ୍ଜ ଓଷ୍ଟା ୧ର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା ମୟୂରଭଞ୍ଜ ଓଷ୍ଟା ୨ ସମ୍ପାଦକ ଭାଗ୍ୟବାନ ମହାନ୍ତ ଓ ଯୁଗ୍ମ ସମ୍ପାଦକ ରାଧାକାନ୍ତ ମହାରଣା ପ୍ରମୁଖଙ୍କ ସହିତ ଶୌହାର୍ଦ୍ଦ ପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଓଷ୍ଟାର ଗାରିମାମୟ ଐତିହ୍ୟକୁ ମନେପକାଇ ଶିକ୍ଷା ଅଧିକାରୀଦ୍ୱୟ ଓଷ୍ଟାର କାର୍ଯ୍ୟକ୍ରମକୁ ଖୁବ୍ ପ୍ରଶଂସା କରିବା ସହିତ ଜିଲ୍ଲାରେ ଶୈକ୍ଷିକ ବାତାବରଣକୁ ଆଗେଇନେବା ପାଇଁ ଓଷ୍ଟାର ସମସ୍ତ କର୍ମକର୍ତ୍ତାଙ୍କର ସହଯୋଗ କାମନା କରିଥିଲେ । ପୂର୍ବରୁ ଜିଲ୍ଲାରେ ଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ ଉପସ୍ଥିତ ରହି ଓଷ୍ଟାର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

## ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ ଆନ୍ତଃ କ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମ ପଡିଆରେ ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି । ପ୍ରତ୍ୟେକ ଦଳ ୯ଜଣ ୧୯ବର୍ଷରୁ କାମ ଓ ୬ଜଣ ୧୬ବର୍ଷରୁ କମ ବୟସର ଖେଳାଳିଙ୍କୁ ନେଇ ଗଠିତ ଓ ମ୍ୟାଚରେ ଗୋଟିଏ ଦଳରେ ଦଳରେ ୭ଜଣ ୧୯ବର୍ଷରୁ କମ ଓ ୪ଜଣ ୧୬ବର୍ଷରୁ କମ ଖେଳାଳି ରହିବା ଅନିବାର୍ଯ୍ୟ ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି । ଆଜିର ମ୍ୟାଚରେ କରଞ୍ଜିଆ କ୍ଲବ ମୟୂରଭଞ୍ଜ ୟଲ କ୍ଲବକୁ ୭୩ ରନରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି କରଞ୍ଜିଆ ୨୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ରନ କରିଥିଲେ ଓ ଦଳ ପକ୍ଷରୁ ନାରାୟଣ ପାତ୍ର ସ୍କୋର କରିଥିବାବେଳେ ବିପକ୍ଷ ଦଳର ଶମ୍ଭୁନାଥ ମୁଣ୍ଡା ୪ଟି ଓ ଅମରେଶ ବିନ୍ଧାଣି ୩ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ମୟୂରଭଞ୍ଜ ୟଲ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୯ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ ଆସିହା ନାଏକ ୨୩ ରନ କରିଥିବାବେଳେ ବିପକ୍ଷ ଦଳର ମହମ୍ମଦ ଆର୍ସାଦ ରାଜା, ସାହିଲ କୁମାର ମହାନ୍ତ ଓ ଗମ୍ଭୀର ପିଙ୍ଗୁଆ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ନାରାୟଣ ପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଦିଲ୍ଲୀପ ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ସମାଜସେବୀ ବିନୟ ବେହେରା ଅତିଥି ଭାବେ ଓ ସହ ସମ୍ପାଦକ ଅମ୍ବିକା ରାଉତ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଗତକାଲିର ଉଦ୍ଘାଟନୀ ମ୍ୟାଚରେ କରଞ୍ଜିଆ କ୍ଲବ ଡିଆରକେ କ୍ଲବକୁ ୬ ଉଇକେଟରେ ପରାସ୍ତ କରିଥିଲା । ଏମ୍ସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ ।

## ତାତିରୁ ମିଳୁନି ତ୍ରାହି, ଜନ ଜୀବନ ଅସ୍ତବ୍ୟସ୍ତ

ବୁଗୁଡା, (ସବ୍ୟୁ): ଏଇ କିଛି ଦିନ ହେବ ତାପମାତ୍ରା ବୃଦ୍ଧି ପାଇଥିବା ବେଳେ ଗତ ତିନ ହେଲା ତାପମାତ୍ରା ୪୦ ଡିଗ୍ରୀରୁ କମୁନଥିବାରୁ ବୁଗୁଡା ଅଞ୍ଚଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସକାଳ ୮ଟାରୁ ଗରମ ଅନୁଭବର ଆରମ୍ଭ ହୋଇ ମଧ୍ୟାହ୍ନ ଓ ଅପରାହ୍ନ ବେଳକୁ ଅସହ୍ୟ ହୋଇପଡୁଛି । ପ୍ରବଳ ତାତି ଯୋଗୁଁ ଅଂଶୁଘାତର ଭୟ ଘାରୁଛି । ରାସ୍ତାଘାଟ ଶୂନଶାନ ହୋଇପଡୁଛି। କୌଣସି ଜରୁରୀ କାମରେ ଯେକେହି ଘରୁ ବାହାରିଲେ ବାଧ ହୋଇ ପାଣି ବୋତଲ ସହ ମୁଣ୍ଡରେ ଗାମୁଛା ବାନ୍ଧି କିମ୍ବା ଛତା ଧରିବାକୁ ପଡୁଛି । ଗରମରୁ ତ୍ରାହି ପାଇବା ପାଇଁ ଲୋକେ ଟିକେ ବର୍ଷାକୁ ଚାତକ ଭଳି ଚାହିଁ ବସିଥିଲେ ହେଁ ତାହାର ଦେଖା ମିଳୁନି । ବେଳେ ବେଳେ ପାଗ ମେଘୁଆ ରହିଲେ ମଧ୍ୟ ଅସହ୍ୟ ଗୁଳୁଗୁଳି ଅନୁଭୂତ ସାଙ୍ଗକୁ ଶରୀର ଝାଳେଇ ଯାଉଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ସ୍କୁଲଗୁଡିକୁ ଏପ୍ରିଲ ୨୩ ତାରିଖରୁ ଛୁଟି ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ବାହାର ଗରମରୁ ରକ୍ଷା ପାଇବା ପାଇଁ ଘରେ ରହିଲେ ମଧ୍ୟ ଘନ ଘନ ବିଦ୍ୟୁତ୍ କାଟ ଯୋଗୁଁ କଳବଳ ହେବାକୁ ପଡୁଛି । ତେବେ ତାତିରୁ ତ୍ରାହି ମିଳୁ ନଥିବାରୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

## ପଞ୍ଚ ଠାକୁରାଣୀ ଯାତ୍ରା ମା'ଙ୍କ ଆଗମନକୁ ଅପେକ୍ଷା

ବୁଗୁଡା, (ସବ୍ୟୁ): ଆଗାମୀ ଏପ୍ରିଲ ୨୫ରୁ ମେ ମାସ ୧୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୭ ଦିନ ବ୍ୟାପି ଆୟୋଜିତ ହେବାକୁ ଯାଉଥିବା ମା' ପଞ୍ଚ ଠାକୁରାଣୀ ଯାତ୍ରା ଉପଲକ୍ଷେ ବୁଗୁଡ଼ା ବଡ଼ଦାଣ୍ଡରେ ଅସ୍ଥାୟୀ ମଣ୍ଡପ ପ୍ରସ୍ତୁତି କାର୍ଯ୍ୟର ପରିସମାପ୍ତି ଘଟିଥିବା ବେଳେ ମା'ଙ୍କ ଆଗମନ ଅପେକ୍ଷାରେ ରହିଛନ୍ତି ଶ୍ରଦ୍ଧାଳୁ । ଅନ୍ୟପକ୍ଷରେ ଠାକୁରାଣୀ ଯାତ୍ରା କମିଟି ପକ୍ଷରୁ ମା' ମାଳିଖୋଲା, ମା' ବୁଢୀ ଠାକୁରାଣୀ, ମା' ବ୍ୟାଘ୍ରଦେବୀ, ମା' ନାରାୟଣୀ ଓ ଢୁଙ୍କାପଡାର ମା' ମାଉଁଦେଈ ଆଦି ପଞ୍ଚ ଠାକୁରାଣୀଙ୍କୁ ଆବାହନ କରି ଆଣିବା ପାଇଁ ୫ ଜଣଙ୍କ ନେତୃତ୍ୱରେ ୫ଟି ଦଳ ଗଠନ କରାଯାଇଛି । ଏଥି ସହ ପଞ୍ଚ ଠାକୁରାଣୀଙ୍କ ନଗର ଭ୍ରମଣି ଖସଡା ମଧ୍ୟ ପ୍ରସ୍ତୁତ ହୋଇ ସାରିଛି। ବିଭିନ୍ନ ସାହିରେ ଆକର୍ଷଣୀୟ ମେଢ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଆକର୍ଷଣୀୟ ପୂଜା ମଣ୍ଡପ ସାଙ୍ଗକୁ ସହରର ତିନୋଟି ପ୍ରବେଶ ପଥରେ ତୋରଣର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଠାକୁରାଣୀ ଯାତ୍ରା କାଳରେ ମାଳମାଳ ମେଢ ସାଙ୍ଗକୁ ଅପେରା, ମୀନାବଜାର, ରାମଦୋଳି, ମେଲୋଡି, କଳାକୁଞ୍ଜ, ଆକର୍ଷଣୀୟ ତୋରଣ ଲୋକଙ୍କ ମନ ମୋହିବା ସୁନିଶ୍ଚିତ ଥିବା ବେଳେ ମା'ଙ୍କ କୃପା ଭିକ୍ଷା ପାଇଁ ଶ୍ରଦ୍ଧାଳୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜଣାଯାଇଛି ।

## ଅଂଶୁଘାତରେ ଚାଷୀ ମୃତ

ହିଞ୍ଜିଳିକାଟୁ, (ସବ୍ୟୁ): ହିଞ୍ଜିଳି ଥାନା ଖରିଡା ଗ୍ରାମର ଜଣେ ଚାଷୀଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ହିଞ୍ଜିଳି ଥାନା ଖରିଡା କେନାଲ ସାହିର ଦିନବନ୍ଧୁ ବେହେରା (୫୮) । ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନରେ ଚାଷୀ ଜଣଙ୍କ ନିଜ ଚାଷ ଜମିରେ ପିଡିଆ ପକାଇବା ପାଇଁ ଘରୁ ଚାଲିଚାଲି ଚାଷଜମିକୁ ଯାଉଥିଲେ। ରାସ୍ତାରେ ସଂଜ୍ଞାହୀନ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏନେଇ ହିଞ୍ଜିଳି ଥାନାରେ କେସ ନଂ– ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଖବର ପାଇ ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା ଓ ଶିକିରୀ ରାଜସ୍ୱ ନିରୀକ୍ଷକ ସୁବ୍ରତ କୁମାର ସାହୁ ପ୍ରମୁଖ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ଓ ସଂପୃକ୍ତ ଗ୍ରାମରେ ପହଞ୍ଚି ଘଟଣାର ଅନୁଧ୍ୟାନ ଚଳାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ବୁଧବାର ହିଞ୍ଜିଳିକାଟୁ ଅଞ୍ଚଳର ତାପମାତ୍ରା ୪୨ ଓ ଥିବାବେଳେ ଚଳିତବର୍ଷ ହିଞ୍ଜିଳିକାଟୁ ଅଞ୍ଚଳର ଏହା ପ୍ରଥମ ଅଂଶୁଘାତ ମୃତ୍ୟୁ ଘଟଣା ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

## ପୁଣି ଗୋଟିଏ ପିସ୍ତଲ୍ ଓ ଗୁଳି ଜବତ : ୨ ଗିରଫ

ଭଞ୍ଜନଗର, (ସବ୍ୟୁ): ୯ ଏମ୍ଏମ୍ ପିସ୍ତଲ୍, ୨ ଟି ୯ ଏମ୍ଏମ୍ ଜୀବନ୍ତ ଗୁଳି ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୋଗରେ ୨ ଜଣ ଯୁବକଙ୍କୁ ଗିରଫ କରିଛି ଭଞ୍ଜନଗର ପୁଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ଭଞ୍ଜନଗର ଲଣ୍ଡେଇସାହିର ସୂର୍ଯ୍ୟ ପ୍ରଧାନ ଓ ନୟାଗଡ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ଭବିଦେଇପୁର ଗ୍ରାମର ସାନୁ ନାଇକ। ଭଞ୍ଜନଗର ଥାନା କେଶ ନମ୍ବର ୪୨୯/ ୨୫ ପ୍ରକାରେ ଏହି ଦୁଇ ଯୁବକଙ୍କୁ ଗିରଫ କରି ସ୍ଥାନୀୟ ପୁଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ମିଳିଥିବା ସୁଚନା ପ୍ରକାରେ ଲଣ୍ଡେଇସାହିର ସୂର୍ଯ୍ୟ ପ୍ରଧାନଙ୍କ ପାଖରେ ଗୋଟିଏ ୯ ଏମ୍ଏମ୍ ପିସ୍ତଲ୍ ଓ ଗୁଳି ଥିବା ସଂପର୍କରେ ସୂଚନା ପାଇବା ପରେ ପୁଲିସ ତତକ୍ଷଣାତ୍ ସେଠାରେ ଚଢାଉ କରି ସୂର୍ଯ୍ୟକୁ ଧରି ନେଇଥିଲେ ମଧ୍ୟ ତା ନିକଟରୁ ପିସ୍ତଲ୍ ଓ ଗୁଳି ପାଇନଥିଲେ । ତାକୁ ପଚରାଉଚରା ପରେ ସେ ତା ପାଖରେ ଥିବା ପିସ୍ତଲ୍ ଓ ଗୁଳିକୁ ଶରଣକୁଳ ଥାନା ଅନ୍ତର୍ଗତ ଭବିଦେଇପୁର ଗ୍ରାମର ସାନୁ ନାଇକକୁ ଦେଇଥିବା ଜାଣି ତୁରନ୍ତ ଭବିଦେଇପୁର ଗ୍ରାମରେ ଚଢାଉ କରାଯାଇଥିଲା। ଆଉ ତା ନିକଟରୁ ଏହି ପିସ୍ତଲ୍ ଓ ୨ଟି ଜୀବନ୍ତ ଗୁଳି ଜବତ କରିବା ସହ ତାକୁ ନିଜ କବ୍ଜାକୁ ନେଇଥିଲା ପୋଲିସ । ପରେ ଥାନା କେଶ ନମ୍ବର ୪୨୯/୨୫ ପ୍ରକାରେ ଉଭୟ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଗତକାଲି ସ୍ଥାନୀୟ ପୁଲିସ ୨ଟି ଦେଶୀ ବନ୍ଧୁକ ଓ ୪ଟି ଜୀବନ୍ତ ଗୁଳି ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୋଗରେ ମୋଟ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଆଉ ୨ ଜଣ ଗିରଫ ହେବା ସହ ପିସ୍ତଲ୍ ଓ ଗୁଳି ମିଳିବା ପରେ ଏଥିରେ ଗିରଫଙ୍କ ସଂଖ୍ୟା ୫କୁ ବୃଦ୍ଧି ପାଇଛି ।

## ଜୁନିୟର ରେଡକ୍ରସର ସାମୁହିକ ଦୀକ୍ଷା ଗ୍ରହଣ ଉତ୍ସବ



ଧରାକୋଟ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡକ୍ରସ ଛାତ୍ରଛାତ୍ରୀମାନଙ୍କ ସାମୁହିକ ଦୀକ୍ଷା ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୦ ଗୋଟି ଉଚ୍ଚ ବିଦ୍ୟାଳୟ ଓ ୧୩ ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋଟ ୪୬୬ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ସାଧନ କର୍ମୀ ହରି କୃଷ୍ଣ ପଣ୍ଡା, ହିମାଂଶୁ ପଟ୍ଟନାୟକ, ସୁରେନ୍ଦ୍ର ନାଥ ପଣ୍ଡା, ଭିକାରୀ ଚରଣ ଗୌଡ଼, ଲକ୍ଷ୍ମୀ ନାରାୟଣ ମହାରଣା, ସ୍ନେହଲତା ପଣ୍ଡା ପ୍ରମୁଖ ଦୀକ୍ଷା ପ୍ରଦାନ କରିଥିଲେ। ରେଡକ୍ରସର ପ୍ରତିଷ୍ଠାତା ହେନେରି ଡୁନାନ୍ଟଓଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଏଥିରେ ସାମିଲ କରି ସମାଜର ବିଭିନ୍ନ ସେବା ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ଯଥା ବୃକ୍ଷ ରୋପଣ, ସଡକ ସୁରକ୍ଷା, ସ୍ୱଚ୍ଛତା, ଶିକ୍ଷା ସଚେତନତା ସହ ବିଦ୍ୟାଳୟର ବିଭିନ୍ନ ଉତ୍ସବ ପାଳନ ବେଳେ ସ୍ୱେଚ୍ଛାସେବୀ ଭାବରେ ନିଜର ସଠିକ ଦାଇତ୍ୱ ତୁଲାଇବା ସହ ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ୟାମ୍ପରେ ନିଜର ପ୍ରତିଭା ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଇଓ ଲିଙ୍ଗରାଜ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ମୁଖ୍ୟବକ୍ତା ଭାବରେ ସାଧନ କର୍ମୀ ହରେକୃଷ୍ଣ ପଣ୍ଡା, ଏବିଇଓ ସୌରୀ ଶଙ୍କର ବେହେରା, ସିମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ର ପ୍ରମୁଖ ଉପସ୍ଥିତ ରହି ସରକାରୀ ନିର୍ଦ୍ଦେଶ ପ୍ରକାରେ ପ୍ରତ୍ୟେକ ବିଦ୍ୟାଳୟରେ ଜୁନିଅର ରେଡକ୍ରସ, ସ୍କାଉଟ ଓ ଗାଇଡ ୟୁନିଟ ଖୋଲାଯାଇ ଏହା ମାଧ୍ୟମରେ ବିଭିନ୍ନ ସେବା କାର୍ଯ୍ୟ କରି ସମାଜକୁ ସଚେତନ କରାଇବା ପାଇଁ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ରେଡକ୍ରସର ଧରାକୋଟ ବ୍ଲକ ସଂଯୋଜକ ରଶ୍ମିତା ରାଉଳ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସାଧନ କର୍ମୀ ସୁରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ ପ୍ରଦାନ କରିଥିଲେ।

## ପୋଖରୀରେ ବୁଡ଼ି ୨ ଭିନ୍ନକ୍ଷମ ମହିଳାଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, (ସବ୍ୟୁ): ମୃତ୍ୟୁ ବେଳେ ବେଳେ ଏମିତି ଏକ ସମୟରେ ଆସେ ତାହା କଳ୍ପନା ବାହାରେ। ଏକ ସାଥିରେ ୨ ଭିନ୍ନକ୍ଷମ ଯୁବତୀ ଆରପାରିକୁ ଚାଲିଗଲା ଭଳି ଅତ୍ୟନ୍ତ ମର୍ମଦାୟକ ଘଟଣା ଗ୍ରାମବାସୀଙ୍କୁ ସ୍ତବ୍ଧ କରିଦେଇଛି। ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ନରେନ୍ଦ୍ରପୁର ଗ୍ରାମରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଗାଁ ବନ୍ଧ ପୋଖରୀରେ ବୁଡି ୨ ଜଣ ଭିନ୍ନକ୍ଷମ ମହିଳାଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତକ ମହିଳା ଦ୍ୱୟ ହେଲେ ହିଞ୍ଜିଳି ଥାନା ନରେନ୍ଦ୍ରପୁର ଗ୍ରାମ କୁମ୍ଭାର ସାହିର ଯୋଗିନ୍ଦ୍ର ଡାକୁଆଙ୍କ ଝିଅ ସ୍ୱପ୍ନା ଡାକୁଆ (୩୦) ଓ ରଞ୍ଜନ ସ୍ୱାଇଁଙ୍କ ଝିଅ ଜ୍ୟୋତି ସ୍ୱାଇଁ (୧୯) । ପ୍ରକାଶ ଯେ, ପ୍ରତିଦିନ ଭଳି ବୁଧବାର ଅପରାହ୍ନରେ ନରେନ୍ଦ୍ରପୁର ଗ୍ରାମ କୁମ୍ଭାର ସାହିର ସ୍ୱପ୍ନା ଓ ଜ୍ୟୋତି ସାଥି ହୋଇ ଗ୍ରାମର ଗାଁ ବନ୍ଧ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ଧରି ଦୁଇ ଭିନ୍ନକ୍ଷମ ମହିଳା ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ଉଭୟଙ୍କ ସନ୍ଧାନ ମିଳିନଥିଲା। ସନ୍ଧ୍ୟାରେ ଗ୍ରାମର କିଛି ମହିଳା ଉକ୍ତ ପୋଖରୀରେ ସ୍ନାନ କରୁଥିବା ବେଳେ ପୋଖରୀ ପାଣିରେ ୨ ମହିଳା ଭାସୁଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ଗ୍ରାମର କିଛି ଲୋକେ ପୋଖରୀକୁ ଯାଇ ଭାସୁଥିବା ୨ ଭିନ୍ନକ୍ଷମ ମହିଳାଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ଏସଆଇ ସୁରେଶ କୁମାର ସାହୁ ଓ ଏଏସଆଇ ଅନନ୍ତ ଶବର ଓ ପୁଲିସ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ୨ ମହିଳାଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସଂପୃକ୍ତ ୨ ଭିନ୍ନକ୍ଷମ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ପୋଖରୀ ପାଣିରେ ସ୍ନାନ କରୁଥିବା ବେଳେ ଅସାବଧାନତା ବଶତଃ ଗୋଡ ଖସି ୨ ମହିଳାଙ୍କ ମୃତ୍ୟୁ ଘଟିଥିବା ପୁଲିସ ଅନୁମାନ କରୁଛି। ଏନେଇ ହିଞ୍ଜିଳି ଥାନାରେ କେସ ନଂ– ୮/୨୫ ଓ ୯/୨୫ ରେ ୨ ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଅଟୋରେ ଛାଡିଥିବା ଟ୍ରଲି ବ୍ୟାଗ୍ ଫେରିପାଇଲେ ମହିଳା

ବ୍ରହ୍ମପୁର, (ସବ୍ୟୁ): ବୁଢୀ ଠାକୁରାଣୀ ଯାତ୍ରା ଦେଖିବାକୁ ଯାଇଥିବା ଏକ ପରିବାର ଯାତ୍ରୀବାହୀ ଅଟୋରେ ଛାଡି ଦେଇଥିବା ନିଜ ଟ୍ରଲି ବ୍ୟାଗ ଫେରିପାଇଛନ୍ତି । ବଡବଜାର ଥାନା ପୋଲିସ ସଂପୃକ୍ତ ଅଟୋକୁ ସିସିଟିଭି କ୍ୟାମରୋରୁ ଚିହ୍ନଟ କରି ବ୍ୟାଗ ଉଦ୍ଧାର କରିବା ପରେ ମହିଳାଙ୍କୁ ବୁଧବାର ଫେରସ୍ତ କରିଛି । ସୂଚନାପ୍ରକାରେ, ପୋଲସରା ଅଞ୍ଚଳର ଜନୈକା ମହିଳା କେ. କଲ୍ୟାଣୀ ଗତ ୨୦ ତାରିଖରେ ନିଜ ପରିବାର ସହ ବ୍ରହ୍ମପୁର ବୁଢୀ ଠାକୁରାଣୀ ଯାତ୍ରା ଦେଖିବାକୁ ଆସିଥିଲେ। ସେ ଅପରାହ୍ନ ସାଢେ ୪ଟା ବେଳେ ପରିବାର ଲୋକଙ୍କ ସହ ଦେଶୀବେହେରା ସାହିରୁ ବାହାରିଥିଲେ । ହେଲେ ଅଟୋରେ ଓହ୍ଲାଇବା ବେଳେ ଭୂଲବଶତଃ ନିଜ ଟ୍ରଲି ବ୍ୟାଗ ଭୁଲି ଯାଇଥିଲେ । କଲ୍ୟାଣୀ ଓ ତାଙ୍କ ପରିବାର ଲୋକଙ୍କୁ ଓହ୍ଲାଇବା ପରେ ଟ୍ରଲି ବ୍ୟାଗ ନେଇ ଅଟୋ ଚାଳକ ସେଠାରୁ ଚାଲିଯାଇଥିଲା । ଏ ନେଇ କଲ୍ୟାଣୀ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେହି ଅଟୋର ନମ୍ବରକୁ ଟ୍ରାକିଂ କରି ଚିହ୍ନଟ କରିଥିଲା। ପରେ ଉକ୍ତ ବ୍ୟାଗକୁ ଉଦ୍ଧାର କରିଥିଲା। ବୁଧବାର କଲ୍ୟାଣୀ ଓ ତାଙ୍କ ପରିବାର ଲୋକେ ବଡବଜାର ଥାନାରେ ପହଞ୍ଚି ନିଜ ଟ୍ରଲି ବ୍ୟାଗ ଫେରି ପାଇ ପୋଲିସକୁ ପ୍ରଶଂସା କରିଛନ୍ତି ।

### ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟଙ୍କୁ ଆକ୍ରମଣ ମାମଲା

## ଅଭିଯୁକ୍ତକୁ ୨ ବର୍ଷ ଜେଲ୍

ଭଞ୍ଜନଗର, (ସବ୍ୟୁ): ଗତ ୨୨-୧୦-୨୦୨୪ ରେ ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡି ଗ୍ରାମରେ ଗତ କାର୍ତ୍ତିକ ମାସରେ ସକାଳୁଆ ସଂକୀର୍ତ୍ତନ ମଣ୍ଡଳୀର ଗ୍ରାମ ପରିକ୍ରମା ବେଳେ ସେହି ଗ୍ରାମର ଜୟ ପ୍ରଧାନ ନାମକ ଜଣେ ବ୍ୟକ୍ତି ଏହି ସଂକୀର୍ତ୍ତନ ମଣ୍ଡଳୀର ୩ ଜଣ ସଦସ୍ୟ ପତିତପାବନ ପଟ୍ଟନାୟକ, ମିଟୁ ପ୍ରଧାନ ଓ ସୂର୍ଯ୍ୟ ପ୍ରଧାନକୁ ଠେଙ୍ଗା ଓ ଟାଙ୍ଗିଆରେ ହାଣି ଲହୁ ଲୁହାଣ କରିବା ଘଟଣାର ରାୟ ପ୍ରକାଶ ପାଇଛି । ଆଜି ଏହାର ବିଚାର କରି ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୈରାଜଜ୍ ଦେବଦତ୍ତ ପଟ୍ଟନାୟକ ଅଭିଯୁକ୍ତ ଜୟ ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମିଳିଥିବା ସୁଚନା ପ୍ରକାରେ ଏନେଇ ଭଞ୍ଜନଗର ଥାନାରେ ଗତ ୨୨/୧୦/୨୦୨୪ରେ ଏକ ମାମଲା କେଶ୍ ନମ୍ବର –୯୭୦/୨୫ ପ୍ରକାରେ ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏନେଇ ଅତିରିକ୍ତ ଜିଲ୍ଲା ଦୈରାଜଜ୍ଙ୍କ କୋର୍ଟରେ ଏସଟି– ୧୨/୨୦୨୫ ରେ ମାମଲା ଦାୟର ହେବା ସହ ଶୁଣାଣୀ ଆରମ୍ଭ କରାଯାଇଥିଲା। ମୋଟ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏଡିଜେ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଉଷାକାନ୍ତ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ ।

## ଶିକ୍ଷକ ନେତା ଗଣେଶ୍ୱର ପଣ୍ଡାଙ୍କ ବିୟୋଗ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତଥା ନିଖିଳ ଉତ୍କଳ ପ୍ରାଥମିକ ଫେଡେରେସନର ବର୍ଷିଆନ ଶିକ୍ଷକ ନେତା ସ୍ୱର୍ଗତ ଗଣେଶ୍ୱର ପଣ୍ଡା ଗତକାଲି ୯୦ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି । ତାଙ୍କ ମୃତ୍ୟୁ ଶିକ୍ଷକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ତଥା ତାଙ୍କ ଅବଦାନ ଶିକ୍ଷକ ସମାଜ କେବେ ଭୁଲି ପାରିବ ନାହିଁ ବୋଲି ପୂର୍ବତନ ଜିଲ୍ଲା ସମ୍ପାଦକ ଶମ୍ଭୁନାଥ ପାଣି ପ୍ରକାଶ କରିଛନ୍ତି । ଯେଉଁ ସମୟରେ ଓଡ଼ିଶାର ଶିକ୍ଷକ ସମସ୍ତ ପ୍ରକାର ସୁବିଧାରୁ ବଂଚିତ ଥିଲା । ସେହି ସମୟରେ ତାଙ୍କର ବଳିଷ୍ଠ ନେତୃତ୍ୱ ଯୋଗୁଁ ଶିକ୍ଷକ ସମାଜ ଉପକୃତ ହୋଇପାରିଥିଲା ବୋଲି ପୂର୍ବତନ ଜିଲ୍ଲା ସମ୍ପାଦକ ଶିବ ପ୍ରସାଦ ମହାପାତ୍ର ଜଣାଇଛନ୍ତି । ମୃତ୍ୟୁ ଖବରପାଇ ତାଙ୍କ ତୁଳସୀଚଉରା ସ୍ଥିତ ବାସଭବନକୁ ଯାଇ ବହୁ ଶିକ୍ଷକ/ ଶିକ୍ଷୟତ୍ରୀ ଶେଷ ଦର୍ଶନ କରିଥିଲେ । ଶିକ୍ଷକ ନେତା ବିମଳ କୁମାର ଆଚାର୍ଯ୍ୟ, ଆରତ କୁମାର ପରିଡା, ବଳରାମ ନାଥ, ସୋମନାଥ ସିଂହ ତଥା କମଳ ମହାକୁଡ଼, ଅସୀମ ଚକ୍ରବର୍ତ୍ତୀ ତାଙ୍କର ଆତ୍ମାର ସଦଗତି କାମନା କରିବା ସହ ତାଙ୍କ ପରିବାରକୁ ଭଗବାନ ଧୈର୍ଯ୍ୟ ଦିଅନ୍ତୁ ବୋଲି ପ୍ରକାଶ କରିଛନ୍ତି ।

# କୂଅ ସଫା କରୁଥିବା ବେଳେ ଦୁଇ ମୃତ



ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ବନ୍ଦ୍ରି ଗ୍ରାମରେ ବୋରୱେଲ କୂଅ ସଫା କରିବା ସମୟରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଉକ୍ତ ଦୁଇ ଜଣ ହେଲେ ଚିତ୍ତରଞ୍ଜନ ଟାଙ୍ଗାରାଙ୍ଗା (୩୯) , ତିତେ ଟାଙ୍ଗାରାଙ୍ଗା (୩୫)। ଏପରି ସମସ୍ୟା ବନ୍ଦିରୀ ଗ୍ରାମରେ ପାଣି ଟାଙ୍କି ଠାରୁ ନଳକୂପ ପର୍ଯ୍ୟନ୍ତ ସବୁଠି ଅକର୍ମଣ୍ୟ ଅବସ୍ଥା ଦେଖିବାକୁ ମିଳିଛି। ଜଳ ସଙ୍କଟରୁ ରକ୍ଷା ପାଇବା ପାଇଁ ବନ୍ଦିରୀ ଗ୍ରାମ କାଳିମା ସାହିରେ ଦୁଇଦିନ ହେବ କୂଅ ସଫା କରାଯାଉଥିଲା। ହେଲେ ବୁଧବାର ବନ୍ଦିରୀ ଗ୍ରାମର ଚିତ୍ତରଞ୍ଜନ ଟାଙ୍ଗରାଙ୍ଗା ଓ ତେତେ ଟାଙ୍ଗରଙ୍ଗା ଶ୍ରମିକ ଭାବେ କୂଅ ଭିତରେ ପଶି ସଫା କରୁଥିଲେ । କୂଅ ଭିତରେ ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିଥିଲେ। ସେତେବେଳେ ସମୟ ପ୍ରାୟ ମଧାହ୍ନ । ଏହି ସମୟରେ ଅଗ୍ନି ଶମ ବାହିନୀ ଖବର ପାଇ ଘଟଣା ସ୍ଥଳରେ ପହଁଞ୍ଚି ଦୁଇଜଣଙ୍କୁ କୂଅ ଭିତରୁ ଉଦ୍ଧାର କରି ଚନ୍ଦ୍ରପୁରୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏପରି ଦୁଃଖଦ ଖବର ବନ୍ଦିରୀ ଚନ୍ଦ୍ରପୁରୁ ଆଖପାଖ ଗାଁରେ ଶୋକର ଛାୟା ଖେଳିଯାଇଛି। ପୋଲିସ୍ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ମୁନିଗୁଡା ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ୍ ସୂତ୍ରରୁ ଜଣାପଡିଛି। ମୃତ ତେତେଙ୍କର ଗୋଟିଏ ୩ବର୍ଷର ଝିଅ ଥିବା ବେଳେ ରଞ୍ଜନର ୩ଟି ସନ୍ତାନ ଅଛନ୍ତି। ସ୍ୱାମୀଙ୍କ ମୃତ୍ୟୁରେ ଅସହାୟ ହୋଇପଡିଛନ୍ତି ଗରିବ ପରିବାର । ତେଣୁ ସରକାରଙ୍କ ପକ୍ଷରୁ ମୃତକ ପରିବାରକୁ ୧୦ଲକ୍ଷ ଟଙ୍କା ଦୋକୁ ଗ୍ରାମବାସୀ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ନାବାଳିକା ଅପହରଣ ଉଦ୍ୟମ ବିଫଳ

# ଅଟକ ଅପହରଣକାରୀଙ୍କ କାଠ ଫାଳିଆ ମାଡ଼ରେ କନଷ୍ଟେବଳ ଗୁରୁତର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନାରେ ଅଭାବନୀୟ ଘଟଣା ଘଟିଛି । ଜଣେ ନାବାଳିକାଙ୍କୁ ଅପହରଣ କରି ନେଉଥିବା ଏକ ଦମ୍ପତିକୁ ପରିବାର ଲୋକେ ଧରି ପୁଲିସର ଜିମା ଦେଇଥିବା ବେଳେ ଅଟକ ସ୍ୱାମୀଙ୍କ କାଠ ଫାଳିଆ ଆକ୍ରମଣରେ ଜଣେ କନେଷ୍ଟବଳ ଗୁରୁତର ଆହତ ହୋଇ ଏମ୍ସ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଅଭିଯୁକ୍ତ ଦମ୍ପତି ହେଲେ ତୁରେକେଲା ଥାନା ଢୋଲମାନ୍ଦଲ ଗ୍ରାମର ମଗଶିର ଓରଫ ମହେନ୍ଦ୍ର ପରାଭୋଇ(୪୫) ଓ ତାଙ୍କ ପତ୍ନୀ ଇତମନି ଓରଫ ରତମନି ପରାଭୋଇ(୪୦)।

ମୁରିବାହାଲ ଥାନା ଚଣାବାହାଲ ପଞ୍ଚାୟତ କୁମ୍ଭାରୀ ଗ୍ରାମର ଟେଙ୍ଗନୁ ଓ ତାଙ୍କ ପତ୍ନୀ ଗୁନଦେଇ ପରିବାର ସହ ଝରଣୀର ଦାଦନ ସର୍ଦ୍ଦାର ସରିଫ ଖାଁ ଦ୍ୱାରା ହାଇଦ୍ରାବାଦକୁ ଇଟା ଗଢିବାକୁ ଚାଲାଣ ହୋଇଥିଲେ। ସେଠାରେ କାମ କରୁଥିବା ବେଳେ ସେମାନଙ୍କ ନାବାଳିକା ଝିଅ(୧୫) ସହ ସେଠାକୁ ଦାଦନ ଖଟିବାକୁ ଯାଇଥିବା ଢୋଲମାନ୍ଦଲ ଗ୍ରାମର ସଂପୃକ୍ତ ଦମ୍ପତିଙ୍କ ପୁଅ ବିଶ୍ୱରାଜ ପରାଭୋଇଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହା ଜାଣିପାରି ନାବାଳିକାଙ୍କ ମା ନିଜ ଝିଅକୁ ଧରି କୁମ୍ଭାରୀ ଗ୍ରାମକୁ ଫେରି ଆସିଥିବା ବେଳେ ବାପା ଟେଙ୍ଗନୁ ଏବେ ବି ଦାଦନ ଖଟୁଛନ୍ତି। ପୁଅର ପରିବାର ମଧ୍ୟ ସେଠାରୁ ଚାଲିଆସିଥିଲେ। ମଙ୍ଗଳବାର ଅପରାହ୍ନରେ ଢୋଲମାନ୍ଦଲର ସଂପୃକ୍ତ ଦମ୍ପତି କୁମ୍ଭାରୀ ଗ୍ରାମକୁ ଆସି ନିଜ ପୁଅ ପାଇଁ ସେହି ନାବାଳିକାଙ୍କ ବିବାହ ପ୍ରସ୍ତାବ ଦେଇଥିଲେ। ନିଜ ଝିଅର ବୟସ ମାତ୍ର ୧୫ବର୍ଷ ହେଉଥିବାରୁ ଏହାକୁ ନାବାଳିକାଙ୍କ ମା ରୋକଠୋକ୍ ମନା କରିଦେଇ ଅନ୍ୟ କାମରେ ବ୍ୟସ୍ତ ଥିଲେ। ଏହି ସମୟରେ ସୁଯୋଗ ଦେଖି ଢୋଲମାନ୍ଦଲର ସଂପୃକ୍ତ ଦମ୍ପତି ନାବାଳିକାଙ୍କୁ ଘରୁ ଅପହରଣ କରି ଫେରାର ହୋଇଯାଇଥିଲେ। ଏହି ଦମ୍ପତିଙ୍କ ପୁଅ ସହ ସଂପୃକ୍ତ ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିବାରୁ ସେମାନେ ଏହି ନାବାଳିକାଙ୍କୁ ବିବାହ କରାଇବା ପାଇଁ ତାଙ୍କ ଘରୁ ଅପହରଣ କରିଥିବା ଜଣାପଡୁଥିଲା । ଘରୁ ନାବାଳିକା ଅପହରଣ ହୋଇଥିବା ଜାଣି ପରିବାର ଲୋକେ ତାଙ୍କୁ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ। ଶେଷରେ ସମସ୍ତଙ୍କୁ ମୁରିବାହାଲ ରେଳଷ୍ଟେସନ ଅଞ୍ଚଳରୁ ଧରି ମୁରିବାହାଲ ପୁଲିସ ଥାନାର ଜିମା ଦେଇଥିଲେ। ପୁଲିସ ଥାନାରେ ଅପହରଣକାରୀ ଦମ୍ପତିଙ୍କ ସହ ନାବାଳିକା ଝିଅକୁ ଅଟକ ରଖି ଅଧିକ ପଚରାଉଚରା କରୁଥିଲା। ରାତିରେ ଅଟକ ଥିବା ଅଭିଯୁକ୍ତ ମଗଶିର ହଠାତ୍ ଏକ କାଠ ଫାଳିଆରେ ଥାନା ଭିତରେ ତାଙ୍କୁ ଜଗିଥିବା ପୁଲିସ କନେଷ୍ଟବଳ ସୁଦାମ ନାଗଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣରେ ଥାନା ଭିତରେ ହିଁ ସୁଦାମଙ୍କ ମୁଣ୍ଡ,କାନ ଓ ନାକ ବାଟେ ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ଆଖିରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ ମୁରିବାହାଲ ସିଏଚସି ଓ ପରେ ବଲାଙ୍ଗିର ଭୀମଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଶେଷ ଖବର ସୁଦ୍ଧା ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଅତର୍କିତ ଆକ୍ରମଣର ସୁଯୋଗ ନେଇ ମଗଶିର ଥାନାରୁ ଚମ୍ପଟ ମାରିଥିଲା। ପରେ ଥାନାର ସମସ୍ତ ପୁଲିସ ଟିମ ଅଭିଯୁକ୍ତଙ୍କୁ କାବୁ କରି ଥାନାରେ ଅଟକ ରଖିଥିଲେ। ଜଣେ ନାବାଳିକାଙ୍କୁ ଅପହରଣ ସହ ଥାନା ଭିତରେ କାର୍ଯ୍ୟରତ ଜଣେ ପୁଲିସ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଫେରାର ଅଭିଯୁକ୍ତଙ୍କୁ ଅଟକ ରଖି କଣ୍ଟାବାଞ୍ଜି ଏସଡିପିଓଙ୍କ ନେତୃତ୍ୱରେ ଥାନା ପୁଲିସ ବାରମ୍ବାର ଜେରା କରି ତାଙ୍କୁ ଗିରଫ କରିଥିଲା। ପୁଲିସ ନାବାଳିକାଙ୍କ ଡାକ୍ତରୀ ମାଇନା କରିବା ସହ ୧୬୪ବୟାନ ରେକର୍ଡ କରିଥିଲା। ଅନ୍ୟ ଏକ ମାମଲାରେ ଜବତ ହୋଇ ଥାନାରେ ଖୋଲାଭାବରେ ରଖାଯାଇଥିବା ଏକ କାଠ ଫାଳିଆରେ ଜଣେ କାର୍ଯ୍ୟରତ କନେଷ୍ଟବଳଙ୍କୁ ଥାନା ଭିତରେ ଅତର୍କିତ ଆକ୍ରମଣକରିଥିଲା। ଥାନା ଆଇଆଇସିଙ୍କ ଅନୁପସ୍ଥିତିରେ ଭାରପ୍ରାପ୍ତ ଥାନା ଓଆଇସି ଭାବେ ଦନାର୍ଦନ ଓରାମ ଥାନାର ସମ୍ପୂର୍ଣ୍ଣ ଦାୟିତ୍ୱରେ ଥିଲେ। ନାବାଳିକାଙ୍କ ମା ଗୁନଦେଇ ପରାଭୋଇ ନିଜ ଝିଅକୁ ଅପହରଣ ଅଭିଯୋଗରେ ଦେଇଥିବା ଏତଲା ଆଧାରରେ ପୁଲିସ କେଶ ନ ୮୯ /୨୫ ଦଫା ୧୩୭(୨)/ ୩(୫) ବିଏନଏସରେ ମାମଲା ରୁଜୁ କରି ଭାରପ୍ରାପ୍ତ ଥାନା ଓଆଇସି ଦନାର୍ଦନ ଓରାମ ଘଟଣାର ତଦନ୍ତ କରୁଥିଲେ। ସେହିପରି କାର୍ଯ୍ୟରତ କନେଷ୍ଟବଳ ସୁଦାମ ନାଗଙ୍କୁ ଥାନା ଭିତରେ ହିଁ ଅତର୍କିତ ଆକ୍ରମଣ କରିଥିବା ଅଭିଯୁକ୍ତ ଦମ୍ପତିଙ୍କ ବିରୁଦ୍ଧରେ ଡିସିଓ ଦାୟିତ୍ୱରେ ଥିବା ଏସଆଇ ପଙ୍କଜିନୀ ବାଗଙ୍କ ଏତଲାରେ କେଶ ନ ୯୦/ ୨୫ବିଭିନ୍ନ ଦଫାରେ ମାମଲା ରୁଜୁ କରି ଥାନା ଏସଆଇ ପ୍ରମୋଦ କୁମାର ପଧାନ ଘଟଣାର ତଦନ୍ତ କରୁଥିଲେ। ଅଭିଯୁକ୍ତ ମଗଶିର ପୂର୍ବରୁ ବହୁ ସାଇକେଲ ଚୋରୀ ମାମଲାରେ ଜେଲ୍ ଯାଇଥିବା ଜଣାପଡିଛି।ଉଦ୍ଧାର ନାବାଳିକାଙ୍କୁ ତାଙ୍କ ମାଙ୍କ ଦାୟିତ୍ୱରେ ଛଡାଯାଇଥିବା ବେଳେ ଏହି ଘଟଣାରେ ପ୍ରେମିକ ବିଶ୍ୱରାଜ କେଉଁଆଡେ ଗାୟବ ହେବା ଚର୍ଚ୍ଚାର ବିଷୟ ହୋଇଥିଲା। ଅଧିକ ତଦନ୍ତ ପରେ ଉଭୟ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ବୋଲି କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ପ୍ରକାଶ କରିଛନ୍ତି।



### ଶିବପ୍ରସାଦ ପାଣ୍ଡିଆଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ

# ସାମ୍ବିଧାନିକ ଗଣତନ୍ତ୍ରର ସୁରକ୍ଷା ସବୁଠୁ ବଡ଼ ନାଗରିକ କର୍ତ୍ତବ୍ୟ




ବଲାଙ୍ଗିର,(ସବ୍ୟୁ): ବିପ୍ଳବୀ କବି, ସାମ୍ବାଦିକ ଗୌରବ ଶିବପ୍ରସାଦ ପାଣ୍ଡିଆଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସନ୍ଧ୍ୟାରେ 'ଭାରତୀୟ ଗଣତନ୍ତ୍ର ଏବଂ ସମ୍ବିଧାନରେ ଶୁକୁରୁ ଡୁଗୁରୁଙ୍କ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ମୃତିବିନ୍ଦୁ ଫାଉଣ୍ଡେସନ୍ ପକ୍ଷରୁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକ ଭାବେ ସମାଜବାଦୀ ବିଚାରକ ତଥା ଚାଷୀନେତା ଶ୍ରୀ ଲିଙ୍ଗରାଜ ଏବଂ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ଯୋଗଦାନ କରିଥିଲେ। ପ୍ରାରମ୍ଭରେ ମଞ୍ଚାସୀନ ଅତିଥିମାନେ ବିପ୍ଳବୀ କବି ସ୍ୱର୍ଗତ ଶିବପ୍ରସାଦ ପାଣ୍ଡିଆଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଆଲୋଚକ ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶତାଧିକ ବର୍ଷର ଲଢ଼େଇ ଓ ସଂଘର୍ଷ ପରେ ଭାରତରେ ସାମ୍ବିଧାନିକ ଗଣତନ୍ତ୍ର ପ୍ରତିଷ୍ଠା ହୋଇଛି। ଜରୁରୀକାଳୀନ ପରିସ୍ଥିତି ବେଳେ ସାମ୍ବିଧାନିକ ଗଣତନ୍ତ୍ର ବିପନ୍ନ ହୋଇଥିଲା। ଲୋକେ ତାର ଜବାବ ଦେଇଥିଲେ। ଏହା ପରେ ଅନେକ ଥର ସାମ୍ବିଧାନିକ ଗଣତନ୍ତ୍ରକୁ ବିପନ୍ନ କରିବାର ଉଦ୍ୟମ ହୋଇଛି। ୨୦୨୪ ନିର୍ବାଚନରେ ସାମ୍ବିଧାନ ସୁରକ୍ଷା ପ୍ରସଙ୍ଗ ହୋଇଥିବା ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ଦେଶର ନିରକ୍ଷର, ସାଧାରଣ ଲୋକେ ଏହାର ଜବାବ ଦେଇ କୌଣସି ଦଳକୁ ସଂଖ୍ୟାଗରିଷ୍ଠ ହେଲେ ନାହିଁ । ଏଥିରୁ ସମ୍ବିଧାନ ସୁରକ୍ଷାକୁ ନେଇ ନାଗରିକଙ୍କ ମତ ସ୍ୱଷ୍ଟଛ ସାମ୍ବିଧାନିକ ଗଣତନ୍ତ୍ରର ସୁରକ୍ଷା ଦିଗରେ ବିପ୍ଳବୀ କବି ଓ ସାଲିସବିହୀନ ସାମ୍ବାଦିକ ଭାବେ ସ୍ୱର୍ଗତ ପାଣ୍ଡିଆ ସାରା ଜୀନ ସାଧାରଣ ବର୍ଗଙ୍କୁ ଉଦବୁଦ୍ଧ କରିଆସିଥିଲେ ବୋଲି ଲିଙ୍ଗରାଜ କହିଥିଲେ। ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ବ୍ୟକ୍ତିଗତ ଭାବେ ଆମେ କିଭଳି ନାଗରିକ ଦାୟିତ୍ୱ ପାଳନ କରିପାରିବା କହିଥିଲେ। ସଭାପତୀୟ ଅଭିଭାଷଣରେ ନାଟ୍ୟଭୂଷଣ ଛୁରିଆ ସ୍ୱର୍ଗତ ପାଣ୍ଡିଆଙ୍କ ସାମ୍ବିଧାନିକ ଅଧିକାରକୁ ନେଇ ସଂଘର୍ଷ ବିଷୟରେ କହିଥିଲେ। ଆଲୋଚନାଚକ୍ରରେ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ବୀରେନ୍ଦ୍ର କୁମାର ଝାଙ୍କର ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ମାନଙ୍କୁ ସୁଶୀଳ କୁମାର ପାଣ୍ଡିଆ ଓ ସଂଗ୍ରାମ ପାଣ୍ଡିଆ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ପ୍ରେମଚାନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଜୁଆ ଆଡ୍ଡା ଉପରେ ଚଢାଉ ୨୩ ଗିରଫ

ନୂଆପଡା,(ସବ୍ୟୁ): ଜୁଆ ଆଡ୍ଡା ଉପରେ ଚଢାଉ । ଘଟଣାସ୍ଥଳରୁ ୨୩ ଜୁଆଡି ଗିରଫ ହୋଇଛନ୍ତି । ନୂଆପଡା ଜିଲ୍ଲା କୋମନା ଥାନା ଜେଠୁପାଲି ଗାଁରେ ଜୁଆଖେଳ ଚାଲିଥିଲା । ବିଶେଷ ସୂତ୍ରରୁ ଖବର ପାଇ କୋମନା ପୋଲିସ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲା । ସେଠାରୁ ନଗଦ ୪୮ହଜାର ୨୨୫ ଟଙ୍କା, ୧୬ ଗୋଟି ମୋବାଇଲ୍, ୧୨ ଗୋଟି ଯାନବାହାନ ଜବତ ଶହ, ୨୩ ଜଣ ଯୁଆଡିଙ୍କୁ ଗିରଫ କରିଛି ପୋଲିସ । କୋମନା ଥାନାରେ ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ନୂଆପଡ଼ା ଏସପି ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଟିକ୍ରାପଡ଼ା ସରପଞ୍ଚଙ୍କ ସ୍ୱାମୀ ତଥା ଏହି ଜୁଆ ଆଡ୍ଡା ଚଳାଇ କିଙ୍ଗ ପିନ କୁହାଯାଉଥିବା ପ୍ରସନ୍ନ ତାଣ୍ଡିଙ୍କ ସମେତ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅବଶିଷ୍ଟ ୧୭ ଜଣଙ୍କୁ ପୋଲିସ ନୋଟିସରେ ଛାଡ଼ିଥିବା ଜଣାପଡିଛି। ଏହି ୧୭ ଜଣ ଜୁଆଡି ନୂଆପଡ଼ା ଜିଲ୍ଲା ଖଡ଼ିଆଳ କୋମନା ଓ ଲଖନା ଥାନା ଅଞ୍ଚଳର ହୋଇଥିବା ବେଳେ ଆଉ ୫ ଜଣ ବଲାଙ୍ଗିର ଜିଲ୍ଲାର ଓ ଜଣେ ଛତିଶଗଡ଼ ରାଜ୍ୟ ରାୟପୁରର ଅଟନ୍ତି । ସାମ୍ବାଦିକ ସମ୍ମିଳନରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ରଞ୍ଜିତ ନାଏକ୍, କୋମନା ଥାନା ଆଇଆଇସି ସୁମନ୍ତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍‌କୁ ଧକ୍କା ଦେଲା କାର୍

# ଦୁଇ ମୃତ, ଜଣେ ଗୁରୁତର



ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା–ବଲାଙ୍ଗିର ୫୭ନମ୍ବର ଜାତୀୟ ରାଜପଥ ଡିଗଶିରା ନିକଟରେ ବାଇକ୍‌କୁ ଧକ୍କା ଦେଲା କାର । ଏହି ଦୁର୍ଘଟଣାରେ ବାଇକରେ ଥିବା ଦୁଇ ଜଣ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ କାର ଡ୍ରାଇଭର ଫେରାର ମାରିଛି। ସୂଚନା ଅନୁଯାୟୀ ବୁଧବାର ଅପରାହ୍ନରେ ଏକ ସ୍ୱିଫ୍ଟ କାର ବୌଦ୍ଧ ପଟରୁ ଭୁବନେଶ୍ୱର ଆଡ଼କୁ ଯାଇଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ଡିଗଶିରା ନିକଟରେ ଧକ୍କା ଦେଇଥିଲା । ଏଥିରେ ବାଇକ୍ ରେ ତିନି ଜନକ ମଧ୍ୟରୁ ଜଣକ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଛାରିଛକ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଓ ମୃତକଙ୍କୁ ଉଦ୍ଧାର କରି ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ । ଦୁଇ ମୃତ ଯୁବକ ମଧ୍ୟରୁ ଜଣେ ହେଲେ ପୁରୁଣା କଟକ ଥାନା ଅନ୍ତର୍ଗତ ଜାମୁପଦର ଗ୍ରାମର ବିଦ୍ୟାଧର ଦେହୁରୀ ଏବଂ ଅନ୍ୟ ଜଣେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ଘନଶ୍ୟାମ ବେହେରା ବୋଲି ଜଣା ପଡ଼ିଛି । ତେବେ ଆହତ ଜନକ ଜାମୁପଦର ଗ୍ରାମର ଅବିନାଶ ପ୍ରଧାନଙ୍କୁ ବୌଦ୍ଧ ମେଡ଼ିକାଲକୁ ରେଫର୍ କରାଯାଇଛି । ଘଟଣା ସ୍ଥଳରେ ପୁରୁଣାକଟକ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଦୁଇ ମୃତଦେହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି ।

# ଡ୍ରେନ ଉପରେ କରିଥିବା ଜବରଦଖଲ ଉଚ୍ଛେଦ ନିର୍ଦ୍ଦେଶ

ରାୟଗଡ଼ା,(ସବ୍ୟୁ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଡ୍ରେନ ଉପରେ କରିଥିବା ଘରକୁ ଉଠାଇବା ପାଇଁ ପିଡବ୍ଲୁଡି ଅଧିକାରୀ ନିର୍ଦ୍ଦେଶ ଦେଇଥିବା ସହ ଚିହ୍ନଟ ଦେଇଥିବା ଦେଖିବାକୁ ମିଳିଛି । କଲ୍ୟାଣସିଂହପୁରଠାରୁ ରାୟଗଡା ପର୍ଯ୍ୟନ୍ତ ୪୫ନମ୍ବର ରାଜ୍ୟ ରାଜପଥ ନିର୍ମାଣ କରାଯାଇଛି । କଲ୍ୟାଣସିଂହପୁର ସଦରରେ ରାସ୍ତା ନିର୍ମାଣ କରିବା ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରି ତା ଉପରେ ପ୍ଲେଟ ପକାଇଥିଲେ । ଉକ୍ତ ଡ୍ରେନ ଉପରେ କିଛି ଲୋକେ ଘର ତିଆରି କରି ଦୋକାନ ଖୋଲିଥିବା ଓ ମୁଖ୍ୟ ରାସ୍ତା ଉପରେ ଉଠା ଦୋକାନୀମାନେ ରହୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେଉଛି । ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ପିଡବ୍ଲୁଡି ଅଧିକାରୀଙ୍କ ନିର୍ଦ୍ଦେଶରେ କନିଷ୍ଠ ଯନ୍ତ୍ରୀ ରାଜୀବ ବେହେରା ସଦର ହନୁମାନ ମନ୍ଦିରଠାରୁ ବ୍ଲକ ପର୍ଯ୍ୟନ୍ତ ଡ୍ରେନ ଉପରେ କରିଥିବା ଦୋକାନ ଗୁଡିକୁ ଡ୍ରେନର କିଛି ଦୂରରେ ରଖିବା ପାଇଁ କହି ଚିହ୍ନଟ ଦେଇଥିଲେ । ଯେଉଁ ଦୋକାନ ଗୁଡିକ ୭ଦିନ ମଧ୍ୟରେ ଭଙ୍ଗା ହୋଇନଥିବ ତା ହେଲେ ପ୍ରଶାସନ ଦ୍ୱାରା ଭଙ୍ଗାଯିବ ବୋଲି ସୂଚନା ମିଳିଛି। ଉଠାଦୋକାନୀମାନେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାୟଗଡା ଜନଜାତି ଗ୍ରାମୀଣ ହାଟଠାରେ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

# ଓଡ଼ିଶା କଳା ଓ କ୍ରୀଡା ମହାସଂଘର ସ୍ଥାୟୀ ନିଯୁକ୍ତି ଦାବି

ସମ୍ବଲପୁର,(ସବ୍ୟୁ): ଓଡିଶା କଳା ଓ କ୍ରୀଡା ମହାସଂଘ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବି କରାଯାଇଛି । ଦୀର୍ଘ ୧୩ବର୍ଷ ହେବ ସେମାନେ କାର୍ଯ୍ୟରତ ଥିବାବେଳେ ଏନେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡାଙ୍କ ସହ ଏନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

# କୋଟିଆକୁ ନେଇ ସରକାରଙ୍କ ଆଭିମୁଖ୍ୟ ଓ ପଦକ୍ଷେପକୁ ସ୍ୱାଗତ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ଶେଷ ସୀମାରେ ରହିଥିବା କୋଟିଆ ଗ୍ରାମପୁଞ୍ଜ କୁ ନେଇ ଆନ୍ଧ୍ରର ଅନୁପ୍ରବେଶକୁ ବିରୋଧ କରାଯାଉଛି । ବିଗତ ଦିନରେ ସରକାର ଠୋସ୍ ପଦକ୍ଷେପ ନେଇନଥିବା ବେଳେ ଓଡ଼ିଆ ଅସ୍ମିତାକୁ ଆଧାର କରି ଶାସନକୁ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରାଯାଇଛି । ସରକାରଙ୍କ କୋଟିଆ ପ୍ରତି ପ୍ରଭାବୀ ଆଭିମୁଖ୍ୟ ରହିଥିବା ସ୍ପଷ୍ଟ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ସଂଗ୍ରାମୀ ନେତା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଓଡ଼ିଆ ଓ କୋରାପୁଟିଆ ଭାବେ କୃତଜ୍ଞତା ଜଣାଇଛନ୍ତି ଅଞ୍ଚଳର ବୁଦ୍ଧିଜୀବୀ କୀର୍ତ୍ତିଚନ୍ଦ୍ର ସାହୁ । ସୀମାନ୍ତର ସୁରକ୍ଷା ପାଇଁ ଓଡ଼ିଆ ଅସ୍ମିତା ସରକାରଙ୍କ ଏହା ବୈପ୍ଳବିକ ଓ ବଳିଷ୍ଠ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଛି । ସରକାରଙ୍କଏହି ପଦକ୍ଷେପକୁ ସମସ୍ତ କୋରପୁଟିଆ ଓ ଓଡ଼ିଆ ପ୍ରେମୀ ସହଯୋଗ ଓ ସ୍ୱାଗତ କରିବା ଆବଶ୍ୟକତା ରହିଛି ବୋଲି ଶ୍ରୀ ସାହୁ ମତ ରଖିଛନ୍ତି ।

# ବିକଶିତ ଭାରତ ଓ ଓଡିଶା ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା

ନୂଆପଡ଼ା,(ସବ୍ୟୁ): ନୂଆପଡା ଜିଲ୍ଲା କୋମନା ବ୍ଲକ ଟିକ୍ରାପଡା ଗ୍ରାମପଞ୍ଚାୟତ ସ୍ଥାନୀୟ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଟିକ୍ରାପଡାରେ ବିକଶିତ ଭାରତ ଓ ଓଡିଶା ଗଠନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନଶିକ୍ଷକ ଡିଲୁ ସାହୁଙ୍କ ଅଧକ୍ଷତାରେ ବରିଷ୍ଠ ଶିକ୍ଷକ ନଗେନ୍ଦ୍ରନାଥ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ରଞ୍ଜିତ କୁମାର ଦଣ୍ଡସେନା, ନିଗମ କୁମାର ବେହେରା, ଶୁକଦେବ ପ୍ରଧାନ, ମନୋରଞ୍ଜନ ବାଗ, ମମତା ଶବର, ଶ୍ରୀଧର ଦଣ୍ଡସେନା,ମିଥୁନ ଶାଗର ଦୁରିଆ, ଉପସ୍ଥିତ ଥିଲେ । ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ଛାତ୍ରଛାତ୍ରୀମାନଙ୍କର ଭୂମିକା ଏକାନ୍ତ ଅପରିହାର୍ଯ୍ୟ ଅଟେ । ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ବୌଦ୍ଧିକ ଓ ସହବୌଦ୍ଧିକ ଗୁଣାବଳୀର ବିକାଶ ହୋଇଥାଏ । ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶରେ ଅଭିଭାବକ ଓ ଶିକ୍ଷକ / ଶିକ୍ଷୟିତ୍ରୀମାନେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି । ଚଳିତ ଶିକ୍ଷାବର୍ଷ–୨୦୨୫–୨୬ ଏପ୍ରିଲ ୧ ତାରିଖରୁ ରାଜ୍ୟରେ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଅଭିଭାବକଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ବନ୍ଧରେ ସଚେତନତା କରାଇବା ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଲକ୍ଷ୍ୟ । ଏହି ଲକ୍ଷ୍ୟକୁ ପରିପୂରଣ କରିବା ପାଇଁ ଅଭିଭାବକ ଶିକ୍ଷକ,ଶିକ୍ଷୟିତ୍ରୀ ବୈଠକ ଓ ବିଦ୍ୟାଳୟ ପରିଚାଳନା କମିଟି । ସ୍କୁଲ ପରିଚାଳନା ଉନ୍ନୟନ କମିଟି ବୈଠକ ଆହ୍ୱାନ କରିବା ଏକାନ୍ତ ଅପରିହାର୍ଯ୍ୟ । ବୈଠକ ଦ୍ୱାରା ଅଭିଭାବକମାନେ ସିଧାସଳଖ ସ୍କୁଲ ସହିତ ସଂଯୁକ୍ତ ହୋଇ ବିଦ୍ୟାଳୟର ବହୁବିଧ ବିକାଶ ପାଇଁ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିବାପାଇଁ ସୁଯୋଗ ପାଇଥାନ୍ତି । ଚଳିତ ଶିକ୍ଷା ବର୍ଷରେ ୪ ଗୋଟି ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି, ଯାହାକି, ଶୈକ୍ଷିକ କ୍ୟାଲେଣ୍ଡର ରେ ସ୍ଥାନିତ ହୋଇଛି। ଶିକ୍ଷା ହିଁ ମାନବିକତାର ପରିଚୟ. ଶିକ୍ଷା ଯୋଗୁଁ ସମାଜରେ ସମସ୍ତ ପ୍ରକାର ପରିବର୍ତ୍ତନ ଘଟିଥାଏ । ଶିକ୍ଷା ଚରିତ୍ରନିର୍ମାଣ ପାଇଁ ପ୍ରେରଣା ଦିଏ । ତେଣୁକରି ଅଭିଭାବକ ଓ ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସୁସମ୍ପର୍କ ଓ ସହଭାଗୀତା ରହିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ



ପଦ୍ମପୁର,(ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଦୀପ୍ତିପୁର ଠାରେ ପଶ୍ଚିମ ଉତ୍କଳ କୃଷି କେନ୍ଦ୍ର ଦୀପ୍ତିପୁର ଏବଂ ବରଗଡ଼ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ମିଳିତ ସହଯୋଗରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷାରେ କାର୍ଯ୍ୟରତ ମହିଳାଙ୍କ ପାଇଁ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପ୍ରକୃତି ବନ୍ଧୁ ଭୁବନେଶ୍ୱର ପଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶ ଯୋଗଦେଇ ମହିଳା ମାନଙ୍କ ପରିବେଶ ସୁରକ୍ଷାର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବରେ ବନପାଳ ପୂର୍ଣ୍ଣଚନ୍ଦ୍ର ଦୋରା, ରବି କୁମାର ରାଜହଂସ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ସଂପାଦକ ମିହିର ରଞ୍ଜନ ସାଗର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିତେନ୍ଦ୍ରୀୟ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକୁ କେଦାରନାଥ ସାହୁ ସଂଯୋଜନା କରିଥିଲେ । ଏହି ସଭାରେ ପଚାଶ ଜଣ ମହିଳା ପରିବେଶ କର୍ମୀଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ପରିବେଶ କର୍ମୀଙ୍କୁ ନେଇ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପ୍ରକୃତି ବନ୍ଧୁ ମୀନକେତନ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ତଥା ସ୍ତମ୍ଭକାର ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବରେ ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ପ୍ରକୃତି ବନ୍ଧୁ ହୃଷିକେଶ ସାହୁ, ଗୌଡ଼ଗାଁ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସୁରେଶ କୁମାର ସାହୁ, ସନ୍ଥକବି ଭୀମ ଭୋଇ ଡିଗ୍ରୀ ମହାବିଦ୍ୟାଳୟ ଚକରକେନ୍ଦର ଅଧକ୍ଷ କାର୍ତ୍ତିକେୟ ସାଥୁଆ ଯୋଗଦେଇ ବିଶ୍ୱ ଉତ୍ତାପନରୁ ଆଗାମୀ ପିଢୀକୁ ରକ୍ଷା କରିବା ପାଇଁ ପରିବେଶ ସୁରକ୍ଷାରେ ବ୍ରତୀ ହେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ୬୦ ଜଣ ପରିବେଶ ସୁରକ୍ଷା କର୍ମୀଙ୍କ ସହ ବନ ବିଭାଗର ଚାରିଜଣ ବନପାଳ ଓ ଦୁଇଜଣ ବନରକ୍ଷୀଙ୍କୁ ମାନ ପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକୃତି ବନ୍ଧୁ ବିଭୁତି ଭୂଷଣ ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ମିହିର ରଞ୍ଜନ ସାଗର ଧନ୍ୟବାଦ ଅର୍ପଣ କରିଥିଲେ । ଉଭୟ ଅନୁଷ୍ଠାନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜାମକାନି ସଂରକ୍ଷିତ ଜଙ୍ଗଲରେ ରହିଛି ଚୋରା ଖଣି, ଷ୍ଟକୟାର୍ଡ

ସୁନ୍ଦରଗଡ଼,(ସବ୍ୟୁ): ବହୁ ଚର୍ଚ୍ଚିତ ସୁନ୍ଦରଗଡ଼ ଖଣିଜ କଳେଙ୍କାରୀ ପଦାକୁ ଆସିବା ୨୦ ଦିନ ବିତିଲାଣି। ଦିନ ଗଡୁଥିବା ବେଳେ ନୂଆ ନୂଆ ତଥ୍ୟ ସାମନାକୁ ଆସୁଛି । ଏହା ସହ ଚୋରା ଠିକଣା ଗୋଟିଏ ପରେ ଗୋଟିଏ ପଦାକୁ ଆସୁଛି। ଏବେ ଖଣି କେଳେଙ୍କାରୀ କିପରି ସଂରକ୍ଷିତ ଜଙ୍ଗଲ ଭିତରେ ଲୁଚି ରହିଛି, ତାର କିଛି ନଗ୍ନ ଚିତ୍ର ଆସୁଛି । ସୁନ୍ଦରଗଡ଼ ବନଖଣ୍ଡ ଗୋପାଳପୁର ବନାଞ୍ଚଳ ରତନସରା ସଂଲଗ୍ନ ଜାମକାନି ସଂରକ୍ଷିତ ଜଙ୍ଗଲ ଭିତରେ ମାଫିଆମାନେ ବହୁ ଖଣି ଖୋଳିବା ସହ ସେଥିରୁ କୋଇଲା ଉତ୍ତୋଳନ କରି ଜଙ୍ଗଲ ଭିତରେ ୨୦ରୁ ଅଧିକ ଷ୍ଟକୟାର୍ଡ କରିଥିବା ଦେଖିବାକୁ ମିଳିଛି। ଅନେକ ଷ୍ଟକୟାର୍ଡରୁ ଶହ ଶହ ଟନ୍ କୋଇଲା ଚାଲାଣ ହୋଇସାରିଛି। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରାସ୍ତା ତିଆରି କରି ମାଫିଆମାନେ ବେଧଡ଼କ କୋଇଲା ପରିବହନ କରିଚାଲିଛନ୍ତି। ରାସ୍ତାଟି ଜଙ୍ଗଲରୁ ଛତିଶଗଡ଼କୁ ଲମ୍ବି ଯାଇଥିବା ସୂଚନା ମିଳିଛି। ଦିନେ କି ମାସେ ନୁହେଁ, ବର୍ଷ ବର୍ଷ ଧରି ଖଣିଜ ଲୁଟ୍ ଚାଲିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

ଜାମକାନି ଜଙ୍ଗଲରେ ଚାଲିଥିବା ଖଣିଜ ଲୁଟ୍ ସାମ୍ନାକୁ ଆସିବା ପରେ ଅଡୁଆରେ ପଡ଼ି ଯାଇଛି ବନ ବିଭାଗ। ଏ ସମ୍ପର୍କରେ ବିଭାଗ କିପରି ଜାଣିପାରିଲାନି, ନା ଜାଣି ଜାଣି ଏସବୁ ଖଣି କେଳେଙ୍କାରୀକୁ ଲୁଚାଇଦେବାକୁ ଉଦ୍ୟମ କରିଥିଲା, ସେ ନେଇ ଉଠିଛି ପ୍ରଶ୍ନ। ଏଭଳି ସ୍ଥିତିରେ ଏହା ସହ ଜଡ଼ିତ ଏକ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି। ଗତବର୍ଷ ମେ' ମାସରେ ଗୋପାଳପୁର ବନାଞ୍ଚଳ ଅଧିକାରୀ ତତ୍କାଳୀନ ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ଚିଠି ଲେଖି ତେଲେନଡିହି ଜଙ୍ଗଲରେ ବେଆଇନ ଖଣି ଖନନ ଓ କୋଇଲା ଚୋରା ଚାଲାଣ ହେଉଥିବା ସୂଚନା ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କହିଥିଲେ। କିନ୍ତୁ ଶ୍ରୀ ମହାନ୍ତି ଚିଠିକୁ ଲୁଚାଇ ଦେବା ଓ କେଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା କାରଣରୁ ଜିଲ୍ଲାପାଳ ତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ବନାଞ୍ଚଳ ଅଧିକାରୀ ତତ୍କାଳୀନ ତହସିଲଦାରଙ୍କୁ ଖଣିଜ ଲୁଟ୍ ସମ୍ପର୍କରେ ଚିଠି ଲେଖିବା ସହ ପ୍ରାଶାସନିକ ବିଧି ମୁତାବକ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀଙ୍କୁ ମଧ୍ୟ ଜଣାଇଥିଲେ। ବନାଞ୍ଚଳ ଅଧିକାରୀଙ୍କ ଚିଠି ସୂତ୍ରରେ ଖଣିଜ ଲୁଟ୍ ସମ୍ପର୍କରେ ବନଖଣ୍ଡ ଅଧିକାରୀ ମଧ୍ୟ ବର୍ଷେ ତଳେ ଅବଗତ ଥିଲେ ବୋଲି କହିଲେ ଭୁଲ୍ ହେବ ନାହିଁ। ପ୍ରଶ୍ନ ଉଠିଛି, ବନଖଣ୍ଡ ଅଧିକାରୀ ସେ ସମୟରେ ରାଷ୍ଟ୍ରୀୟ ସମ୍ପତ୍ତିର ଏ ପ୍ରକାର ଲୁଟ୍ ସମ୍ପର୍କରେ ଜିଲ୍ଲାପାଳଙ୍କୁ କାହିଁକି ଜଣାଇନଥିଲେ। ଆଉ ଏବେ ସଂରକ୍ଷିତ ଜଙ୍ଗଲରେ ବେଆଇନ କୋଇଲା ଖଣି ଠାବ ହେବା ପ୍ରଶ୍ନବାଚୀ ଛିଡ଼ା କରିଛି।

ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବଡ଼ ବଡ଼ ଖଣି ଖୋଳିବା ସହ ଗଛକାଟି ଷ୍ଟକୟାର୍ଡ କରି ଜଙ୍ଗଲ ମଧ୍ୟରେ ରାସ୍ତା ତିଆରି କରି ସେହି ବାଟରେ ଛତିଶଗଡ଼ ଅଞ୍ଚଳକୁ ନିୟମିତ କୋଇଲା ଚାଲାଣ କରୁଥିବା ଜଣାପଡ଼ିଛି। ତେବେ ପ୍ରଥମ କରି ଖଣିଜ ଲୁଟ୍ ସାମ୍ନାକୁ ଆସିବା ପରେ ସୁନ୍ଦରଗଡ଼ ବନ ବିଭାଗ ସଂରକ୍ଷିତ ଜଙ୍ଗଲରେ କୌଣସି ବେଆଇନ ଖଣି ଖନନ, କୋଇଲାର ଷ୍ଟକୟାର୍ଡ ନଥିବା କହିଥିଲେଛ ଯାହା ଖଣି ଖନନ ଓ କୋଇଲା ଚୋରି କେବଳ ରାଜସ୍ୱ ଜଙ୍ଗଲରେ ହେଉଥିବା ପ୍ରକାଶ କରିଥିଲେ। ଏପରିକି ଖଣିମନ୍ତ୍ରୀଙ୍କ ସହ ଖୋଦ୍ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ସୁନ୍ଦରଗଡ଼ ଖଣି କେଳେଙ୍କାରୀ ଦେଖିବାକୁ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବନବିଭାଗର କଥାକୁ ଦୋହରାଇ ସଂରକ୍ଷିତ ଜଙ୍ଗଲରେ ବେଆଇନ ଖଣି ପରିଚାଳନା ହେଉ ନଥିବା କହିଥିଲେ।

# କେନ୍ଦୁପତ୍ର ଫଡ଼ି ସ୍ଥାନାନ୍ତରକୁ ନେଇ ଗ୍ରାମବାସୀଙ୍କ ପ୍ରତିବାଦ



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତ ଅନ୍ତର୍ଗତ ପୋଡ଼ାଖୋଲ ଗ୍ରାମର କେନ୍ଦୁପତ୍ର ଫଡ଼ି ସ୍ଥାନାନ୍ତରକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଭେଟି ଫଡି ଘରକୁ ନ ଉଠାଇବା ପାଇଁ କହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣି ନ ଥିଲେ । ପୋଡାଖୋଲ ଗ୍ରାମକୁ ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ମହାପାତ୍ର ପହଞ୍ଚି ବିଭାଗୀୟ ଡ଼ିଏଫଓ ଏବଂ ରେଞ୍ଜରଙ୍କ ସହିତ ଯୋଗାଯୋଗ କରି ଏହାର ସମାଧାନ କରିଥିଲେ । ଗ୍ରାମର ସମସ୍ତ କେନ୍ଦୁପତ୍ର ତୋଳାଳୀ ଏଥିରେ ସାମିଲ ହୋଇଥିଲେ ।

# ଷଷ୍ଠ ଅର୍ଥ କମିଶନ ଅଧ୍ୟକ୍ଷଙ୍କ କୋରାପୁଟ ଜିଲ୍ଲା ଗସ୍ତ

କୋରାପୁଟ,(ସବ୍ୟୁ): ଓଡ଼ିଶା ରାଜ୍ୟ ଷଷ୍ଠ ଅର୍ଥ କମିଶନ ଅଧ୍ୟକ୍ଷ ଡ.ଅରୁଣ କୁମାର ପଣ୍ଡାଙ୍କ ସହ ସଦସ୍ୟ ମାନେ କୋରାପୁଟ ଜିଲ୍ଲା ଗସ୍ତ କରି ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡ଼ିଛି। କୋରାପୁଟ ପୌର ପରିଷଦ ଅନ୍ତର୍ଗତ ମ୍ୟୁନସିପାଲଟି ଅଡିଟୋରିୟମ ପରିଦର୍ଶନ କରିଥିଲେ। ଅଡିଟୋରିୟମର ଆର୍ଥିକ ବୃଦ୍ଧି ପାଇଁ ଭଡା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ପରେ ଚନ୍ଦନ ପୋଖରୀ ପରିଦର୍ଶନ କରିଥିଲେ। ଚନ୍ଦନ ପୋଖରୀର ଆହୁରି ଉନ୍ନତିକରଣ କରିବାକୁ ଜିଲ୍ଲାପାଳଙ୍କ ସହ କର୍ତ୍ତୃପକ୍ଷ ଆଲୋଚନା କରି ସବିଶେଷ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏହି ଗସ୍ତ ସମୟରେ କମିଶନ ସଦସ୍ୟ ମାନଙ୍କ ସହ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି,କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର,କୋରାପୁଟ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ,କୋରାପୁଟ ପୌର ପରିଷଦର ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୋଲାର ପାଣି ଟାଙ୍କି ଅଚଳ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ସମସ୍ୟା

କେସିଙ୍ଗା,(ସବ୍ୟୁ): କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନ କିକିଆ ଗ୍ରାମ ସ୍ଥିତ ବାପୁଜୀ ସରକାରୀ ଉପ୍ରା ସ୍କୁଲରେ ପାନୀୟ ଜଳର ଘୋର ସମସ୍ୟା । ଗତ ୨୦୧୭-.୧୮ ମସିହାରେ କିକିଆ ଗ୍ରାମ ପଞ୍ଚାୟତ ପକ୍ଷରୁ ୩ଲକ୍ଷ ବ୍ୟୟ ଅଟକଳରେ ସୋଲାର ପାଣି ଟାଙ୍କି ସ୍ଥାପନ କରାଯାଇଥିଲା। କିନ୍ତୁ ଆଜକୁ ୬ମାସ ହେଲାସୋଲାର ଟାଙ୍କି ଅଚଳ ହୋଇ ବନ୍ଦ ପଡି ରହିଛି। ଫଳରେ ଉକ୍ତ ସ୍କୁଲରେ ଅଧ୍ୟୟନ କରୁଥିବା ତିନୋଟି ଶ୍ରେଣୀ ପିଲାଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କରିବା ପାଇଁ ପାନୀୟଜଳ ନ ଥିବାରୁ ନିକଟସ୍ଥ ହାଇସ୍କୁଲରୁ ପାଣି ଆଣି ମଧ୍ୟାହ୍ନ ଭୋଜନ ରୋଷେଇ କରା ଯାଉଛି। ଏହି ସ୍କୁଲର ପରିବେଶରେ ବିଭିନ୍ନ ବଗିଚା ରହିଛି। ପାଣିର ଅଭାବରୁ ଗଛ ଗୁଡିକ ମରିବାକୁ ବସିଲାଣି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ବଗିଚାରେ ପାଣିର ଅଭାବ ଯୋଗୁଁ ଧୀରେ ଧୀରେ ବିଭିନ୍ନ ଫୁଲ ଗଛ ମରିବାକୁ ବସିଲାଣି। ଏଥି ପାଇଁ ସ୍ଥାନୀୟ ସରପଞ୍ଚ,ବିଡ଼ିଓଙ୍କୁ ବହୁବାର ସ୍କୁଲ ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନାହାନ୍ତି। ସ୍କୁଲ ପରିସରରେ ଥିବା ଶୌଚାଳୟ ମଧ୍ୟ ଅଚଳ ଅବସ୍ଥାରେ ପଡି ରହିଛି। ଷଷ୍ଠ ଶ୍ରେଣୀର ଭିତର ଛାତ ଫାଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଶ୍ରେଣୀ ଗୃହ ଅଭାବରୁ ସେହି ବିପଦ ସଙ୍କୁଳ ଶ୍ରେଣୀ ଗୃହରେ ପାଠ ପଢ଼ା ଯାଉଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ କେସିଙ୍ଗା ବିଇଓ, ବିଡ଼ିଓଙ୍କୁ ଦୃଷ୍ଟି ଦେବା ପାଇଁ ସ୍କୁଲ ପକ୍ଷରୁ ବହୁ ବାର ଅଭିଯୋଗ କରା ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବା ଅଭିଯୋଗ ହେଉଛି । ଏ ସଂକ୍ରାନ୍ତରେ କିକିଆ ଗ୍ରାମପଞ୍ଚାୟତର ସରପଞ୍ଚ କିଶୋର ପ୍ରଧାନଙ୍କୁ ପଚାରିବାରୁ ମୁଁ ତଦନ୍ତ କରି ସୋଲାର ପାଣି ଟାଙ୍କିର ମରାମତି କରିବି ବୋଲି ପ୍ରକାଶ କରିଥିଲେ। କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ମୁଁ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ ।

# ଜିଲ୍ଲା ମେହେର ସମାଜ ବାର୍ଷିକ ସମାବେଶ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ମେହେର (ଭୁଲିଆ) ସମାଜର ୪୩ତମ ଜିଲ୍ଲାସ୍ତରୀୟ ବାର୍ଷିକ ସମାବେଶ ଡୁଆଝର ଠାରେ ଅନୁଷ୍ଠିତ ହୋଇଯାଇଛି । ଡୁଆଝର ଗ୍ରାମ୍ୟ କମିଟି ପକ୍ଷରୁ ଜିଲ୍ଲାର ବିଭିନ୍ନ ଗ୍ରାମ୍ୟ ସମାଜର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ନେଇ ଆୟୋଜିତ ଏହି ସମାବେଶରେ ନୂଆପଡ଼ା ଜିଲ୍ଲା ସଭାପତି ବୈଶମ୍ପାୟନ ମେହେର ଅଧ୍ୟକ୍ଷତା କରିଥିଲେ । ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥ ଓ କବି ଗଙ୍ଗାଧରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସମାବେଶର ଉଦଘାଟନ ପରେ ସ୍ଥାନୀୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥଲା । ପ୍ରତିଟି ବ୍ୟକ୍ତି ସମାଜ ପ୍ରତି ଥିବା ଦାୟିତ୍ୱକୁ ହୃଦୟଙ୍ଗମ କରି ନିଷ୍ଠାର ସହ ନିଜ କର୍ତ୍ତବ୍ୟ ନିର୍ବାହ କଲେ ଓ ପରସ୍ପର ମଧ୍ୟରେ ସହଯୋଗ ଭାବ ରହିଲେ ସମାଜ ସଂଗଠନର ସ୍ୱପ୍ନ ପୁରଣ ହେବ ବୋଲି ଏ ଅବସରରେ ମତ ପ୍ରକାଶ ପାଇଥିଲା । ବିବସ୍ୱ ମେହେର ଅତିଥିଙ୍କୁ ମଂଚକୁ ସ୍ୱାଗତ କରିଥିବା ବେଳେ ବୁଡୁ କୁମାର ମେହେର ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସମାଜସେବୀ ଡମ୍ବରୁଧର ମେହେର, ଅଭିରାମ ମେହେର, ବୁଣାକାର ଯୋଗେନ୍ଦ୍ର ମେହେର, ବିଶ୍ୱମ୍ଭର ମେହେର, ଶିଳ୍ପୀ ଅମିତ କୁମାର ମେହେର, କୁମୁସ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ୯ ସେହିଭଳି ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଖୁସବୁ ମେହେର ଓ ଚନ୍ଦନ ମେହେରଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସମାଜ ଉପଦେଷ୍ଟା ଡମ୍ବରୁଧର ମେହେର, ରାହାସ ବିହାରୀ ମେହେର, ରାଜ୍ୟ ସଂପାଦକ ନବୀନ ଚନ୍ଦ୍ର ମେହେର, ରାଜ୍ୟ ଯୁବା ଉପଦେଷ୍ଟା ବୈଷ୍ଣବ ମେହେର, ଜିଲ୍ଲା ଉପସଭାପତି ହରିହର ମେହେର, ତ୍ରିଲୋଚନ ମେହେର, ରତ୍ନାକର ମେହେର, ସଚ୍ଚିଦାନନ୍ଦ ମେହେର, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ୍ୱର ମେହେର, ସମ୍ପାଦକ ରୂପେଶ ଚନ୍ଦ୍ର ମେହେର, ଝର ମେହେର, ରାମେଶ୍ୱର ମେହେର, ବିଜୟା ମେହେର, ଜିଲ୍ଲା ଯୁବ ସଂଯୋଜକ ହିରାଧର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ସମାଜର ବିଭିନ୍ନ ସଂସ୍କାର ମୂଳକ ଆଲୋଚନାରେ ବିଭିନ୍ନ ଗ୍ରାମ୍ୟ କମିଟିର କର୍ମକର୍ତ୍ତା ଅଂଶ ଗ୍ରହଣ କରି ନିଜ ମତ ରଖିଥିଲେ । ସମାବେଶର ସଫଳ ଆୟୋଜନରେ ଡୁଆଝର ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ଝର ମେହେର ଧନ୍ୟବାଦ ଦେଇଥିଲେ ।

# ବାର୍ହା ଆକ୍ରମଣରେ ଦୁଇ ଛେଳି ଚରାଳି ଗୁରୁତର

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହରରୁ ୧୫ କିଲୋମିଟ ଦୂରରେ ଥିବା ନାଗଫେଣା ଗ୍ରାମରେ ଅପରାହ୍ନରେ ବାରହା। ଆକ୍ରମଣରେ ୨ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ବେଲପଡା ବ୍ଲକ ନାଗଫେଣା ଗ୍ରାମର ସଦାଶିବ ବରିହା ଓ ଗୌତମ ମାଝୀ ଛେଳିମାନଙ୍କୁ ନେଇ ନିକଟସ୍ଥ ଜଙ୍ଗଲ ପାଖକୁ ଯାଇଥିଲେ। ଛେଳି ଚରୁଥିବା ସମୟରେ ଜଙ୍ଗଲ ଭିତରକୁ ଛେଳିମାନେ ଯାଉଥିବା ଦେଖି ସେମାନଙ୍କୁ ଜଙ୍ଗଲ ପଟରୁ ଗାଁ ପଟକୁ ଘଉଡାଇ ଆଣିବା ସମୟରେ ସେଠାରେ ଥିବା ବାରହା ସଦାଶିବ ଓ ଗୌତମଙ୍କ ଜଙ୍ଘ, ଛାତି ଆଦି ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲା। କୌଶଳ କ୍ରମେ ସେଠାରୁ ସେମାନେ ବର୍ତ୍ତି ଗାଁକୁ ପଳାଇ ଆସିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରା ଯାଇଛି।

# ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ବାଇକ ରାଲି

ସମ୍ବଲପୁର,(ସବ୍ୟୁ): ଚଳିତବର୍ଷ ସମ୍ବଲପୁର ସହରରେ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ମହାଆଡମ୍ବରରେ ପାଳିତ ହେବ । ଏହି ଉପଲକ୍ଷେ ବାଇକ ରାଲି, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ପୂଜାର୍ଚ୍ଚନା, ଆଳତୀ , ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ମାରଓ୍ୱାଡି ପଡାସ୍ଥିତ ପର୍ଶୁରାମ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିନଳୀରେ ଶ୍ରୀ ପର୍ଶୁରାମ ଜନ୍ମୋତ୍ସବ ସମାରୋହ ସମିତିର ସଭାପତି ବିବେକ ଶର୍ମା ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଆସନ୍ତା ୨୭ରେ ଏକ ବାଇକ ରାଲିର କାର୍ଯ୍ୟକ୍ରମ ରହିଛି । କ୍ଷେତରାଜପୁର ବୈଷ୍ଣୋ ଦେବୀ ମନ୍ଦିରରୁ ବାହାରି ସମଲେଶ୍ୱରୀ ମନ୍ଦିର, କୁଞ୍ଜେଲପଡା, ଝାଡୁଆପଡା ଦେଇ ପର୍ଶୁରାମ ଭବନରେ ଶେଷ ହେବ । ଏହି ରାଲିରେ ପ୍ରାୟ ୧୦୦ରୁ ଅଧିକ ବାଇକ ସାମିଲ ହେବେ । ରାଲିକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରିବାର ଯୋଜନା ରହିଛି । ଏହାପରେ ପର୍ଶୁରାମ ଭବନ ଠାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ । ଗ୍ରୀଷ୍ମଋତୁରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଏହା କିଛି ମାତ୍ରାରେ ଅଭାବ ପୂରଣରେ ସହାୟକ ହେବ । ସେହିପରି ଜନ୍ମୋତ୍ସବ ବା ଅକ୍ଷୟ ତୃତୀୟା ଦିନ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତୀ କାର୍ଯ୍ୟକ୍ରମ ରହିଛି । ଅପରାହ୍ନରେ ହଜାରହଜାର ସଂଖ୍ୟାରେ ମହିଳାପୁରୁଷ ନଗର ପରିକ୍ରମା କରିବେ । ଏହା ମାରଓ୍ୱାଡି ପଡାରୁ ବାହାରି ଝାଡୁଆପଡା, କୁଞ୍ଜେଲପଡା, ପଟ୍ଟନାୟକପଡା, ପର୍ଶୁରାମ ଛକ, ମ୍ୟୁନସିପାଲଟି ଛକ, ଦଲେଇପଡା ହୋଇ ପର୍ଶୁରାମ ଭବନରେ ଶେଷ ହେବ । ଏହି ଶୋଭାଯାତ୍ରାରେ ସମ୍ପ୍ରଦା, କୀର୍ତ୍ତନ ଦଳ ଓ ଭଜନ ପାଇଁ ଡିଜେ ଆଦି ବ୍ୟବସ୍ଥା ରହିଛି । ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଗୌତମ ଶର୍ମା, କୋଷାଧ୍ୟକ୍ଷ ରାଜକୁମାର ଶର୍ମା, ସହ ସମ୍ପାଦକ ସଞ୍ଜୟ ଶର୍ମା, ଉପଦେଷ୍ଟା କୁଞ୍ଜବିହାରୀ ଶର୍ମା, କାର୍ଯ୍ୟକାରିଣୀ ସଭ୍ୟ ତରୁଣ ଶର୍ମା, ଗିରିଜା ଶଙ୍କର ଯୋଶୀ, ଦିନେଶ ଶର୍ମା ଓ ଗୌତମ ଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଏବିଭିପି ପକ୍ଷରୁ ମୃତ ପର୍ଯ୍ୟଟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସମ୍ବଲପୁର,(ସବ୍ୟୁ): କାଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ସମ୍ବଲପୁର ଶାଖା ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ଏଥିସହ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଆତଙ୍କବାଦ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ସ୍ଥାନୀୟ ଗୋଲବଜାର ଛକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ମରେଇ ଯୋଗ ଦେଇ ଧର୍ମ ପଚାରି ନିର୍ମମ ଭାବେ ଗୁଳି କରି ହତ୍ୟା କରିବା ମାନବିକତା ମୂଲ୍ୟବୋଧରେ କଳଙ୍କ ବୋଲି କହିଥିଲେ । ଏହି ଆକ୍ରମଣରେ ୨୬ରୁ ଅଧିକ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି । ଅନେକ ଲୋକ ଆହତ ମଧ୍ୟ ହୋଇଛନ୍ତି । ଏଭଳିସ୍ଥଳେ ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦେବାର ଆବଶ୍ୟକତା ରହିଛି । ଫଳରେ ଏଭଳି ଘଟଣାର ପୁନରାବୃତ୍ତି ନଘଟେ । ଏଥିରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସିମ୍ରନ ପ୍ରଧାନ, ଗଣମାଧ୍ୟମ ସଂଯୋଜକ ବିଜୟ କଲତା, ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଯୋଜକ ଯଶବର୍ଦ୍ଧନ ତିୱାରୀ, ବିଭାଗ ସଂଯୋଜକ ପ୍ରିତୀଶ କର, ଜିଲ୍ଲା ସଂଯୋଜକ ପ୍ରିୟାଂଶୁ ମେହେର, ମହାନଗର ସମ୍ପାଦକ ନିତେଶ ପାଣିଗ୍ରାହୀ, ନଗର ସମ୍ପାଦକ ବିବେକ ତିୱାରୀ, ସ୍ୱାଧିନ ଆଚାର୍ଯ୍ୟ, ଅଭିଷେକ ପାଣିଗ୍ରାହୀ ଓ ବାବୁଲୁ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଣ୍ଡେଲ ସରପଞ୍ଚଙ୍କ ପରଲୋକ

ନର୍ଲା,(ସବ୍ୟୁ): ନର୍ଲା ଅଞ୍ଚଳର ସମାଜସେବୀ ତଥା ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୬ ବର୍ଷ ବୟସ ହେଉଥିଲା। ବିଶାଖାପାଟଣାର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ବୁଧବାର ପୂର୍ବାହ୍ନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ନର୍ଲା ବ୍ଲକ ଯାଦବ ସମିତିର ସମ୍ପାଦକ ଭାବେ କାର୍ଯ୍ୟ କରି ଆସିଥିବା ସ୍ୱର୍ଗତ ଜାଲ ଜଣେ ସୁସଙ୍ଗଠକ ଓ ସମାଜସେବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ମାଣ୍ଡେଲ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ସେ କାର୍ଯ୍ୟରତ ଥିବାବେଳେ ଅନେକ ଜନହିତକର କାର୍ଯ୍ୟ କରି ଯାଇଛନ୍ତି। ତାଙ୍କର ଧର୍ମପତ୍ନୀ ଓ ଦୁଇ ପୁଅ ଅଛନ୍ତି। ତାଙ୍କ ବିୟୋଗରେ ନର୍ଲା ବିଧାୟିକା ମନୋରମା ମହାନ୍ତି, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝୀ, ଉଦ୍ୟୋଗପତି ସୁମିତ ଅଗ୍ରୱାଲ, ଧିରେନ୍ଦ୍ର ଖେତାନ, ସମାଜସେବୀ ଅବିନାଶ ଠାକୁର, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ, ସାଧାରଣ ସମ୍ପାଦକ ଅଜିତ କରୁଆଁ, ଉପସଭାପତିଲିଙ୍ଗରାଜ କରୁଆଁଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଶୋକ ପ୍ରକାଶ କରିଛନ୍ତି।

# ବିଶ୍ୱ ପୁସ୍ତକ ଦିବସ ପାଳିତ




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି । ସଭାପତି ଡ. ପରେଶଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ପ୍ରଥମେ କାଶ୍ମୀର ପହଲଗାମ ଠାରେ ଆତଙ୍କବାଦୀ ଦ୍ୱାରା ପର୍ଯ୍ୟଟକଙ୍କୁ ହତ୍ୟା ଘଟଣାର ନିନ୍ଦା କରାଯିବା ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ର ସମୟରେ ଜ୍ଞାନ ଆହରଣ ପାଇଁ ପୁସ୍ତକ ପଠନର ଆବଶ୍ୟକତା ଉପରେ ବିଭିନ୍ନ ଉଦାହରଣ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପାଠାଗାର ସମିତି ଆବାହକ ଡ. ସତ୍ୟନାରାୟଣ ଠାକୁର ଛାତ୍ରଛାତ୍ରୀ ମାନଙ୍କୁ ପୁସ୍ତକ ପଠନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କ ସଚେତନତା ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କହିଥିଲେ । ଏହି ଅବସରରେ ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଆୟୁସୀ ବେହେର ପ୍ରଥମ, ଅଦିତୀ ପ୍ରିୟଦର୍ଶିନୀ ନାୟକ ଦ୍ୱିତୀୟ, ସୃଷ୍ଟି ଦଳାଇ ତୃତୀୟ ଏବଂ ବରିଷ୍ଠ ବର୍ଗରେ ତପସ୍ୟା ପ୍ରଧାନ, ଗାୟତ୍ରୀ ବାରିକ ଓ ମୋନାଲିସା ମଲ୍ଲିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ଓଡିଶା ସାଂସ୍କୃତିକ ସମାଜ ଦ୍ୱାରା ପ୍ରକାଶିତ ପୁସ୍ତକ ଗୁଡିକ ବିଦ୍ୟାଳୟ ପାଠାଗାରକୁ ଦିଆଯାଇଥିଲା । ପ୍ରଧାନ ଶିକ୍ଷକ ସୁଜିତ୍ କୁମାର ଲୁହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଶିକ୍ଷୟତ୍ରୀ ଅନୁପମା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମଳିନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବରିଷ୍ଠ ସଭ୍ୟ ଅଶୋକ କୁମାର ମିଶ୍ର ଓ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ କଚେରି ଛକ ସ୍ଥିତ ସହୀଦ ସ୍ତମ୍ଭ ଠାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାଶ୍ମୀର ପହଲଗାମ ଠାରେ ଆତଙ୍କବାଦୀ ଦ୍ୱାରା ପର୍ଯ୍ୟଟକଙ୍କୁ ହତ୍ୟା ଘଟଣାକୁ ନିନ୍ଦା କରାଯାଇଛି । ଏହି ଅବସରରେ ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ, ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ଆତଙ୍କବାସୀ ଓ ପାକିସ୍ତାନ ବିରୁଦ୍ଧରେ ସ୍ଲୋଗାନ ଦିଆଯାଇଥିଲା । ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଡ. ପ୍ରମୋଦ ରଥ, ସଞ୍ଜୟ ବାବୁ, ଗୋବିନ୍ଦ ଅଗ୍ରୱାଲ, ସୂର୍ଯ୍ୟ ପାଢୀ, ପ୍ରଭୁଦତ୍ତ ପଣ୍ଡା, ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା, ରାଜେନ୍ଦ୍ର ସତନାମି, ସତ୍ୟନାରାୟଣ ଠାକୁର, ରାହୁଲ ଗୁପ୍ତା, ପଙ୍କଜିନୀ ମେହେର, ମାନି ମିଶ୍ର, ଝୁନୁ ତ୍ରିପାଠୀ, କାନ୍ତି ମେହେର, ଯାମିନୀ ଠାକୁର, ଛବିରାଣୀ ପତି, ଅନୁପମା ବିଶ୍ୱାଳ, ଅଳକା ମହାପାତ୍ର, ଲଳିତା ପ୍ରଧାନ, ସୁଷମା ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ପ୍ରକଳ୍ପସ୍ତରୀୟ ପୋଷଣ ପକ୍ଷ ପାଳିତ

ବୋରିଗୁମ୍ମା,(ସବ୍ୟୁ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଶିଶୁବିକାଶ କେନ୍ଦ୍ର କାର୍ଯ୍ୟାଳୟରେ ଜାତୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି । ସିଡିପିଓ ଗାୟତ୍ରୀ ବାହିନୀପତିଙ୍କ ତତ୍ତ୍ୱାବଧାନରେ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପ୍ରୋଗ୍ରାମ ଅଫିସର ରେଖାରାଣୀ ବାରିକ ଓ ସୁଚେତା ପଣ୍ଡା ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ତହସିଲଦାର ଶୋଭନ କୁମାର ବେହେରା,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦିଲୀପ କୁମାର ନାଥ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସୁପରଭାଇଜର, ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ । କର୍ମୀ ଓ ସହାୟିକା ମାନଙ୍କ ଦ୍ୱାରା ମାଣ୍ଡିଆରେ ତିଆରି ସୁପ୍ ଓ ଦହି ଚଲ୍‌ହ ପରିବେଷଣ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳ ଶସ୍ୟରେ ତିଆରି ହୋଇଥିବା କାକରା, ଖିରି, ପିଠା,ମାଣ୍ଡିଆ, ଲଡୁ ଇତ୍ୟାଦି ପୁଷ୍ଟିକର ଖାଦ୍ୟକୁ ପ୍ରଦର୍ଶନ କରାଯାଇଥିଲା । ଅମୃତ ଭଣ୍ଡା କଞ୍ଚା କଦଳୀ, ଛୁଇଁ, ଶାଗ, ଗାଜର, ବିନ୍ସ ଇତ୍ୟାଦି ପନିପରିବା ସିଝାଇ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ଉପକାର ହୋଇଥାଏ ଏବଂ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ ବୋଲି ପରାମର୍ଶ ଦେଇଥିଲେ । ବ୍ଲକର ବିଭିନ୍ନ ସେଣ୍ଟରରୁ କିଶୋରୀମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଯୋଗାସନ ମାଧ୍ୟମରେ ଉପସ୍ଥିତ ଗର୍ଭବତୀ ମହିଳା ଓ କିଶୋରୀ ମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ ନେବାପାଇଁ ଶିକ୍ଷା ଦେଇଥିଲେ।

# ଇନଟ୍ରା କ୍ଲବ ଜୁନିଅର କ୍ରିକେଟ ଜୟ ଭୈରବୀ କ୍ଲବ ଚାମ୍ପିଅନ



ବୌଦ୍ଧ,(ସବ୍ୟୁ): ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ସହଯୋଗରେ ଜିଲ୍ଲା ଷ୍ଟାଡିୟମରେ ଚାଲିଥିବା ଇନଟ୍ରା କ୍ଲବ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ପ୍ରଗତି କନ୍ଧମାଳ ଓ ଜେବିସି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚରେ ପ୍ରଥମ ଇନିଙ୍ଗସରେ ଜୟ ଭୈରବୀ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୧.୪ ଓଭରରେ ୧୦ ୱିକେଟ ବିନିମୟରେ ୧୫୭ ରନ୍ ସଂଗ୍ରହ କରିଥିଲା । ଦଳ ତରଫରୁ ଶକ୍ତିଶଙ୍କର ବାରିକ ୩୨ ବଲରେ ୪୫ ରନ୍ ଓ ୟୋଗେଶ ରାଏ ୨୫ ବଲରେ ୨୮ ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ ଦ୍ୱିତୀୟ ଇନିଙ୍ଗସରେ ପ୍ରଗତି କ୍ଲବ କନ୍ଧମାଳ ୨୧ ଓଭରରେ ସମସ୍ତ ୱିକେଟ ହରାଇ ୧୦୩ ରନ୍ କରିପାରିଥିଲା । ଫଳରେ ଜୟ ଭୈରବୀ କ୍ଲବ ୫୪ ରନରେ ବିଜୟୀ ହୋଇ ଚାମ୍ପିଆନ ହୋଇଛି । ଫାଇନାଲ ମ୍ୟାଚରେ ଅମ୍ପାୟାର ଭାବେ ରାମକୃଷ୍ଣ ପାଳ ଓ ତାପସ ରଞ୍ଜନ ପଣ୍ଡା ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ସ୍ୱାଗତ କୁମାର ଦେହୁରୀ । ପରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଜିଲ୍ଲା କ୍ରିକେଟ ଆସୋସିଏସନର ସଭାପତି ନିରଞ୍ଜନ ମେହେର, ଉପ-ସଭାପତି ଲମ୍ବୋଦର ପୁରୋହିତ, ବରିଷ୍ଠ ସଦସ୍ୟ ଅମ୍ବରୀଶ ପ୍ରଧାନ ଯୋଗଦେଇ ଉଭୟ ବିଜେତା ଦଳ ଜୟ ଭୈରବୀ କ୍ଲବ ଓ ଉପବିଜେତା ଦଳ ପ୍ରଗତି କ୍ଲବ କୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଶକ୍ତିଶଙ୍କର ବାରିକଙ୍କୁ ପୁରସ୍କୃତ କରିଥିଲେ । ମ୍ୟାଚ ପରିଚାଳନାରେ ହେମନ୍ତ କୁମାର ଚମ୍ପତି, ପ୍ରଦୀପ ସେଠୀ, ଅଜମ୍ ଖାନ, ଚିଲିକା ପ୍ରଧାନ, ମର୍ମୟୀ ପାଢୀ, ସୀମାରାଣୀ ରାଉତ, ବିପୁଳ ପରିଡା ପ୍ରମୁଖ ସହଯୋଗ କରିଥିଲେ ।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ




ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଏଜେନସି ଫର ଏନଭାରମେଣ୍ଟ ଏଣ୍ଡ ୱାଇଲଡ ଲାଇଫ (କେଫ୍ୟୁ) ପକ୍ଷରୁ ୫୫ ତମ ବିଶ୍ୱ ଧରିତ୍ରୀ ଦିବସ କଳାହାଣ୍ଡି ଦକ୍ଷିଣ ବନ ଖଣ୍ଡ ଅନ୍ତର୍ଗତ ସାଇସୁରନି ବିଭାଗର ଗୁଣପୁର ଗ୍ରାମପଞ୍ଚାୟତ ସଭା ଗୃହରେ ପାଳିତ ହୋଇଥିଲା । କେଫ୍ୟୁ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଗ୍ରାମପଂଚାୟତର ସରପଞ୍ଚ ସୁଜାତା ମାଝୀ, କଳାହାଣ୍ଡି ଜିଲ୍ଲା ବନ କର୍ମଚାରୀ ସଂଘର ସଭାପତି, ଭବାନୀ ଶଙ୍କର ପରିଛା, ସାଇସୁରନି ବନ ବିଭାଗରର ବନପାଳ ସନ୍ତୋଷ କୁମାର ଦଳପତି, ଗୁଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ନାଏକ, ଥୁଆମୂଳ ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି, ଅଜିତ କୁମାର ନାୟକ,ଗୁଣପୁର ଆଞ୍ଚଳିକ ବିକାଶ ପରିଷଦର ଅଧ୍ୟକ୍ଷ ସମାଜସେବୀ ରଥ ଦୁରିଆ, ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ ଓ ସ୍ଥାନୀୟ ବରିଷ୍ଠ ନାଗରିକ ଧୋବା ନାଏକ ପ୍ରମୁଖ ମଂଚାସୀନ ଥିଲେ । ବିଶ୍ୱ ଧରିତ୍ରୀ ଦିବସର ବିଷୟ ବିନ୍ଦୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି କାର୍ଯ୍ୟକ୍ରମରେ ଚଳିତ ବର୍ଷ ବିଶ୍ୱ ଧରିତ୍ରୀ ଦିବସର ବିଷୟ ଆମର ଶକ୍ତି,ଆମର ଗ୍ରହ ଶୀର୍ଷକ ଉପରେ ଅତିଥି ବୃନ୍ଦ ଆଲୋଚନା କରି ଜନ ସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଅକ୍ଷୟ ଶକ୍ତିର ଉତ୍ସକୁ ପ୍ରୟୋଗ କରି ତାପଜ ଓ ବିଦ୍ୟୁତ ଶକ୍ତି ଉତ୍ପାଦନ କରି ଆଗାମୀ ୨୦୩୦ ସୁଦ୍ଧା ଶତକଡା ୫୦ ଭାଗ ଲୋକ ଏହାର ଉପଭୋକ୍ତା ସାଜିବେ ବୋଲି ଜାତିସଂଘରେ ନିର୍ଦ୍ଧାରିତ ହୋଇଥିବା ବିଷୟ ଅତିଥି ଗଣ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅକ୍ଷୟ ଶକ୍ତି ଇନ୍ଧନ ଶକ୍ତିରେ ରୂପାନ୍ତରିତ ହେଲେ ଲୋକେ କିପରି ଉପକୃତ ହେବେ ତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଅକ୍ଷୟ ଶକ୍ତିର ପ୍ରୟୋଗକୁ ଚଳିତ ବର୍ଷ ଜାତିସଂଘ ଅଧିବେଶନରେ ଅଧିକ ଗୁରୁତ୍ୱ ଦେଇଥିବା ବିଷୟକୁ ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ ଉପସ୍ଥାପନ କରିଥିଲେ । ସୌର ଶକ୍ତିକୁ ପ୍ରୟୋଗ କରି ଇନ୍ଧନ ଯୋଗାଇ ଦେଇ ପାରିଲେ ଜଙ୍ଗଲରୁ ଗଛ କାଟିବା ନିୟନ୍ତ୍ରଣ ହୋଇପାରିବ ବୋଲି ବକ୍ତା ଗଣ ମତାମତ ରଖିଥିଲେ । ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଅନୁଷ୍ଠିତ ଜନ ସଚେତନତା ସଭାରେ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତିର ମା ମାନେ ଭାଗ ନେଇ ଯଥା ଶୀଘ୍ର ଏହି ପ୍ରକଳ୍ପକୁ କାମରେ ଲଗାଇ ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦେଲେ ଚଳିତ ବର୍ଷ ଧରିତ୍ରୀ ଦିବସର ବିଷୟ ଫଳପ୍ରଦ ହେବ ବୋଲି ମତାମତ ରଖିଥିଲେ । ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଜିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୪/୨୩)

-କ୍ଷେତ୍ର-ଗୁଣତ୍ରୟ ବିଭାଗଯୋଗଃ-

(ଶ୍ରୀଭଗବାନୁବାଚ )

ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।
ଗୁଣା ବର୍ତ୍ତନ୍ତ ଇତ୍ୟେବ ଯୋଽବତିଷ୍ଠତି ନେଙ୍ଗତେ ।।୨୩।।

ଯେଉଁ ବ୍ୟକ୍ତି ଉଦାସୀନ ପରି ଅବସ୍ଥାନ କରେ, ଗୁଣକାର୍ଯ୍ୟ ଦ୍ୱାରା ବିଚଳିତ ହୁଏ ନାହିଁ, ବରଂ ସତ୍ତ୍ୱାଦିଗୁଣ ସବୁ ନିଜ କାର୍ଯ୍ୟରେ ବ୍ୟାପୃତ ଅଛନ୍ତି-ଏହିପରି ମନେକରି ଯେ ଅବସ୍ଥାନ କରେ ଏବଂ କାହିଁରେ ବିଚଳିତ ହୁଏ ନାହିଁ, ସେ ଗୁଣାତୀତ ବୋଲି ଅଭିହିତ ହୁଅନ୍ତି ।।୨୩।।

# ଭୟ ପ୍ରଦର୍ଶନ ପାଇଁ ବୃଥା ଉଦ୍ୟମ

ସମ୍ପାଦକୀୟ

ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ପହଲଗାମରେ ଗତ ମଙ୍ଗଳବାର ଯେପରି ଭାବରେ ନୀରିହ ପର୍ଯ୍ୟଟକଙ୍କ ଉପରେ ଅତି ବର୍ବରୋଚିତ ଆକ୍ରମଣ କରାଯାଇଛି ଏବଂ ୨୬ ବା ତତୋଧିକ ଲୋକଙ୍କ ପ୍ରାଣହାନି ଘଟି ୧୨ ଜଣ ଆହତ ହୋଇଛନ୍ତି, ତାହା ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି । ବିଶ୍ୱର ରାଷ୍ଟ୍ର ମୁଖ୍ୟମାନେ ଏହି ଘଟଣାର ତୀବ୍ର ନିନ୍ଦା କରିଛନ୍ତି । ଏପରି ଏକ ଆକ୍ରମଣ ପାଇଁ ରେଜିଷ୍ଟାନସ ଫ୍ରଣ୍ଟ (ଆଇ.ଏସ୍.ଆଇ ଦ୍ୱାରା ପରିଚାଳିତ ଏଲ୍.ଇ.ଟି) ଆପଣାକୁ ଦାୟୀ କରିଛି । ପାକିସ୍ତାନ ଆତଙ୍କବାଦୀ ସଂଗଠନ ଆଇ.ଏସ୍.ଆଇ.ର ଏହା ଏକ ଛାୟା ସଂଗଠନ ବୋଲି ମଧ୍ୟ କୁହାଯାଉଛି ।

ଆମ ଦେଶରେ ଆମେରିକାର ଉପ-ରାଷ୍ଟ୍ରପତି ଜେ.ଡ଼ି ଭାନ୍ସ ଭାରତ ଗସ୍ତରେ ଆସି ରହିଥିବା ବେଳେ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଭାରତରେ ସ୍ୱାଗତ କରି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସାଉଦୀ ଆରବ ଗସ୍ତରେ ଯାଇଥିବା ବେଳେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଏପରି ବର୍ବରୋଚିତ କାଣ୍ଡ ଭିଆଇଲା ଏବଂ ପର୍ଯ୍ୟଟକମାନେ ହିନ୍ଦୁ ନା ମୁସମଲମାନ ଏହା ପଚାରି ଆଖିବୁଜା ଗୁଳି ମାଡ଼ କରିବା ଘଟଣା କେତେ ଅମାନବୀୟ ନୁହେଁ ? ଆତଙ୍କବାଦୀମାନେ ବି କେଉଁ ବାପା ମାଆଙ୍କ ସନ୍ତାନ, ସେମାନେ କାହାର ବି ଭାଇ, ଭଉଣୀ ବା ସମ୍ପର୍କୀୟ । ମାରିବା ପୂର୍ବରୁ ଏପରି ବିଚାର କାହିଁକି ଆସିଲା ନାହିଁ ସେମାନଙ୍କ ମନକୁ ? ଆମେରିକା ପରି ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରର ଉପ-ରାଷ୍ଟ୍ରପତି ଶ୍ରୀ ଭାନ୍ସଙ୍କର ପାକିସ୍ତାନ ପ୍ରତି କି ଧାରଣା ସୃଷ୍ଟି ହୋଇଥିବ ? ଆମେରିକାର ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ ମଧ୍ୟ ଏପରି ବର୍ବରୋଚିତ ଘଟଣାକୁ ନିନ୍ଦା କରିଛନ୍ତି । ସାଉଦି ଆରବ ରାଷ୍ଟ୍ରମୁଖ୍ୟ ମହମ୍ମଦ ବିନ୍ ସଲମାନ ଓ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ହୋଇଥିଲା । ଏ ଘଟଣା ଜାଣିବା ପରେ ଶ୍ରୀ ସଲମାନ୍ ମଧ୍ୟ ଏପରି କାଣ୍ଡକୁ ତୀବ୍ର ନିନ୍ଦା କରିଛନ୍ତି । ଉଲ୍ଲେଖନୀୟ ଯେ ସାଉଦୀ ଆରବ ମିଡ଼ଲ ଇଷ୍ଟ ବା ମଧ୍ୟପ୍ରାଚ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର, ପଶ୍ଚିମ ଏସିଆରେ ଅବସ୍ଥିତ ଏହି ରାଷ୍ଟ୍ରର ଖୁବ୍ ସୁନାମ ମଧ୍ୟ ରହିଛି । ଆରବୀୟ ଉପଦ୍ୱୀପର ଅଧିକାଂଶ ରାଷ୍ଟ୍ର ଏହାର ଚତୁଃପାର୍ଶ୍ୱରେ ରହିଛନ୍ତି । ସେମାନେ ବି ସୁନୀ ଇସଲାମ୍ ଧର୍ମାବଲମ୍ବୀ । ପାକିସ୍ତାନ ପରି ଏକ କ୍ଷୁଦ୍ର ମୁସଲମାନବହୁଳ ରାଷ୍ଟ୍ର ସେପରି ରାଷ୍ଟ୍ରର ପାସଙ୍ଗକୁ ପଡ଼ିବ ନାହିଁ । ମାତ୍ର ପାକିସ୍ତାନୀ ଆତଙ୍କବାଦୀଙ୍କ ଏପରି କାଣ୍ଡର ଖବର ପାଇ ଆମ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମର୍ମାହତ ହୋଇ ପଡ଼ିଲେ ଏବଂ ସାଉଦୀ ଆରବ ପକ୍ଷରୁ ପ୍ରସ୍ତୁତ ରାଷ୍ଟ୍ରୀୟ ସମ୍ମାନର ଭୋଜିକୁ ବର୍ଜନ କରିବା ସହିତ ତାଙ୍କର ଗସ୍ତକୁ କାଣ୍ଟଛାଟ କରି ଭାରତକୁ ପ୍ରତ୍ୟାବର୍ତ୍ତନ କଲେ । ଏହା ହିଁ ତାଙ୍କର ବିବେକପଣିଆ । ଏପରି ଘଟଣାକୁ ରୁଷ୍‌ର ରାଷ୍ଟ୍ରପତି ଶ୍ରୀ ପୁଟିନ୍ ମଧ୍ୟ ନିନ୍ଦା କରିଛନ୍ତି । ଭାରତ ଏହାର ଠିକଣା ଜବାବ ଦେବ ବୋଲି ମୋଦିଜୀ ଦୃଢ଼ତାର ସହିତ କହିଛନ୍ତି ।

ପ୍ରକୃତରେ ଭାରତର ବିଭାଜନ ପାଇଁ ଭାରତର କିଛି ନେତା ଓ ପାକିସ୍ତାନର ସ୍ୱର୍ଗୀୟ ନେତା ମହମ୍ମଦ ଜିନ୍ନା ଦାୟୀ ଥିଲେ । ଶ୍ରୀ ଜିନ୍ନା ପାକିସ୍ତାନର ପ୍ରତିଷ୍ଠାତା ଥିଲେ । ଭାରତ ଦୁଇ ଭାଗରେ ବିଭାଜିତ ହୋଇଗଲା-ଭାରତ ଓ ପାକିସ୍ତାନ ନାମରେ – ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟ ରାତ୍ରରୁ । ମାତ୍ର ଜିନ୍ନା ପାକିସ୍ତାନର ସର୍ବୋଚ୍ଚ ପଦବୀରେ ଥିଲେ ମଧ୍ୟ ପ୍ରାୟ ବର୍ଷେ ଓ ମାସଟିଏ ପରେ ଆଖି ବୁଜି ଦେଲେ । ବିଭାଜିତ ପାକିସ୍ତାନକୁ ସେ ମାତ୍ର ବର୍ଷଟିଏ ପାଇଁ ସମ୍ଭବତଃ ଉପଭୋଗ କଲେ । ଏବେ ପାକିସ୍ତାନରେ ଗଣତନ୍ତ୍ର ନାମରେ ଯେପରି ଶାସନ ଚାଲିଛି, ତାହା ଯଦି ତାଙ୍କର ଆତ୍ମା ଜାଣି ପାରୁଥିବ, ସମ୍ଭବତଃ ସେ ଶାନ୍ତି ପାଇ ପାରୁ ନଥିବେ ।

ଏବେ ବି ପାକ୍ ଅଧିକୃତ କାଶ୍ମୀରରେ ପାକିସ୍ତାନ ଶାସକଙ୍କ ଉପରେ ମୁସଲମାନମାନେ ଅତିଷ୍ଠ ହୋଇଗଲେଣି । ସେମାନେ ସେଠାରେ ଭଲରେ ଖାଇପିଇ ରହି ପାରୁନାହାନ୍ତି । ବରଂ ଭାରତ ଶାସନାଧୀନ ହେବାକୁ ସେମାନେ ବ୍ୟାକୁଳ । ଏପରି ପରିସ୍ଥିତିରେ ଭାରତରେ ଆତଙ୍କବାଦ ଭିଆଇ ପାକିସ୍ତାନର ଶାସକ କି ଆନନ୍ଦ ପାଇବେ ? ଯାହା ମନେ ହେଉଛି, ପାକିସ୍ଥାନବାସୀ ହିଁ ନିଜ ରାଷ୍ଟ୍ରର ଆତଙ୍କବାଦୀ ସଙ୍ଗଠନକୁ ଭବିଷ୍ୟତରେ ଲୋପ କରିଦେବେ ।

# ଶରୀର ପ୍ରତି ଆସକ୍ତିରୁ ମୁକ୍ତ ହେବା

ଆମର ଜୀବନ,କର୍ମ ଏବଂ ଏହାର ଫଳାଫଳ ଉପରେ ଆଧାରିତ । ତେଣୁ, କର୍ମ ସହିତ, ଆମେ ସେହି ତଥ୍ୟ, ଫଳାଫଳ, ପରିବେଶ, କାରଣ-ପ୍ରଭାବ ସମ୍ପର୍କ, ଆମ ସ୍ୱଭାବ ଏବଂ କର୍ମ ସହିତ ଘଟୁଥିବା ପରିବର୍ତ୍ତନ ଗୁଡ଼ିକର ମଧ୍ୟ ମୂଲ୍ୟାଙ୍କନ କରିଚାଲିବା ଉଚିତ । ଏହାର ସବୁଠାରୁ ବଡ଼ ଲାଭ ହେବ ଯେ ଆମେ କର୍ମ ଧାରା ସହିତ ଯୋଡ଼ି ହେବାର କାରଣଗୁଡ଼ିକୁ ବୁଝିପାରିବା । ଆମେ ସମାଧାନ ଏବଂ ବିକଳ୍ପଗୁଡ଼ିକ ବିଷୟରେ ଚିନ୍ତା କରିପାରିବା । ଆମେ ମନର ଚଞ୍ଚଳତାର ବିଭିନ୍ନ ପରିମାଣକୁ ଜାଣିପାରିବା । ଆମେ ଜୀବନର ଯାତ୍ରାକୁ ଦେଖିପାରିବା । ତେବେ ହିଁ ଆମେ ଆମର ଲକ୍ଷ୍ୟରେ ପହଞ୍ଚିବା ନିଶ୍ଚିତ ହୋଇପାରିବା । ଏଥିରେ, ଜନ୍ମ ଏବଂ ମୃତ୍ୟୁର ମୂଲ୍ୟାଙ୍କନ ସହିତ, ବ୍ରହ୍ମ (ଜ୍ଞାନ) ଏବଂ କର୍ମ (ମାୟା) ର ଭୂମିକା ମୂଲ୍ୟାଙ୍କନ କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆମ ଚାରିପାଖରେ ଥିବା କେଉଁ ଶକ୍ତି ଆମକୁ ଜ୍ଞାନ ଏବଂ ଅଜ୍ଞାନ ଆଡ଼କୁ ନେଇଯାଉଛି ? ଆମର ସଂସ୍କାରର ମୂଲ୍ୟାଙ୍କନ, ଆମର ବନ୍ଧନର ହିସାବ, ଯାହା ଉପରେ ଆମର ସ୍ୱାଧୀନତା ଆଧାରିତ । ଅହଂକାର ଏବଂ ମାଲିକାନାର ମୂଲ୍ୟାଙ୍କନ, ଯାହା ସର୍ବଦା ଆମର ନିଷ୍ପତ୍ତିକୁ ପ୍ରଭାବିତ କରେ । ଯେହେତୁ ଜଣେ ବ୍ୟକ୍ତି ନିଜେ ମୂଲ୍ୟାଙ୍କନ କରେ, ନିଜ ପାଇଁ, ତା'ର ଦୁର୍ବଳତା ମଧ୍ୟଭାଗରେ ପ୍ରତିବନ୍ଧକ ହୋଇଯାଏ । ମନ ଅନେକ ଜିନିଷକୁ ଗ୍ରହଣ କରିପାରେ ନାହିଁ, ବ୍ୟକ୍ତି ଅନେକ ଜିନିଷ ଛାଡିପାରେ ନାହିଁ ।

ଅନେକ ଜିନିଷ ଭାଗ୍ୟ ସହିତ ଜଡିତ । ଅନେକ ସଂସ୍କାର ଏତେ ଗଭୀର ଯେ ଜଣେ ବ୍ୟକ୍ତି ସେଗୁଡ଼ିକ ପାଖରେ ପହଞ୍ଚିପାରେ ନାହିଁ । ପ୍ରୟାସ ଉପରସ୍ତରରେ ରହିଥାଏ । କିମ୍ବା ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବିକଳ୍ପଗୁଡ଼ିକ ପ୍ରାଧାନ୍ୟ ବିସ୍ତାର କରେ , ବ୍ୟକ୍ତି ଭୁଲ୍ ହୋଇଯାଏ । ସେହିପରି, ନିରପେକ୍ଷତାର ଅନୁପସ୍ଥିତିରେ, ଜଣେ ବ୍ୟକ୍ତିଙ୍କ ନିଷ୍ପତ୍ତି ଭୁଲ୍ ହେବାକୁ ଲାଗିଥାଏଓ। ଜ୍ଞାନ ଏବଂ ଦର୍ଶନ ହେଉଛି ଆତ୍ମାର କାର୍ଯ୍ୟ । ଜାଣିବା ଏବଂ ଦେଖିବା, କିଛି କରିବାର ନାହିଁ । କେବଳ ସାକ୍ଷୀର ଭାବନା । ଯେହେତୁ କେବଳ ଏହି ଆତ୍ମା ଏହି ଶରୀରରେ ବାସ କରେ, ସାକ୍ଷୀର ଭାବନା ହେଉଛି ଏହି ଜୀବନର ବାସ୍ତବତା ।

ମାନସ କୁମାର କର
କୋଟାଙ୍ଗ, କୋଣାର୍କ, ମୋ: ୭୩୮୧୩୮୨୨୧୦

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )

samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଜାତୀୟ ପଞ୍ଚାୟତିରାଜ ଦିବସ ଓ ଓଡ଼ିଶା



ରବିନାରାୟଣ ନାଏକ

ପଞ୍ଚାୟତ ବ୍ୟବସ୍ଥା ଆଜିର ନୁହେଁ, କେଉଁ ଆବହମାନ କାଳରୁ ଆମ ସମାଜରେ ଏହା ପ୍ରଚଳିତ ହୋଇ ଆସୁଛି। ସେଥିପାଇଁ ଆମ ଗାଁ ଗହଳିରେ କଥା କଥାରେ କହନ୍ତି, ପାଞ୍ଚଜଣ ଲୋକଙ୍କୁ ଯାହା ସୁନ୍ଦର ଲାଗିବ ତାହା ହିଁ କରିବା । ପାଞ୍ଚଜଣ ଭଦ୍ରଲୋକ ଯାହା ନିର୍ଣ୍ଣୟ କରିବେ, ତାହାକୁ ମାନିବା । ମହାଭାରତ କାଳର ପଞ୍ଚୁପାଣ୍ଡବଙ୍କୁ ଯଦି ଭିନ୍ନ ଦୃଷ୍ଟିରେ ବିଚାର କରିବା, ସେମାନେ ମଧ୍ୟ ଭିନ୍ନ ଭିନ୍ନ ଶାରୀରିକ ଓ ମାନସିକ ବ୍ୟକ୍ତିତ୍ୱ ବହନ କରୁଥିବା ପାଞ୍ଚଜଣ ଗାଁ ମୁଖିଆ, ଯେଉଁମାନେ ତାଙ୍କ ନେତୃତ୍ୱ ନେଉଥିବା ବରିଷ୍ଠ ଯୁଧିଷ୍ଠିରଙ୍କ ସମସ୍ତ ନିଷ୍ପତ୍ତିକୁ ମୁଣ୍ଡପାତି ଗ୍ରହଣ କରିଛନ୍ତି ଓ ଶେଷ ପର୍ଯ୍ୟନ୍ତ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିଛନ୍ତି ତାହା ମଧ୍ୟ ଏକ ପଞ୍ଚାୟତ । ଏଣୁ ପଞ୍ଚାୟତ ବ୍ୟବସ୍ଥା ଆମ ସମାଜରେ କେଉଁ କାଳରୁ ପ୍ରଚଳିତ ଏବଂ ପଞ୍ଚାୟତର ନିଷ୍ପତ୍ତିକୁ ଆମେ ସର୍ବମାନ୍ୟ ଭାବେ ଗ୍ରହଣ କରିଆସିଛୁଁ ।

ସ୍ୱାଧୀନ ଭାରତର ପ୍ରଥମ ରାଜ୍ୟ ଭାବେ ରାଜସ୍ଥାନ ସରକାର ୧୯୫୩ ମସିହାରେ ପଞ୍ଚାୟତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଥିଲେ । ତେବେ ୧୯୫୭ ମସିହାରେ ତତ୍କାଳୀନ ସାଂସଦ ବଳବନ୍ତରାଓ ମେହେଟ୍ଟାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଆଧାରରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ ହେଲା । ଏହି ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ୧୯୫୯ମସିହା ଅକ୍ଟୋବର ୨ତାରିଖରେ ରାଜସ୍ଥାନର ନାଗୌରଠାରେ ଉଦ୍‌ଘାଟିତ ହୋଇଥିଲା ।

**ସମୟ ସ୍ରୋତରେ ଅନେକ ସଂଶୋଧନ, ପରିବର୍ତ୍ତନ ଓ ପରୀକ୍ଷାନିରୀକ୍ଷା ପରେ ୧୯୯୨ ମସିହା ଅପ୍ରେଲ ୨୪ ତାରିଖରେ ସମ୍ବିଧାନର ୭୩ତମ ସଂଶୋଧନ ବଳରେ ଏହି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ କାର୍ଯ୍ୟକାରୀ ହେଲା । ଏହି ଆଇନ୍ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଲା । ସେଇଥିପାଇଁ ଅପ୍ରେଲ୍ ୨୪ ତାରିଖକୁ 'ଜାତୀୟ ପଞ୍ଚାୟତରାଜ ଦିବସ' ରୂପେ ପାଳନ କରାଯାଇଆସୁଛି । ଏହି ସଂଶୋଧନ ଅନୁସାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ଥିବା ୨୯ଟି ବିଷୟ ପଞ୍ଚାୟତିରାଜ ବିଭାଗ ଅଧୀନକୁ ଆସିବା ପରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଗ୍ରାମାଞ୍ଚଳରେ ସକ୍ରିୟଭାବେ କାର୍ଯ୍ୟ ଆରମ୍ଭ** କଲେ ।

ପଞ୍ଚାୟତିରାଜ ବ୍ୟବସ୍ଥା ଏକ ନିରବଛିନ୍ନ ନିରବ ଆନ୍ଦୋଳନ । ଲୋକଙ୍କ ଭିତରେ ଶୋଇ ପଡ଼ିଥିବା ଶକ୍ତି ଓ ସାମର୍ଥ୍ୟକୁ ଜାଗ୍ରତ କରିବା ପାଇଁ ଯେଉଁ ସାର୍ଥକ ନେତୃତ୍ୱର ଆବଶ୍ୟକତା ଅଛି, ତାହା ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ହିଁ ସମ୍ଭବ । ଏଣୁ ଏହି ବ୍ୟବସ୍ଥା ନେତୃତ୍ୱ ନିର୍ମାଣର ଏକ ପ୍ରୟୋଗଶାଳା କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେ ଗତ ସରକାରଙ୍କ ସମୟରେ ସାମନ୍ତବାଦୀ ସ୍ତବପାଠ ଓ ଦରବାରୀ କୋଳାହଳ ମଧ୍ୟରେ ପଞ୍ଚାୟତ ପ୍ରତିନିଧିମାନଙ୍କର ସ୍ୱର କ୍ଷୀଣ ଓ ଉପେକ୍ଷିତ ଥିଲା । ରାଜ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ ହେବାପରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏକ ନୂଆ ଯୁଗର ଆରମ୍ଭ ହେଲା । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶାର ବିକାଶଧାରା ଆହୁରି ତ୍ୱରାନ୍ୱିତ ହେଲା । ଡବଲ ଇଞ୍ଜିନ୍ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଦୀର୍ଘସ୍ଥାୟୀ ବହୁମୁଖୀ ପ୍ରକଳ୍ପ ମାଧ୍ୟମରେ ଭିତ୍ତିଭୂମିର ବିକାଶ ସହିତ ଗ୍ରାମାଞ୍ଚଳର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଭିବୃଦ୍ଧିକୁ ଆଧାର କରି ଗ୍ରାମ୍ୟ ସଂସ୍କୃତି, ପରଂପରା ଓ ଚଳଣିର ସଂରକ୍ଷଣ ସହିତ ଏକ ସମୃଦ୍ଧ ଗାଁ ଗଠନର ମୂଳଦୁଆ ପଡ଼ିଲା । ଏହି ଯୋଜନାରେ ସ୍ଥାୟୀ ଭିତ୍ତିଭୂମି, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା, ଗ୍ରାମ୍ୟ ପରିବେଶର ସୁରକ୍ଷା, ସାଧାରଣ ସଂପତ୍ତିର ସୁବିନିଯୋଗ, ଗ୍ରାମବାସୀଙ୍କ ଆବଶ୍ୟକତା ଅନୁଯାୟୀ ଗୋଷ୍ଠୀକେନ୍ଦ୍ର ପ୍ରତିଷ୍ଠା, ଧାର୍ମିକପୀଠ ଗୁଡ଼ିକର ଉନ୍ନତିକରଣ, ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଶିକ୍ଷା ଭିତ୍ତିଭୂମିର ଉନ୍ନତି କରଣ, ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ, ଇଣ୍ଟରନେଟ୍ ସେବା, ଛାତ୍ରଛାତ୍ରୀଙ୍କ ପାଇଁ ପଠନଗୃହ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ଯୋଜନା ଗୁଡିକ ଗ୍ରାମସଭା ମାଧ୍ୟମରେ ସମସ୍ତଙ୍କ ସହଭାଗିତାରେ ସର୍ବସାଧାରଣଙ୍କ ଆବଶ୍ୟକତାକୁ ଆଖିରେ ରଖି ଅଗ୍ରାଧିକାର ଭିତ୍ତିରେ ଚୟନ କରି ପର୍ଯ୍ୟାୟକ୍ରମେ ବିଭିନ୍ନ ବୈଷୟିକ କମିଟି ଦ୍ୱାରା ଯାଞ୍ଚ କରିବା ପରେ ସଂପୃକ୍ତ ଜିଲ୍ଲାପାଳ ଅନୁମୋଦନ ନିମନ୍ତେ ବିଭାଗକୁ ସୁପାରିସ କରିବେ । ପୂର୍ବରୁ ପଞ୍ଚାୟତିରାଜ ବ୍ୟବସ୍ଥା ଥିଲା ଉପର ସ୍ତରରେ ବସିଥିବା କିଛି ଧୋବଧାଉଳିଆ ବାବୁମାନଙ୍କର ବିଳାସର ବ୍ୟାପାର । ଏଥିରେ ଗାଁରେ ଥିବା ମଳିମୁଣ୍ଡିଆ ଲୋକଙ୍କର କିଛି ଭୂମିକା ନଥିଲା । ହେଲେ ଏହି ଯୋଜନା ମାଧ୍ୟମରେ ଗାଁର ବିକାଶ ଖସଡ଼ା ଗାଁରେ ପ୍ରସ୍ତୁତ ହେବ ଏବଂ ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରକ୍ରିୟା ନିୟମାବଳୀ – ୨୦୦୨ ଅନୁସାରେ ପ୍ରଶାସନିକ ଓ ବୈଷୟିକ ମଂଜୁରୀ ପ୍ରଦାନ କରାଯିବ । ଏହି ପାରଦର୍ଶୀ ବ୍ୟବସ୍ଥା ଫଳରେ କାହାର ମନମାନୀ କିମ୍ବା ଏକଚାଟିଆ କାରବାର ଚାଲିପାରିବ ନାହିଁ ଏବଂ ଗ୍ରାମାଞ୍ଚଳର ପ୍ରକୃତ ବିକାଶ ହୋଇପାରିବ । କେବଳ ପ୍ରକଳ୍ପ ନିର୍ମାଣ ନୁହେଁ, ତାର ତଦାରଖ ଓ ପର୍ଯ୍ୟବେକ୍ଷଣ ମଧ୍ୟ ସୁନିଶ୍ଚିତ କରାଯିବ । ଏଥିପାଇଁ ଆଧୁନିକ ଯୋଗାଯୋଗ ବ୍ୟବସ୍ଥା ସହିତ ଏଗୁଡ଼ିକୁ ସଂଯୋଗ କରାଯିବ । ଏମ୍.ଆଇ.ଏସ୍. ଓ ମୋବାଇଲ ଆପ ମାଧ୍ୟମରେ କାର୍ଯ୍ୟାରମ୍ଭ ପୂର୍ବର, କାର୍ଯ୍ୟକାରିତା ସମୟର ଏବଂ ପ୍ରକଳ୍ପ ସମାପ୍ତ ହେବା ପରେ ତାକୁ ଜିଓ ଟ୍ୟାଗ୍ କରି ୱେବ୍ ପୋର୍ଟାଲରେ ଅପ୍‌ଲୋଡ କରାଯିବ । ଗତ ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁଁ ଆଦିବାସୀ ଭାଇଭଉଣୀମାନଙ୍କ ଜୀବନଜୀବିକା ସହିତ ଜଡ଼ିତ ପେସା ଆଇନ୍ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରି ନଥିଲା । ଆମ ସରକାର ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହାକୁ ଲାଗୁ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ସେହି ଅନୁସାରେ ଆମ ରାଜ୍ୟର ୧୧୯ ବ୍ଲକ୍‌ର ୨୦୬୮ ଗ୍ରାମପଞ୍ଚାୟତର ୧୯୪୯୮ଟି ଗ୍ରାମରେ ଗ୍ରାମସଭା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇ ତଥା ୧୧ଟି ଭିନ୍ନ ଭିନ୍ନ କମିଟି ଗଠନ କରାଯାଇ ଆଦିବାସୀ ଅଞ୍ଚଳର ବିକାଶ ନିମନ୍ତେ ଯୋଜନା ପ୍ରଣୟନ ଏବଂ ତାର ତଦାରଖ କରିବାର ଖସଡ଼ା ପ୍ରସ୍ତୁତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଆଇନ୍ କାର୍ଯ୍ୟକାରୀ ହେବାପରେ ଆଦିବାସୀ ଞ୍ଚଳର ଗ୍ରାମସଭାଗୁଡ଼ିକ ସଶକ୍ତ ହେବ । ସେମାନଙ୍କର ସ୍ଥାବର ସଂପତ୍ତିର ସୁରକ୍ଷା, ବୃହତ ଏବଂ ଲଘୁ ଖଣିଜ ଉତ୍ସଗୁଡ଼ିକର ଲାଇସେନ୍ସ ପ୍ରଦାନରେ ସ୍ୱଚ୍ଛତା, ଆର୍ଥିକ ନେଣଦେଣ ଉପରେ ନିୟନ୍ତ୍ରଣ, ମାଦକ ଦ୍ରବ୍ୟ ବ୍ୟବହାରକୁ ନିଷିଦ୍ଧ ଓ ନିୟନ୍ତ୍ରଣ କରିବା, ଲଘୁ ବନଜାତ ଦ୍ରବ୍ୟଗୁଡ଼ିକର ସଂଗ୍ରହ, ବ୍ୟବହାର ଓ ବିକ୍ରି କରିବାର ଅଧିକାର ପ୍ରଦାନ କରିବା, ସାମାଜିକ ସମସ୍ୟାଗୁଡ଼ିକର ସମାଧାନ ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ତଥା ସାଂସ୍କୃତିକ ବାତାବରଣକୁ ସୁରକ୍ଷିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଫଳରେ ପୁରୁଷ ପୁରୁଷ ଧରି ବଣ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀମାନଙ୍କୁ ଶୋଷଣର ଶିକାର ହୋବାରୁ ସୁରକ୍ଷା ଦେଇ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କାରାଯାଇପାରିବ । ଅନ୍ତ୍ୟୋଦୟ ଗୃହଯୋଜନା ଆମ ସରକାରର ଏକ ବଡ଼ ଉପଲବ୍ଧି । ସମାଜରେ ବସବାସ କରୁଥିବା ବିଧବା, ଭିନ୍ନକ୍ଷମ, ନିଃସହାୟ, ଏଡ୍‌ସ ରୋଗାକ୍ରାନ୍ତ, ବନ୍ୟା-ବାତ୍ୟା-ଭୂମିକମ୍ପ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ, ବନ୍ୟଜନ୍ତୁ ଦ୍ୱାରା କ୍ଷତିଗ୍ରସ୍ତ, ସରକାରୀ ଯୋଜନା ପାଇଁ ବିସ୍ଥାପିତ ଅଧିବାସୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କାଘର ଯୋଗାଇ ଦେବାପାଇଁ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ପକ୍କାଘର ପାଇଁ ଆଉ ବେଶୀ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଗତ ସରକାର ସମୟରେ ପଞ୍ଚାୟତିରାଜ ବ୍ୟବସ୍ଥା କେବଳ ଯୋଜନା ପ୍ରଣୟନରେ ସୀମିତ ଥିଲା । ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କାହାର ଟିକେ ବି ଆନ୍ତରିକତା ନଥିଲା । ଯାହାଫଳରେ ପଞ୍ଚାୟତଗୁଡ଼ିକ କେବଳ ଭିତ୍ତିଭୂମି ବିକାଶ କୈନ୍ଦ୍ରିକ ହୋଇ ରହିଗଲା । ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ଓ ଆଧୁନିକ ଆହ୍ୱାନ ଗୁଡ଼ିକର ସମ୍ମୁଖୀନ ହେବାପାଇଁ ଉଦ୍ଦିଷ୍ଟ ବହୁ ମହତ୍ତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଆଦର୍ଶ ପଞ୍ଚାୟତ ଗଠନ ପାଇଁ ପଞ୍ଚାୟତ ପ୍ରତିନିଧିମାନେ କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ । ଫଳରେ ଦାରିଦ୍ର୍ୟମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମପଞ୍ଚାୟତ, ସୁସ୍ଥ ଗ୍ରାମପଞ୍ଚାୟତ, ଶିଶୁ ଅନୁକୂଳ ଗ୍ରାମପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମପଞ୍ଚାୟତ, ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଞ୍ଚାୟତ, ଭିତ୍ତିଭୂମି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ, ସାମାଜିକ ଭାବେ ସୁରକ୍ଷିତ ଗ୍ରାମପଞ୍ଚାୟତ, ସୁଶାସନ ଥିବା ଗ୍ରାମପଞ୍ଚାୟତ ଏବଂ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଗଠନର ସ୍ୱପ୍ନ ଆଜି ବିଡ଼ମ୍ବିତ । ଆମ ସରକାର ଏଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ଉତ୍ସାହିତ କରିଆସୁଛନ୍ତି । ସେଥିପାଇଁ ଗ୍ରାମପଞ୍ଚାୟତ ବିକାଶ ଯୋଜନାକୁ ଗୋଟିଏ ମିସନ୍ ବା ଅଭିଯାନ ଭାବରେ ଗ୍ରହଣ କରି ଏହାର ବ୍ୟାପକ ପ୍ରଚାର ପ୍ରସାର, ସଚେତନତା, ଲୋକ ପ୍ରତିନିଧିମାନଙ୍କୁ ବାରମ୍ବାର ପ୍ରଶିକ୍ଷଣ, ସ୍ଥାନୀୟ କମିଟିଗୁଡ଼ିକୁ ସକ୍ରିୟ କରିବାର ପ୍ରୟାସ ରାଜ୍ୟରେ ଜାରି ରହିଛି । ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସମସ୍ତ ସ୍ତରଗୁଡ଼ିକୁ ସକ୍ରିୟ କରି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ କ୍ରିୟାଶୀଳ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି । **ଗୋଟିଏ ମହାଭାରତୀୟ ସ୍ରୋତରେ ସାମିଲ ହେବାର ଏହି ମହାର୍ଘ ମୁହୂର୍ତ୍ତକୁ ସ୍ମରଣୀୟ କରି ରଖିବା ପାଇଁ ଯେଉଁ ସଂକଳ୍ପ, ସାଧନା ଓ ସାମର୍ଥ୍ୟର ଆବଶ୍ୟକତା ଅଛି, ତା'କୁ ଆଧାର କରି ଏକ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଆମକୁ ଏକାଠି ହୋଇ କାମ କରିବାକୁ ପଡ଼ିବ ।** 'ବିକଶିତ ଗାଁ,ବିକଶିତ ଓଡ଼ିଶା'ଯୋଜନା ଅପାର ସମ୍ଭାବନାର ଅସରନ୍ତି ପସରା ନେଇ ଆସିଛି । ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଜଣେ ଅଭୟହସ୍ତ ପ୍ରଦାନକାରୀ ଅଭିଭାବକ ଭଳି ଆମ ପଛରେ ଦୃଢ଼ଭାବରେ ଠିଆ ହୋଇଛନ୍ତି। ଶିକ୍ଷା, ସଚେତନତା, ପ୍ରଶିକ୍ଷଣ, ଦୂରଦୃଷ୍ଟି ଓ ଆତ୍ମବିଶ୍ୱାସ ବଳରେ ଗାନ୍ଧିଜୀଙ୍କ ପରିକଳ୍ପିତ ଗ୍ରାମସ୍ୱରାଜର ସ୍ୱପ୍ନକୁ ସାକାର କରିବାକୁ ସମସ୍ତେ ସହଯୋଗର ହାତ ବଢ଼ାଇବେ ବୋଲି ଆମେ ଆଶାବାଦୀ ।

**ମନ୍ତ୍ରୀ, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର**

# ଅତୀତ ସ୍ମୃତିରୁ କିଛି



କୃପାନିଧି ବିଶ୍ୱାଳ

ଆଗ କାଳରେ ଓଡିଶା ସରକାରଙ୍କ ପାଖରେ କେବଳ ଗୋଟିଏ ହେଲିକପ୍ଟର ଥାଏ, ତାହାକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ବ୍ୟବହାର କରିଆସୁଥିଲେ । ଓଡ଼ିଶାର ଦୂରରେ ଥିବା ଜିଲ୍ଲାରେ ଭଲ ସରକାରୀ ଗାଡି ନଥିବାରୁ ରାଜଭବନ ତରଫରୁ କିମ୍ବା ଘରୋଇ ବିଭାଗ ତରଫରୁ ରାଜ୍ୟ ଅତିଥି ଗୃହ ତରଫରୁ ଗାଡି ଜିଲ୍ଲାମାନଙ୍କୁ ପଠାଯାଇ ସରକାରୀ ଉଚ୍ଚ ଅଧିକାରୀ କିମ୍ବା ମୁଖ୍ୟମନ୍ତ୍ରୀ ବା ରାଜ୍ୟପାଳମାନେ ବ୍ୟବହାର କରନ୍ତି । କାଳକ୍ରମେ ଜିଲ୍ଲାପାଳମାନଙ୍କୁ ଜିପ୍‌ରୁ ଆମ୍ବାସଡ଼ର କାର ସରକାର ଯୋଗାଇ ଦିଅନ୍ତି, ରାସ୍ତା ସବୁ ଜିଲ୍ଲା ମାନଙ୍କରେ ଜିପ୍ ଯୋଗେ ଯିବାକୁ ସହଜ ଥିଲା । ଜିଲ୍ଲାମାନଙ୍କରେ କେବଳ ଜିଲ୍ଲାପାଳଙ୍କ ପାଖରେ କାର୍ ଥାଏ । ଅନ୍ୟ ସବୁ ଅଧିକାରୀଙ୍କ ପାଖରେ ଜିପ୍ ଥାଏ । ଭୁବନେଶ୍ୱରରେ ଗୋଟିଏ ହେଲିକପ୍ଟର ଥାଏ ସରକାରଙ୍କ ପାଖରେ ଏବଂ ଅଫିସର କ୍ୟାପଟେନ ଦେଶପାଣ୍ଡେ ଏହାର ପାଇଲଟ ନିଯୁକ୍ତି ହୋଇ ଥାନ୍ତି । ଷ୍ଟେଟ୍ ଏଭିଏସନ୍ ଅଫିସର ଭାବେ ତାଙ୍କର ଖାତିର ବହୁତ । ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ତାଙ୍କର ସ୍ୱଳ୍ପ ସମୟ ରହଣି ସମୟରେ ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନଙ୍କରେ ଯୋଗଦାନ କରି କିଛି ସମୟ ପରେ ସେ ଭୁବନେଶ୍ୱରକୁ ଫେରି ଆସନ୍ତି । ପୁଣି ହେଲିକପ୍ଟର ନେଇ ଗସ୍ତ ସମୟ ସାରିଲେ ପୁଣି ନେଇ ଆସନ୍ତି । ତତ୍କାଳୀନ ରାଜ୍ୟପାଳ ଶ୍ରୀ ଜତ୍ତି କିମ୍ବା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଉତ୍ତରାଞ୍ଚଳ ଜିଲ୍ଲାମାନଙ୍କରେ ଗସ୍ତ ସମୟରେ ମୋର ତାଙ୍କର କାର୍ଯ୍ୟକ୍ରମ ଦେଖିବାକୁ ସୁଯୋଗ ମିଳେ, ମୁଖ୍ୟ ଶାସନସଚିବଗଣ ବିଭିନ୍ନ ସମୟରେ ହେଲିକପ୍ଟର ଯୋଗେ ଜିଲ୍ଲା ଗସ୍ତ କରନ୍ତି । କିଛି କିଛି ସମୟରେ ଆମ୍ବାସଡ଼ର କାରରେ ଯାଆନ୍ତି । ହେଲିକପ୍ଟର ଯୋଗେ ସୁବିଧା ନେବାକୁ ଥିଲେ ପାଇଲଟଙ୍କ ଇଚ୍ଛା ଉପରେ ନିର୍ଭର କରନ୍ତି । ତାପରେ ସରକାରୀ କଳରେ ଅନୁମତି ଇତ୍ୟାଦି ହୁଏ । ୧୯୭୮ ମସିହାରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବଡିଭିଜନରେ ଏକ ଦୈବୀ ଦୁର୍ବିପାକ ଘୂର୍ଣ୍ଣିବାତ୍ୟା ହୁଏ । ଶ୍ରୀନିବାସନ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ହିସାବରେ ପୁରୁଣା ବନ୍ଧଗୋଡା ଗ୍ରାମରେ ୧୮ ଦିନ ରହି ସମସ୍ତ କ୍ଷୟ କ୍ଷତି ଦେଖି ପୁନର୍ବାର ନିର୍ମାଣ କରିବା ପାଇଁ ତଦାରଖ କରିବାକୁ ପଦକ୍ଷେପମାନ ନେଉଥିଲେ । ସେ ସମୟରେ ଟେଲିଫୋନ୍, କେନ୍ଦୁଝରରୁ ସମ୍ବଲପୁରକୁ ରାସ୍ତା ମଧ୍ୟ ସେତେ ଉନ୍ନତ ନଥିଲା । ସମସ୍ତ ବନ୍ଦୋବସ୍ତ, ଜିଲ୍ଲାର ଉନ୍ନତି ତଦାରଖ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟଙ୍କ ଗସ୍ତର କିଛି ମାସ ପରେ ଠିକ୍ ହେଲା କେନ୍ଦୁଝର ଜିଲ୍ଲା । ସେତେବେଳେ ଅକ୍ଷୟ ବିଶ୍ୱାଳ ମହୋଦୟ ମୁଖ୍ୟମନ୍ତ୍ରୀଙ୍କ ସଚିବ ଥିଲେ ପୂର୍ବରୁ ସେ ଜିଲ୍ଲାପାଳ କେନ୍ଦୁଝର ରେ ଅବସ୍ଥାନ କରିଥିଲେ, ଜିଲା ପ୍ରଶାସନ ବିଷୟରେ ତାଙ୍କର ସମସ୍ତ ଅନୁଭବ ଥିଲା । ଆନନ୍ଦପୁର, କେନ୍ଦୁଝର ସମେତ ବଡବିଲ, ଯୋଡା, ସବୁ ମାଇନିଂ ଅଞ୍ଚଳ ବୁଲି ମୁଖ୍ୟମନ୍ତ୍ରୀ ରାତ୍ରି ଯାପନ ପାଇଁ ବଡବିଲ ରେ ସ୍ଥିରୀକୃତ ହୋଇଥାଏ । ପାଇଲଟ ମହୋଦୟ ସର୍କିଟ ହାଉସ ରେ ଅବସ୍ଥାନ କରିବା ପାଇଁ ଜିଲ୍ଲାପାଳ ବନ୍ଦୋବସ୍ତ କରିଥିଲେ ଏବଂ ପାଇଲଟ ଦେଶପାଣ୍ଡେ ସର୍କିଟ ହାଉସ ରେ ରାତ୍ରି ଯାପନ କଲେ । ଜିଲ୍ଲାର ସମସ୍ତ ଅଧିକାରୀଗଣ ବଡବିଲ ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ବ୍ୟସ୍ତ । ସର୍କିଟ ହାଉସର କୁକ୍ ନାଜିର ରାତ୍ରି ଭୋଜନ ପାଇଁ ରୁଟି ଡାଲି, ସାଦା ତରକାରୀ ଓ ଅଣ୍ଡା ତରକାରୀ ପରିବେଷଣ କରିବା ସମୟରେ ମୋର ଅନୁମାନ ହେଲା ପାଇଲଟ ମହୋଦୟ ଅସନ୍ତୋଷ । ସେ ରହିବାକୁ ୫ ନମ୍ବର ଘର ପ୍ରସ୍ତୁତ ଥାଏ । ସର୍କିଟ ହାଉସ ରେ କେବଳ ଜଣେ ବ୍ୟକ୍ତିଙ୍କ ପାଇଁ ରୋଷେଇ କୁକ ମହାଶୟ ପରିବେଷଣ କରି ଥାନ୍ତି । ସକାଳୁ କଅଣ ଜଳଖିଆ ଖାଇବାକୁ ହେବ ପଚାରିଲେ । ପାଇଲଟ ମହାଶୟ କହିଲେ ସକାଳୁ କହିବି । ଚା କେବଳ ସକାଳୁ ସେ ଦେବାକୁ କହିଲେ । ମୁଁ ସୁପର ଭାଇଜର ହିସାବରେ ସର୍କିଟ ହାଉସ ରେ ଦେଖୁ ଥାଏ । ମୋର ମାଲିକ ରାଜସ୍ୱ କମିଶନର ସମ୍ବଲପୁର । ସକାଳ ହେବା ପରେ ପାଇଲଟ ମହୋଦୟଙ୍କୁ ଚା' ଦିଆଗଲା । ଜଳଖିଆ ଦିଆଗଲା ସକାଳ ୯ ରେ । ବଡବିଲରୁ ଜିଲ୍ଲାପାଳ ଖବର ଦେଉଥାନ୍ତି ପାଇଲଟ ମହୋଦୟ ଶୀଘ୍ର ହେଲିକପ୍ଟର ଆଣିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଆସିବେ ଜରୁରୀ କାମରେ । ଆମେ ପାଇଲଟ ମହୋଦୟଙ୍କୁ ଏ ବାର୍ତ୍ତା ଦେବା ବେଳକୁ ପାଇଲଟ ମହୋଦୟ କହିଲେ ମୋର ଗଲା କାଲି ନିଦ ଠିକ୍‌ରେ ହୋଇନି । ସେମାନଙ୍କୁ ଅପେକ୍ଷା କରିବାକୁ କୁହ । ମାନ୍ୟବର କମିଶନର ମହୋଦୟ ଫୋନ ରେ ମୋତେ ପଚାରିବା ସମୟରେ ମୁଁ ସମସ୍ତ ଘଟଣାକୁ କହିଲି, ପାଇଲଟ ମହୋଦୟ ଅଶାନ୍ତ ବୋଲି ଜଣାଇଲି । ଏକଥା ବଡବିଲରେ ମୁଖ୍ୟମନ୍ତ୍ରୀଙ୍କ କାନକୁ ଗଲା । ଶ୍ରୀ ଅକ୍ଷୟ ବିଶ୍ୱାଳ ମଧ୍ୟ ପଚାରିଲେ । ତାପରେ କେନ୍ଦୁଝର ଉପ ଜିଲ୍ଲାପାଳ ଆସି ପାଇଲଟ ମହୋଦୟଙ୍କ ଭେଟି ତାଙ୍କୁ ଝୁମ୍ପୁରା ଅଭିମୁଖେ ନେଇ ଗଲେ କାରଣ ହେଲିକେପ୍ଟର ଝୁମ୍ପୁରା ରେ ରହିଥାଏ । ଆମେ ସବୁ କଥା ହେଉ ଥାଉଁ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ଏହି ଅବସରରେ କିଛି କହିଲେ ନାଁହି । ସେ ଅତ୍ୟନ୍ତ ଭଦ୍ର ଥିଲେ । ଅନ୍ୟ କେହି ହୋଇଥିଲେ ପାଇଲଟକୁ ତା ପରଦିନ ବିଦା କରିଥାନ୍ତେ । ଶ୍ରୀ ଅକ୍ଷୟ କୁମାର ବିଶ୍ୱାଳ ସାହେବ ଏବଂ କମିଶନର ସାହେବ ସବୁ ଦାୟିତ୍ୱ ନିର୍ବାହ କରିଥିଲେ, ସମସ୍ତଙ୍କୁ ରକ୍ଷା କରିଥିଲେ । ଆଜି ଦୁହେଁ ସଂସାରରେ ନାହାନ୍ତି । ସେବେର ମୁଖ୍ୟମନ୍ତ୍ରୀ ରାଉତରାୟ ମଧ୍ୟ ନାହାନ୍ତି । ବର୍ତ୍ତମାନ ସମୟରେ ବହୁ ପରିମାଣରେ ରାସ୍ତାଘାଟ, ଗମନାଗମନ ଯୋଗାଯୋଗ ଉନ୍ନତ ମାନର ହୋଇଛି । ଲୋକେ ଉପକାର ପାଉଛନ୍ତି । ଓଡିଶା ସରକାରଙ୍କ ପାଖରେ ହେଲିକପ୍ଟର ଅଛି । ସବୁ ଜିଲ୍ଲାରେ ବହୁତ ଗାଡି ଅଛି । ୧୩ ଜିଲ୍ଲାରୁ ୩୦ ଜିଲ୍ଲାକୁ... ପକ୍ଷରୁ ଲୋକଙ୍କ ନିକଟରେ ସରକାର ପହଁଞ୍ଚିବା ଆମେ ଅନୁଭବ କରୁଛୁ ।

ପୂର୍ବତନ ସରକାରୀ ଅଧିକାରୀ
ରାଜସ୍ୱ କମିଶନର ଅଫିସ, ସମ୍ବଲପୁର
ଫୋନ୍-୯୮୧୯୯୬୪୫୧୭

# ଗ୍ରାମୀଣ ଡାକସେବକ ନିଯୁକ୍ତି ଜାଲିଆତି ମାମଲା ପୁଣି ୧୨ ସ୍ଥାନରେ ସିବିଆଇ ଚଢ଼ାଉ

ଭୁବନେଶ୍ୱର,(ସବ୍ୟୁ) : ଗ୍ରାମୀଣ ଡାକସେବକ ନିଯୁକ୍ତି ଜାଲିଆତି ମାମଲାରେ ସିବିଆଇ ପକ୍ଷରୁ ପୁଣି ବୁଧବାର ୧୨ ସ୍ଥାନରେ ଚଢ଼ାଉ ହୋଇଛି । ଭୁବନେଶ୍ୱର, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଓ କେନ୍ଦୁଝର ସମେତ ଜିଲ୍ଲାମାନଙ୍କରେ ଚଢ଼ାଉ ହୋଇଛି । ୨୦୨୩ ମସିହାରେ ଗ୍ରାମୀଣ ଡାକସେବକ ନିଯୁକ୍ତିରେ ପାର୍ଥୀମାନେ ଜାଲ ମ୍ୟାଟ୍ରିକ୍ ସାର୍ଟିଫିକେଟ୍ ଦେଇଥିଲେ । ସେହି ସାର୍ଟିଫିକେଟ୍ ଗୁଡିକ ଉତ୍ତରପ୍ରଦେଶ ବୋର୍ଡ ଓ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲିଂର ଜାଲ ସାର୍ଟିଫିକେଟ୍ ଥିଲା । ସେହି ମାମଲାରେ ୩ ଜଣ ମଧ୍ୟସ୍ଥୀ ଓ ୫୫ ଜଣ ପ୍ରାର୍ଥୀଙ୍କ ଚାର୍ଜସିଟ୍ ହୋଇସାରିଛି । ବାକିଥିବା ମଧ୍ୟସ୍ଥ ଓ ଜାଲ ସାର୍ଟିଫିକେଟ୍ ପଛର ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ସିବିଆଇର ଏହି ଚଢ଼ାଉ ହୋଇଥିଲା ।

# ନଦୀ ଜଳକୁ ଦୂଷିତ କରୁଛି ଖଣି ଓ ଶିଳ୍ପ ସଂସ୍ଥା : ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦୁଝର, (ରବି ରାଜ):ବୈତରଣୀର ଉପରମୁଣ୍ଡରେ ବ୍ୟାପକ ଖଣି ଖନନ ଓ ଶିଳ୍ପାୟନ ଯୋଗୁ କେନ୍ଦୁଝର ଜିଲ୍ଲାର ନଦୀ ପ୍ରତି ବିପଦ ସୃଷ୍ଟି କରିଛି । ନଦୀର ଜଳ ଦୂଷିତ ଚିନ୍ତାର ବିଷୟ ପାଲଟିଛି ।କେନ୍ଦୁଝର ଜିଲ୍ଲାର ଅଧିକାଂଶ ଲୁହାପଥର କାରଖାନା, ସ୍ପଞ୍ଜ ଆଇରନ୍ କାରଖାନା, ଖଣି ଖାଦାନ ଯୋଗୁ ବୈତରଣୀ ନଦୀର ଜଳ ବିଷାକ୍ତ ହେବାରେ ଲାଗିଛି ।ବୈତରଣୀର ଉପର ଅବବାହିକାରେ ଅବସ୍ଥିତ କେନ୍ଦୁଝର ଜିଲ୍ଲାର ଶତାଧିକ ଲୁହାପଥର ଓ ମାଙ୍ଗାନିଜ୍ ଖଣି ଏବଂ ଲୁହାପଥର ଭିତ୍ତିକ କାରଖାନା, କ୍ରସର ଯୋଗୁ ବୈତରଣୀ ପ୍ରତି ବିପଦ ଦେଖାଦେଇଛି । ବୈତରଣୀ ପାଣିରେ ଫ୍ଲୋରାଇଡ୍ ପରିମାଣ ଲିଟର ପ୍ରତି ୦.୧୫ ମିଲିଗ୍ରାମରୁ ଅଧିକ ରହୁଥିବାରୁ ଫ୍ଲୋରୋସିସ୍ ରୋଗ ବ୍ୟାପିବାର ସମ୍ଭାବନା ରହିଛି ।ବୈତରଣୀର ଜଳ ବ୍ୟାପକ ଭାବେ ଦୂଷିତ ହେବା ଯୋଗୁ ଜନସାଧାରଣ ସହିତ ଗୃହପାଳିତ ପଶୁପକ୍ଷୀ ପ୍ରଭାବିତ ହେଉଛନ୍ତି। ଲୁହାପଥରଗୁଡିକ କାରଖାନାକୁ ଯିବା ପୂର୍ବରୁ ବିଶୁଦ୍ଧ କରାଯାଇଥାଏ।ଏଥିପାଇଁ ବୈତରଣୀର ଜଳକୁ କାରଖାନା ଗୁଡିକ ବ୍ୟବହାର କରୁଛନ୍ତି। ଏହି ଲୁହାଗୁଣ୍ଡ ଯୁକ୍ତ ଦୂଷିତ ପାଣିକୁ ପୁଣିଥରେ ନଦୀକୁ ଛାଡି ଦିଆଯାଉଛି। ଏହାସହିତ ବିଭିନ୍ନକଳକାରଖାନାର ବର୍ଜ୍ୟବସ୍ତୁ ବୈତରଣୀ ନଦୀକୁସିଧାସଳଖ ଛାଡି ଦିଆଯାଉଛି ବୋଲି ମଧ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହେଉଛି । ଶିଳ୍ପ କାରଖାନା ଓ ଖଣି ଖାଦାନ ଗୁଡିକ ପ୍ରଦୂଷଣକୁ ରୋକିବାରେ ବ୍ୟର୍ଥ ଯୋଗୁ କେନ୍ଦୁଝରବାସୀ ବିପଦକୁ ସାମ୍ନା କରୁଛନ୍ତି । ବୈତରଣୀ ନଦୀକୂଳରେ ବାସ କରୁଥିବା ଲୋକେ ବିଶେଷକରି ଏହି ସମସ୍ୟାକୁ ସାମ୍ନା କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତଥ୍ୟ ଅନୁସାରେ ନିରାପଦ ପାନୀୟ ଜଳର ଗୁଣବତା ଓ ମାନ ୭ରୁ ୮.୫ ମଧରେ ରହିବା ଆବଶ୍ୟକ। ୧ ଲିଟର ପାନୀୟ ଜଳରେ ସର୍ବାଧିକ ୭୫ ମିଲିଗ୍ରାମ କ୍ୟାଲିସିୟମ, ୩୦ ମିଲିଗ୍ରାମ ମ୍ୟାଗ୍ନେସିୟମ, ୨୦୦ ମିଲିଗ୍ରାମ କ୍ଲୋରାଇଡ୍, ୨୦୦ ମିଲିଗ୍ରାମ ସଲଫେଟ୍, ୦.୧ ମିଲିଗ୍ରାମ ଲୌହ, ୦.୦୫ ମିଲିଗ୍ରାମ ସାୟୋନାଇଡ, ୦.୦୦୫ ମିଲିଗ୍ରାମ କ୍ୟାଡମିୟମ୍, ୦.୦୫ ମିଲିଗ୍ରାମ ସୀସା, ୦.୦୦୧ ମିଲିଗ୍ରାମ ଫିନୋଲିକ୍, ୦.୦୫ ମିଲିଗ୍ରାମ ଜିଙ୍କ୍, ୦,୦୫ ମିଲିଗ୍ରାମ ଆର୍ସେନିକ୍ ପାରଦ ରହିଲେ ମଣିଷ ଶରୀର ପାଇଁ କ୍ଷତି ହୋଇନଥାଏ। ଏହି ପରିମାଣ ଠାରୁ ଅଧିକ ଭାଗ ପାରଦ ରହିଲେ ଶରୀର ପାଇଁ କ୍ଷତି ପହଞ୍ଚିଥାଏ। ଶିଳ୍ପସଂସ୍ଥାର ଦାୟିତ୍ୱହୀନତା ଯୋଗୁ କାରଖାନାର ବର୍ଜ୍ୟବସ୍ତୁସିଧାସଳଖ ନଦୀ ଗୁଡିକରେ ଛାଡିବା ଯୋଗୁ ବୈତରଣୀ ଓ ଏହାର ଉପନଦୀ ଗୁଡିକ ପ୍ରଭାବିତ ହେଉଛି । ଫଳରେ ନଦୀର ପ୍ରାକୃତିକ ଜଳଶୋଧନ କ୍ଷମତା ହରାଇ ବସିଛନ୍ତି । ବୈତରଣୀ ନଦୀର ଜଳ ପ୍ରଦୂଷିତ ବୋଲି ପୂର୍ବରୁ ଆମେଷ୍ଟି ଇଣ୍ଟରନ୍ୟାସ୍ନାଲ ନାମକ ଏକ ସଂସ୍ଥା ତାଙ୍କର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛନ୍ତି। ବୈତରଣୀ ନଦୀର ଜଳ ମଣିଷ ଓ ପଶୁପକ୍ଷୀ ବ୍ୟବହାର ନକରିବାକୁ ସେହି ସଂସ୍ଥା ସତର୍କ ମଧ କରି ସାରିଛି। ଏହି ସଂସ୍ଥାର ଗବେଷକମାନେ ବୈତରଣୀ ନଦୀର ଜଳକୁ ପରୀକ୍ଷା ନିରୀକ୍ଷା କରିବା ପରେ ସରକାରଙ୍କୁ ସତର୍କ କରି ସାରିଛନ୍ତି ।କେବଳ ଖଣିଖାଦାନ ଓ ଶିଳ୍ପାୟନ ଯୋଗୁନଦୀର ଜଳ ଦୂଷିତ ହୋଇପଡିଥିବା ସେମାନେ ଦର୍ଶାଇଛନ୍ତିଛ ଯୋଡା, ବଡ଼ବିଲ, ବିଲେଇପଦା,ଦେଓଝର, ପଳାଶପଙ୍ଗା, ନୟାଗଡ଼, ବଲାଣୀ, ବାମେବାରୀ ପ୍ରଭୃତି ଅଞ୍ଚଳରେ ଗଢ଼ି ଉଠିଥିବା କଳକାରଖାନା ଓ ଖଣିଖାଦାନ ଯୋଗୁ ବୈତରଣୀ ନଦୀ ଜଳ ଦୂଷିତ ବୋଲି ଶାହ କମିଶନ ମଧ୍ୟ ତାଙ୍କ ରିପୋର୍ଟରେ ସ୍ପଷ୍ଟ କରିଛନ୍ତି। ଏହାପରେ ମଧ ନଦୀ ଜଳକୁ ସୁରକ୍ଷା ଯୋଗାଇବାରେ ପ୍ରଶାସନ ଅସଫଳ ଯୋଗୁ ବିପଦ ଦେଖାଦେଇଛି । ପରିବେଶ ନିୟମକୁ ଉଲଂଘନ କରି ବୈତରଣୀର ଉଭୟ ପାର୍ଶ୍ୱରେ ଖଣି କାର୍ଯ୍ୟକଳାପକୁ ଚାପରେ ପଡି ଅନୁମତି ଦିଆଯାଉଥିବା ମଧ ଅଭିଯୋଗ ହେଉଛି।ଏ ସମ୍ପର୍କରେ ପ୍ରଦୂଷଣ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। କେନ୍ଦୁଝର ଜିଲ୍ଲାରେ କେତେକ ଶିଳ୍ପ ସଂସ୍ଥା ନିୟମ ଉଲଂଘନ କରି ନଦୀର ଜଳକୁ ଦୂଷିତ କରିଥିବା ଅଭିଯୋଗ ଯାଞ୍ଚ କରାଯାଇଥିଲା। କେତେକ ଶିଳ୍ପସଂସ୍ଥାଙ୍କୁ ଏଥେନେଇ ତାଗିଦ କରାଯିବା ସହିତ ନିୟମ ଅନୁଯାୟୀ ପରିବେଶ ସୁରକ୍ଷା କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ନଦୀ ଜଳକୁ ଖଣି ଓ ଶିଳ୍ପ ସଂସ୍ଥା ଦୂଷିତ କରୁଥିବା ଅଭିଯୋଗଆସିଲେ ଅନୁଧ୍ୟାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦୁଝର ଜିଲ୍ଲାବାସୀ ଦାବି କରିଛନ୍ତି।

## AFFIDAVIT

I, Tilotama Jena, W/o-Bholanath Jena, resident of Vill-Pokharigan, Po-Bagalsahi, Ps- Niali, Dist-Cuttack, Pin-754004 Odisha declare by this affidavit No-105 dtd. 22.4.2025 that my Dob wrongly mentioned as 01/07/1955 in the service record instead of correct Dob 10/02/1958. But now onwards I shall be known as Tilottama Jena for all future purposes and correct Dob is 10/02/1958.

## AFFIDAVIT

I, Bholanath Jena, S/o-Late Bansidhar Jena, resident of Vill-Pokharigan, Po-Bagalsahi, Ps-Niali, Dist-Cuttack, Pin-754004 Odisha declare by this affidavit No-105 dtd. 22.4.2025 that my son Pravat Kumar Jena, Army No. 15422868A, Rank-HAV. His Dob wrongly mentioned as 01/07/1951 in the service record instead of correct Dob. 23/09/1950 which needs to be corrected.

**Sd/- Bholanath Jena**
**Deponent**

## AFFIDAVIT

By virtue of an affidavit sworn before Executive Magistrate, Barpali, dated 17/04/2025, I, Sumitra Dash, address: at-Jhupudi pada, Railway Station, P.O/PS- Barpali, Dist.-Bargarh, Odisha- 768029 declare that, I have changed my name from **BUI DASH** to **SUMITRA DASH**. Henceforth I shall be known as **SUMITRA DASH** for all purposes.

**Sd/- Sumitra Dash**

## AFFIDAVIT

I PRADYUMN KUMAR SAHOO, S/O-PITAMBAR SAHOO, PLOT NO-774/775, LANE-3,JAYADEV VIHAR, BHUBANESWAR-751013, ODISHA DECLARE BY THIS AFFIDAVIT NO-3150, dt 23.04.2025 THAT NOW ONWARDS I SHALL BE KNOWN AS **PRADYUMNA KUMAR SAHOO** FOR ALL FUTURE PURPOSES.

## AFFIDAVIT

I, Sarikarani Jena, W/o-Banesh Kumar Jena resident of At-Flat No G.-301, Utkal Vatika, Jharpada, PS- Laxmi sagar, Bhubaneswar Pin- 751006, Odisha declare by this affidavit dated-23/04/2025 that now onwards I shall be known as Sarika Jena for all future purposes.

## NOTICE

By virtue of an affidavit sworn before the Executive Magistrate, Bhubaneswar, CF No.: 10, dated 22/04/2025, I, HARAPRASAD MISRA, resident of 526/1177, Pokhariput, P.S.: Airport, Bhubaneswar, Dist.: Khorda, Odisha, PIN-751020 have changed my name from HARA PRASAD MISHRA to **HARAPRASAD MISRA.** Henceforth I shall be known as HARAPRASAD MISRA for all purposes.

**Haraprasad Misra**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-208 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ର ସଂଖ୍ୟା ୬୫ **ବିଜ୍ଞାପନ** ତା : ୧୧.୪.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ସ୍ୱର୍ଗୀୟା ନୀଳିମା ବରାଳ, ସ୍ୱାମୀ- ସ୍ୱର୍ଗତ ଶ୍ରୀଚରଣ ବରାଳ, ସା/ପୋ- ଗମ୍ଭାରୀମୁଣ୍ଡା, ଥା- ବାଣପୁର, ଜିଲ୍ଲା - ପୁରୀ | ଗୃହ ନଂ-ଭି.ଆଇ.ଏମ-୧୪୯ (VIM-149) ଚନ୍ଦ୍ରଶେଖରପୁର, ଷଷ୍ଠ ପର୍ଯ୍ୟାୟ, ଭୁବନେଶ୍ୱର ଜିଲ୍ଲା-ଖୋର୍ଦ୍ଧା। | ୧. ଧ୍ରୁବଜ୍ୟୋତି ବରାଳ (ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0578/2526

## AFFIDAVIT

I, Nila Dharua, Aged (40), W/o-Mohana Dharua, Resident of Village- Kaudiapali, Po- R.Badmal, Ps- Charmal, Dist- Sambalpur. Declare that this affidavit no. 1075, dated. 19.04.2025. I have changed my son's name from Uttam Dharus, S/o- Mohana Dharus & Nila Dharus to Uttam Dharua, S/o- Mohana Dharua & Nila Dharua. Henceforth, I shall be known as Uttam Dharua, S/o- Mohana Dharua & Nila Dharua for all purposes.

**Sd/- Nila Dharua**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ପାକିସ୍ତାନୀଙ୍କୁ...

ଅଧ୍ୟକ୍ଷତାରେ ସୂଚନା ମିଳିଛି । ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଭାରତଛାଡି ଚାଲିଯିବାକୁ ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟା ମହଲତ ଦିଆଯାଇଛି । ସାଉଦିଆରବ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ତାଙ୍କ ଗସ୍ତ କାର୍ଯ୍ୟକୁ କାଣ୍ଟଛାଣ୍ଟ କରି ଆଜି ଭାରତ ଫେରି ଆସିଥିଲେ । ତାଙ୍କ ବାସଭବନରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରୁଥିବା ବେଳେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସୌରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବୈଦେଶିକ ବ୍ୟାପାରମନ୍ତ୍ରୀ ଏସ୍ ଜୟଶଙ୍କର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ୩ ସେନା ମୁଖ୍ୟ, କ୍ୟାବିନେଟ ସଚିବ, ପ୍ରତିରକ୍ଷା ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ସେମାନଙ୍କୁ ...

ଷଡଯନ୍ତ୍ର କରିଛନ୍ତି ଆମେ ସେମାନଙ୍କ ନିକଟରେ ଖୁବ ଶୀଘ୍ର ପହଞ୍ଚିବୁ । ଭାରତ ଆତଙ୍କବାଦୀଙ୍କ କ୍ଷେତ୍ରରେ ଶୂନ ସହନଶୀଳତା ନୀତି ଗ୍ରହଣ କରିଛି । ଆତଙ୍କବାଦୀର ମୁକାବିଲା ପାଇଁ ଆମେ ସମସ୍ତେ ଏକାଠି । ଆମେ ସମସ୍ତ ପଦକ୍ଷେପ ନେବୁ । ଶ୍ରୀ ସିଂହ ମଧ୍ୟ ଜମ୍ମୁ-କାଶ୍ମୀର ସ୍ଥିତି ଉପରେ ଆଲୋଚନା କରିଛନ୍ତି । ରିପୋର୍ଟ ଅନୁଯାୟୀ ଅଢ଼େଇ ଘଣ୍ଟା ଧରି ବୈଠକ ଚାଲିଥିଲା । ଏଥିରେ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡ଼ୋଭାଲ, ଡିଫେନ୍ସ ଷ୍ଟାଫ୍ ମୁଖ୍ୟ ଜେନେରାଲ ଅନୀଲ ଚୌହାନ, ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡମିରାଲ ଦିନେଶ କୁମାର ତ୍ରିପାଠୀ, ବାୟୁସେନା ମୁଖ୍ୟ ମାର୍ସଲ ଏକେ ସିଂ ଉପସ୍ଥିତ ଥିଲେ । ବୈଠକରେ ଶ୍ରୀ ସିଂ ୩ ସେନା ବାହିନୀକୁ ପ୍ରସ୍ତୁତ ରହିବ ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ଆଭ୍ୟନ୍ତରୀଣ ଉପତ୍ୟାକାରେ ଆତଙ୍କ ବିରୋଧୀ ଅପରେସନ୍ ଜାରି ରଖିବାକୁ କହିଥିଲେ । ଜମ୍ମୁ-କାଶ୍ମୀରର ସୁରକ୍ଷାକୁ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା ।

## କ୍ୟାବିନେଟ୍‌ରେ...

କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଓଡ଼ିଶା ଅବକାର ଅଧିନିୟମ ୨୦୦୮ର ଧାରାକୁ ସଂଶୋଧନ କରାଯାଇଛି । ଏଣିକି ଏକସ୍ଥା ଆୱାର ଅପରେସନ୍ ଫି କୁ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବିଓରି ୟୁନିଟ୍ ଗୁଡିକ ନିମନ୍ତେ ଛାଡ କରିବାକୁ ନିଷ୍ପତ୍ତି ହୋଇଛି । ଓଡ଼ିଶା କନେଷ୍ଟବଳ କ୍ୟାଡରକୁ ବିଭାଗୀୟସ୍ତରକୁ ଜିଲ୍ଲାସ୍ତରରେ ପରିବର୍ତ୍ତନ କରିବା ପାଇଁ ସଂଶୋଧିତ ନିୟମକୁ କ୍ୟାବିନେଟ୍ ଅନୁମୋଦନ କରାଯାଇଛି ।

## ପ୍ରଶାନ୍ତଙ୍କ...

ତାଙ୍କର ମୃତ ଶରୀରଏକ ସ୍ୱତନ୍ତ୍ର ବିମାନରେ ରାତିରେ ଭୁବନେଶ୍ୱରର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ଅଛି । ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ସେଠାରେ ପହଞ୍ଚି ଶବକୁ ବାଲେଶ୍ୱର ପଠାଇବାର ବ୍ୟବସ୍ଥା କରିବେ । ବାଲେଶ୍ୱର ପ୍ରଶାସନ ତରଫରୁ କେତେଜଣ ପ୍ରଶାସନିକ ଅଧିକାରୀଙ୍କୁ ଭୁବନେଶ୍ୱର ପଠାଯାଇଛି । ଆସନ୍ତା କାଲି ପ୍ରଶାନ୍ତଙ୍କ ମରଶରୀରକୁ ତାଙ୍କ ନିଜ ଗ୍ରାମ ଇଶାଣୀ ଠାରେ ଅନ୍ତିମ ସତ୍କାର କରାଯିବ । ବୁଧବାର ସଦର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ସାଂସଦ ଇଂ ରବିନ୍ଦ୍ର କୁମାର ଜେନା, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ନାରୀନେତ୍ରୀ ବିଦ୍ୟୁସ୍ମିତା ମହାଲିକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ପ୍ରଶାନ୍ତଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ବୁଧବାର ସନ୍ଧ୍ୟାରେ ଇଶାଣୀ ଗ୍ରାମବାସୀଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭଯାତ୍ରା ବାହାରି ଗ୍ରାମପରିକ୍ରମା କରିବା ସହ ସ୍ୱର୍ଗତଃ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଆସନ୍ତା କାଲି ଗୁରୁବାର ମୁଖ୍ୟମନ୍ତ୍ରୀ ମହନଚରଣ ମାଝୀ ଇଶାଣୀ ଗ୍ରାମରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ବୋଲି ଖବର ମିଳିଛି। ସେଥିପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ହେଲିପ୍ୟାଡ ନିର୍ମାଣ ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ପ୍ରଶାନ୍ତଙ୍କ ଭାଇ ସୁଶାନ୍ତଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ସମବେଦନା ଜଣାଇଛନ୍ତି । ସେହିଭଳି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ ପ୍ରଶାନ୍ତଙ୍କ ବଡ଼ ଭାଇଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ସମବେଦନା ଜଣାଇଛନ୍ତି ।

## ଆଉ...

ପାଇଁ ପାଗ ଅନୁକୂଳ ହୁଏ । ଉଦାହରଣ ମରୁଭୂମି ଅଞ୍ଚଳରେ ରାତିରେ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇବା ସହିତ ଦିନ ବେଳେ ଉଚ୍ଚ ତାପମାତ୍ରା ରେକର୍ଡ ହେବ । ୨୪ ରେ ଝାରସୁଗୁଡ଼ା ଜିଲ୍ଲା ପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି । ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ବରଗଡ଼ ଜିଲ୍ଲା ପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ସେହିପରି ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ରାତ୍ରିରେ ଉଷ୍ମ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଅଧିକ । କଳାହାଣ୍ଡି, ନୂଆପଡ଼ା, ଦେବଗଡ଼, ଅନୁଗୁଳ ଜିଲ୍ଲାଗୁଡ଼ିକରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ଅଧିକ । ବାଲେଶ୍ୱର, ଭଦ୍ରକ , ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲା ଉପରେ ଏକ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଆର୍ଦ୍ର ଅବସ୍ଥା ଅଧିକ ହେବାର ସମ୍ଭାବନା ରହିଛି ।

୨୫ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, ଅନୁଗୁଳ, ଦେଓଗଡ଼ ଜିଲ୍ଲାଗୁଡ଼ିକରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ହେବା ସହିତ ୟେଲୋ ୱାର୍ଣ୍ଣିଂ ଲାଗି ସର୍ତକ ସୂଚନା ଦିଆଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଆର୍ଦ୍ର ଅବସ୍ଥା ଅଧିକ ହେବାର ସମ୍ଭାବନା ରହିଛି ।

## ଅଂଶୁଘାତରେ...

ସମୟରେ, ଲୋକମାନଙ୍କୁ ଛତା ନେବାକୁ, ହାଲୁକା ପୋଷାକ ପିନ୍ଧିବାକୁ ଏବଂ ପାଣି ନେବାକୁ ପରାମର୍ଶ ଦିଆଯାଇଛି ।

ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ରାଜ୍ୟର ସମସ୍ତ ସ୍କୁଲକୁ ପୂର୍ବରୁ ବନ୍ଦ କରିଦିଆଯାଇଛି । ଅଂଶୁଘାତର ଲକ୍ଷଣ ଏବଂ ପ୍ରତିରୋଧ ବିଷୟରେ ନାଗରିକମାନଙ୍କୁ ସଚେତନ କରିବା ପାଇଁ ଜନସଚେତନତା ଅଭିଯାନ ଜାରି ରହିଛି । ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ପ୍ରସ୍ତୁତିକୁ ବୃଦ୍ଧି କରିଛି । ବିଭିନ୍ନସ୍ତରରେ ଚିକିତ୍ସା ସୁବିଧାରେ ସ୍ୱତନ୍ତ୍ର ଗରମ ଚିକିତ୍ସା ଶଯ୍ୟାର ବ୍ୟବସ୍ଥା କରାଯାଇଛି ।

ପରିସ୍ଥିତି ନିୟନ୍ତ୍ରଣରେ ଥିବା ବେଳେ ଜନସାଧାରଣଙ୍କ ସହଯୋଗ ଏବଂ ସତର୍କତା ଅତ୍ୟନ୍ତ ଜରୁରୀ । ଆମେ ପ୍ରସ୍ତୁତ, କିନ୍ତୁ ଗମ୍ଭୀର ସ୍ୱାସ୍ଥ୍ୟ ପରିଣାମକୁ ଏଡାଇବା ପାଇଁ ଲୋକମାନେ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ଉଚିତ । ଆଗାମୀ ଦିନରେ ତାପମାତ୍ରା ଅଧିକ ରହିବାର ସମ୍ଭାବନା ଥିବାରୁ ଓଡ଼ିଶା ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି ଏବଂ ଆବଶ୍ୟକ ହେଲେ ଅତିରିକ୍ତ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

# ପ୍ରଗତିଶୀଳ ନାଗରିକ ମଞ୍ଚର ଶିକ୍ଷକ ସନିଆ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,(ସବ୍ୟୁ) :ନରହରିପୁର ମୁନି ପଡିଆ ଲାକବଦ୍ରା ପ୍ରତିମୂର୍ତ୍ତୀ ଠାରେ ପ୍ରଗତିଶୀଳ ନାଗରିକ ମଞ୍ଚ ତରଫରୁ ଶିକ୍ଷକ ସନିଆ ସିଂଙ୍କର ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷକ ବ୍ରଜ ବିନ୍ଧାଣି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ସନିଆ ସିଂ ପେଷାରେ ଶିକ୍ଷକ, କିନ୍ତୁ ନିଶାରେ ସମାଜସେବୀ । ସେ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସହଧର୍ମଣୀଙ୍କୁ ସିପିଆଇଏମ୍ ପାର୍ଟିରେ ୩୭ନଂ ଜିଲ୍ଲାପରିଷଦରେ ନିର୍ବାଚିତ କରାଇଥିଲେ । ସନିଆ ସିଂ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ରହି କାର୍ଯ୍ୟ କରିବା ସହ ହୋ ସମାଜର ବିକାଶ କାର୍ଯ୍ୟକୁ ଆଗକୁ ନେଇ ହୋ ଭାଷାର ଲିପିକୁ ଶିକ୍ଷାବିଭାଗର ମାନ୍ୟତା ଦେବା ପାଇଁ ଉଦ୍ୟମ ଜାରି ରଖିଥିଲେ। ଏଥିରେ ସିପିଆଇଏମ୍ ଜିଲ୍ଲା ସଂପାଦକ ଶିଶିର ହୁଇ, ସିପିଆଇଏମ୍ ରାଜ୍ୟକମିଟି ସଭ୍ୟ ନିର୍ମଳ ନାୟକ, ଅନିରୁଦ୍ଧ ଲେଙ୍କା,ଦେବବ୍ରତ ମାଝୀ, ପ୍ରେମ ରଂଜନ ପାତ୍ର, ଷ୍ଟାଲିନ ମିଶ୍ର, କାଉନସିଲର କୁନ୍ତଳା ତରେଇ, ଦୁଷ୍ମନ୍ତ ଦାସ,ଶିକ୍ଷକ ସର୍ବଶ୍ରୀ ରମେଶ ଖଣ୍ଡା, ସୁଶାନ୍ତ ଶେଖର ଦାସ, ହରିଶ ଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ,ବୀର ସିଂ, ରଣଜିତ୍ ସିଂ, ସୋମନାଥ ସିଂ, ପରମେଶ୍ୱର ସିଂ, ସୁନାରାମ ସିଂ, ସୁଶାନ୍ତ ସିଂ, ସୁନିର୍ମଳ ନାୟକ, ରସାନନ୍ଦ ସିଂ, ରମେଶ ସିଂ, ଅଲିଫ ସିଂ,ଅରବିନ୍ଦ ମହାନ୍ତି, ରଣଜିତ ପୋଥାଳ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶେଷରେ ସନିଆ ସିଂଙ୍କ ଝିଅ ସନ୍ଧ୍ୟାରାଣୀ ସିଂ ଧନ୍ୟବାଦ ଦେଇଥିଲେ।

# ପହେଲଗାମରେ ପର୍ଯ୍ୟଟକଙ୍କୁ ଗଣ ହତ୍ୟା ନିନ୍ଦନୀୟ : ଓୟୁଜେ

ବାଲେଶ୍ୱର ,(ସବ୍ୟୁ) : ଜମ୍ମୁକାଶ୍ମୀରର ପହେଲଗାମରେ ପର୍ଯ୍ୟଟକମାନଙ୍କୁ ଆତଙ୍କବାଦୀଙ୍କ ଆଖିବୁଜା ଗୁଳିଚାଳନା ସମଗ୍ର ବିଶ୍ୱକୁ ହତ ଚକିତ ଓ ସ୍ତମ୍ଭିଭୂତ କରିଦେଇଛି।ଏହି ସୁପରିକଳ୍ପିତ ନରସଂହାରରେ ଆମ ଦେଶର ବିଭିନ୍ନ ରାଜ୍ୟରୁ ଯାଇଥିବା ପର୍ଯ୍ୟଟକଙ୍କ ସମେତ ବିଦେଶୀ ପର୍ଯ୍ୟଟକ ମୃତାହତ ହୋଇଛନ୍ତି। ଆମ ବାଲେଶ୍ୱର ଜିଲ୍ଲା ର ସାରଗାଁ ପଞ୍ଚାୟତର ଇଶାଣି ଗ୍ରାମର ପ୍ରଶାନ୍ତ କୁମାର ଶତପଥୀ ପତ୍ନୀ ଓ ପୁଅ ସହ ପହେଲଗାମ ବୁଲିବାକୁ ଯାଇଥିଲେ। ଗତକାଲି ସକାଳେ ଆନନ୍ଦ ର ସହ ସେମାନେ ବୁଲିବା ସହିତ ଅପରାହ୍ନ ରେ ପତ୍ନୀ ଓ ପୁଅଙ୍କ ସାମ୍ନାରେ ଆତଙ୍କବାଦୀ ମାନେ ପ୍ରଶାନ୍ତଙ୍କ ସମେତ ଅନ୍ୟ ପର୍ଯ୍ୟଟକଙ୍କୁ ଗୁଳି କରିବା ଭିଡିଓ ର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଓ ମର୍ମସ୍ପର୍ଶୀ। ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ସମସ୍ତ ସଦସ୍ୟ ପହେଲଗାମରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକ ଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ଜଗନ୍ନାଥ ମହାପ୍ରଭୁ ଶକ୍ତି ସାମର୍ଥ୍ୟ ଦିଅନ୍ତୁ ବୋଲି ପ୍ରାର୍ଥନା କରିଛନ୍ତି। ଆତଙ୍କବାଦୀଙ୍କ ଏହି ବର୍ବୋରୋଚିତ ନରସଂହାରକୁ ସମଗ୍ର ଦେଶବାସୀଙ୍କ ସହ ଓୟୁଜେ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ଆତଙ୍କବାଦୀ ଆକ୍ରମଣ ପୁଲଓମାର ବୀରଯବାନଙ୍କୁ କରାଯାଇଥିବା ଆକ୍ରମଣ ସ୍ମୃତିକୁ ମାନସ ପଟରେ ପୁଣି ଉଦ୍‌ଜୀବିତ କରୁଛି। ସେ ଦିନର ବୀର ଯବାନଙ୍କ ସହିଦ ହେବା ଠାରୁ ଏହା କିଛି କମ ନୁହେଁ ବୋଲି ଓୟୁଜେ ପକ୍ଷରୁ ଏକ ପ୍ରେସ ବିବୃତ୍ତି ରେ କୁହାଯାଇଛି। କେନ୍ଦ୍ର ସରକାର ଗୋଇନ୍ଦା ସଂସ୍ଥାକୁ ଅଧିକ ସକ୍ରିୟ,ଉତ୍ତରଦାୟୀ ଓ କ୍ରିୟାଶୀଳ କରିବା ସହିତ ଏହି ଘଟଣାରେ ସଂପୃକ୍ତ ସଂସ୍ଥା ବା ସଂଗଠନ ବିରୁଦ୍ଧରେ ଅତି କଠୋର ଓ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓୟୁଜେ ପକ୍ଷରୁ ଦାବି କରାଯାଇଛିବୋଲି ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଜଣାଇଛନ୍ତି।

# ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା

ଭୁବନେଶ୍ୱର, (ସବ୍ୟୁ): ମାଷ୍ଟରକ୍ୟାଣ୍ଟିନ ଛକରେ ପହଲଗାମ ଆତଙ୍କୀ ହମଲାକୁ ଯୁବଛାତ୍ରମାନଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ମୃତକ ପର୍ଯ୍ୟଟକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଜାତୀୟ ଯୁବ ପ୍ରକଳ୍ପ ଓ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ମିଳିତ ଆୟୋଜିତ କାର୍ଯ୍ୟକ୍ରମରେ କାଶ୍ମୀର ପହଲଗାମ ଅତିଥି ପର୍ଯ୍ୟଟକଙ୍କ ରକ୍ତ, କଦାପି ହେବନାହିଁ ବ୍ୟର୍ଥ ଓ ଭାରତୀୟ ସେନାବାହିନୀ ର ଜୟ ଧ୍ୱନି ଗଗନ ପବନ ମୁଖରିତ କରିଥିଲା । ଜାତି ଧର୍ମ ଅଂଚଳ ଭାଷା ରାଜନୀତି ନିର୍ବିଶେଷରେ ୧୪୦ କୋଟି ଦେଶବାସୀ ଭାରତ ସରକାର ଓ ଭାରତୀୟ ସେନାବାହିନୀର ଆତଙ୍କ ବାଦକୁ ସମୂଳେ ନିପାତ କାର୍ଯ୍ୟକ୍ରମକୁ ଅନ୍ତରରେ ସମର୍ଥନ କରନ୍ତି ବୋଲି ବକ୍ତା ମାନେ କହିଥିଲେ । କେବଳ ୨୬ ଜଣ ଙ୍କ ମୃତ୍ୟୁ ନୁହେଁ ବା ପର୍ଯ୍ୟଟକ ଙ୍କ ଉପରେ ଆକ୍ରମଣ ନୁହେଁ ଏ ହେଉଛି ଭାରତବର୍ଷ ଉପରେ ଆକ୍ରମଣ ବୋଲି କହିଥିଲେ । ଆତଙ୍କବାଦୀଙ୍କ ଏହା କାପୁରୁଷତା ବୋଲି କହିଥିଲେ । କାର୍ଯ୍ୟକ୍ରମରେ ମଧୁଭାଇ, କିଶୋର ସ୍ୱାଇଁ, ବିକାଶ ମଲ୍ଲିକ, ସୂର୍ଯ୍ୟକାନ୍ତ ସେଠୀ, ସ୍ୱର୍ଣ୍ଣଲତା ଜେନା, ତ୍ରିଲୋଚନ ମହାନ୍ତ, କଣ୍ଠ ଶିଳ୍ପୀ ଶୁଭଶ୍ରୀ ମିଶ୍ର, ସୁପ୍ରିୟା ମହାପାତ୍ର, ମାନସୀ ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତି, ମନସ୍ମୃତି ମହାପାତ୍ର, ପୁଷ୍ପାଞ୍ଜଳି ମିଶ୍ର, ଶରତ ଭୂୟାଁ, ହରପ୍ରସାଦ ମହାପାତ୍ର, ସତ୍ୟ ଜେନା, ହରିଶଙ୍କର ଗୌଡ, ଚନ୍ଦ୍ରକାନ୍ତ ପହନ୍ତ ସିଂହ, ଅନୀଲ ଧୀର, ସିଦ୍ଧାର୍ଥ ଦାସ ଓ ଦେବୀପ୍ରସାଦ ପୃଷ୍ଟି ଙ୍କ ସମେତ ଶତାଧିକ ଯୁବ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପ୍ରାରମ୍ଭ ରେ ହମଲ ରେ ପ୍ରାଣ ହରାଇଥିବା ସମସ୍ତ ଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

## GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION-II, BHADRAK

ee_rwbdk2@yahoo.co.in
"e" Procurement Notice for Building Works
O-78
Identification Online Tender 1/RWD/BDK-II/2025-26 Dtd. 22.04.2025

1. Name of the Work : Building Works as per Annexure
2. Total Number of Works : 5 Nos
3. Approximate Estimated Cost : Rs . 12.53 lakhs - Rs. 24.41 lakhs
4. Class of Contractor : As Per Annexure
5. Period of Completion : As Per Annexure
6. Other details : The details are as follows.

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of seeking tender clarification | Date & Time of opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Bhadrak | 1 | 06.05.2025 at 11.30 A.M. | 16.05.2025 up to 5.00 P.M. | 16.05.2025 up to 3.00 P.M. | 17.05.2025 at 11.30 A.M. |

7. Further details can be seen from the e-procurement portal "**https:// www.tendersorissa.gov.in**"
8. Any other changes / Corrigendum may be seen only in website **www.tendersorissa.gov.in**
9. DATE OF TRANSPARENT LOTTERY' TO BE CONDUCTED ON **DT 29.05.2025 at 11.30 AM** IN THE OFFICE OF THE SUPERINTENDING ENGINEER, RURAL WORKS DIVISION -II, BHADRAK.

OIPR : 25090/11/0018/2526

**Executive Engineer**
**R.W. Division-II, Bhadrak**

## NOTIFIED AREA COUNCIL

BELLAGUNTHA-761119 (GANJAM)
Phone No. 06821-258244
Sri Banamali Satapathy, OAS
Executive Officer

## ବିଜ୍ଞାପିତ ଅଞ୍ଚଳ ପରିଷଦ

ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ ୦୬୮୨୧-୨୫୮୨୪୪
ଶ୍ରୀ ବନମାଳି ଶତପଥି (ଓ.ପ୍ର.ସେ).
କାର୍ଯ୍ୟ ନିର୍ବାହୀ ଅଧିକାରୀ

E-mail ID : eonacbellaguntha@gmail.com

C-148 ପତ୍ର ସଂ. : ୫୧୨ ତାରିଖ : ୨୨.୦୪.୨୦୨୫

**ବିଜ୍ଞାପନ**

ଏତଦ୍ୱାରା ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନସ୍ଥ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପରିଷଦ ଅଧୀନସ୍ଥ ନିମ୍ନ ପ୍ରଦର୍ଶିତ ଉତ୍ସର ୨୦୨୫-୨୬ ବର୍ଷ ପାଇଁ ପରିଷଦ ସର୍ତ୍ତାବଳୀ ଅନୁଯାୟୀ (ତା. ୦୧.୦୫.୨୦୨୫ ଠାରୁ ୩୦.୦୪.୨୦୨୬ ପର୍ଯ୍ୟନ୍ତ) ଜଉମୁଦ ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ । ଏଥିପାଇଁ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଠାରେ ତା. ୨୧.୦୪.୨୦୨୫ ରିଖ ଠାରୁ ତା. ୨୮.୦୪.୨୦୨୫ ରିଖ (ଛୁଟିଦିନ ବ୍ୟତୀତ) କାର୍ଯ୍ୟାଳୟ ସମୟ ମଧରେ ନିର୍ଦ୍ଧାରିତ ଫର୍ମ ନିମ୍ନ ଦର୍ଶିତ ଟଙ୍କା ବିନିମୟରେ ବିକ୍ରି କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନ ଦର୍ଶିତ ଫେରସ୍ତ ନ ଦିଆଯିବା ଟଙ୍କା ବିନିମୟରେ କ୍ରୟ ଲଭିବେ ଓ ତା. ୨୮.୦୪.୨୦୨୫ ରିଖ ଅପରାହ୍ନ ୦୩.୦୦ ଘ. ସମୟ ମଧରେ ଏନ.ଏ.ସି. କାର୍ଯ୍ୟାଳୟରୁ ବକେୟା ନଥିବା ପ୍ରାପ୍ତ ପ୍ରମାଣ ପତ୍ର ସହ ଆବେଦନ କରିବେ । ପ୍ରାପ୍ତ ଜଉମୁଦ ଦିଆ ଟେଣ୍ଡର ଦରଖାସ୍ତ ଗୁଡିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ନିମ୍ନ ସ୍ୱାକ୍ଷରକାରୀଙ୍କ ଉପସ୍ଥିତିରେ ତା. ୨୮.୦୪.୨୦୨୫ ରିଖ ଅପରାହ୍ନ ଘ. ୦୪.୦୦ ମି ସମୟରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଅଗ୍ରାଧିକାର ଦିଆଯିବ । ଚୟନ ହେବାର ୧୦ ଦିନ ମଧରେ ନିଲାମ ରାଶିର ସମସ୍ତ ଟଙ୍କା ପରିଷଦରେ ପୈଠ ଦେବେ । ନଚେତ୍ ଆପଣଙ୍କ ଅମାନତ ରାଶି ବାଜ୍ୟାପ୍ତ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ମୂଲ୍ୟ ଟେଣ୍ଡର ଦରଖାସ୍ତକୁ ଗ୍ରହଣ କରାଯିବ । ପ୍ରକାଶିତ ବିଜ୍ଞାପନକୁ ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ କାରଣ ନ ଦର୍ଶାଇ ଆବଶ୍ୟକୀୟ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରିବେ ।

| କ୍ର.ନଂ. | ନିଲାମ ଉତ୍ସଗୁଡିକର ନାମ | ଟେଣ୍ଡର ଦରଖାସ୍ତ ଫର୍ମରମୂଲ୍ୟ (ଫେରସ୍ତ ଦିଆଯିବ ନାହିଁ) ଟଙ୍କାରେ | ଉତ୍ସର ସରକାରୀ ମୂଲ୍ୟ ଟଙ୍କାରେ (ମାସିକ) | ଅମାନତ ରାଶି ଯାହା ବ୍ୟାଙ୍କ ଡ୍ରାଫ୍ଟ କରିଦେବେ ଟଙ୍କାରେ |
|---|---|---|---|---|
| ୦୧ | **C & D Waste** ପ୍ରକ୍ରିୟାକରଣ କେନ୍ଦ୍ରର କାର୍ଯ୍ୟକାରିତା ଓ ପରିଚାଳନା | ୧୦୦୦/- | ୨୦,୦୦୦/- | ୫,୦୦,୦୦୦/- |

OIPR : 13113/11/0025/2526

ସ୍ୱା/- ନିର୍ବାହୀ ଅଧିକାରୀ
ଏନ.ଏ.ସି. ବେଲଗୁଣ୍ଠା

## GOVERNMENT OF ODISHA PANCHAYATIRAJ & D.W. DEPARTMENT OFFICE OF THE PANCHAYAT SAMITI, TIRTOL

'e' mail ID : nri-tirtol@nic.in

i-41

'e' Procurement Notice No.BDO-TPS-02 of 2025-26

| | | |
|---|---|---|
| 1 | Number of the works | 08 (eight) Nos. |
| 2 | Tender Amount (Approx.) | Rs.21.77 Lakh to 11.44 lakh |
| 3 | EMD (online) | Rs.21,800.00 to Rs.11,500.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D" & "C" and "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | 'e' Procurement Notice No. | Availability of Tender From | To | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| BLOCK DEVELOPMENT OFFICER, TIRTOL | BDO-TPS-01/ 2025-26 | 24.04.2025 at 10.00 Hours | 06.05.2025 at 17.30 Hours | 01.05.2025 upto 1.00 P.M. during office hours on working days | 07.05.2025 upto 11.00 AM during office hours | O/o the Panchayat Samiti, Tirtol |

Further details can be seen from the Govt. website **"https://tendersodisha.gov.in.**

All corrigendum / cancellation of tender if any, will only be uploaded in the above website.

OIPR : 19283/11/0004/2526

Sd/- BLOCK DEVELOPMENT OFFICER, TIRTOL

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ବୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା

# ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ପାଇଁ ପିସିସି ପକ୍ଷରୁ ଶୋକ

ଭୁବନେଶ୍ୱର (ସବ୍ୟୁ): ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ନବ ଗଠିତ ରାଜନୈତିକ ବ୍ୟାପାର କମିଟିର ପ୍ରଥମ ବୈଠକକୁ ସ୍ଥଗିତ ରଖାଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଭାପତିତ୍ୱରେ କେବଳ ଶୋକ ପ୍ରସ୍ତାବ ଆଗତ କରାଯାଇ ଆଜିର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

ଉକ୍ତ ଶୋକପ୍ରସ୍ତାବକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଆଗତ କରିଥିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏହାକୁ ସମର୍ଥନ କରିଥିଲେ । ମଙ୍ଗଳବାର ଜାମ୍ମୁ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ଯେଉଁଭଳି ଭାବରେ ନିରୀହ ପର୍ଯ୍ୟଟକମାନଙ୍କୁ ବର୍ବୋରଚିତ ହତ୍ୟା କରାଗଲା ତାହା ଦୁର୍ଭଗ୍ୟଜନକ । ଏହା ସାଧାରଣ ହତ୍ୟାକାଣ୍ଡ ନୁହେଁ ଦେଶର ସୁରକ୍ଷାପ୍ରତି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଭାରତ ପକ୍ଷରୁ ଏହାର କଡା ଜବାବ ଦେବା ନିହାତି ଆବଶ୍ୟକ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆତଙ୍କବାଦୀ ଆକ୍ରମଣରେ ଅକାଳରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ଶାନ୍ତି ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ




କରାଯିବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ । ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ପିସିସି ସହପ୍ରଭାରୀ ରୋଜାଲିନ ତିର୍କୀ ଓ ଶାହନୱାଜ ଚୌଧୁରୀ, ନଗେନ୍ଦ୍ର ପ୍ରଧାନ, ଜଗନ୍ନାଥ ପଟ୍ଟନାୟକ, ଅମର ନାଥ ପ୍ରଧାନ, ସୁଶିଳା ତିରିଆ, ରାମଚନ୍ଦ୍ର ଖୁଂଟିଆ, ଶରତ ରାଉତ, ତାରାପ୍ରସାଦ ବାହିନୀପତି, ସି.ଏସ. ରାଜନ ଏକ୍କା, ମହମ୍ମଦ ମୋକିମ, ବିଶ୍ୱରଞ୍ଜନ ମହାନ୍ତି, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମିନାକ୍ଷୀ ବାହିନୀପତି, ସସ୍ମିତା ବେହେରା, ରଣଜିତ ପାତ୍ର, ଉଦିତ ପ୍ରଧାନ ଙ୍କ ସମେତ କଂଗ୍ରେସ ଦଳର ଅନେକ ବରିଷ୍ଠ ନେତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ହତ୍ୟା ମାମଲାରେ ଆଜୀବନ ସଶ୍ରମ କାରାଦଣ୍ଡ

ନୟାଗଡ଼,(ସବ୍ୟୁ): ନୟାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରିଜା ରାୟ ଏକ ହତ୍ୟା ମାମଲା ର ଶୁଣାଣି କରି ଖଣ୍ଡପଡ଼ା ଥାନା ରୟତଢ଼ୋଲମରା ଗାଁର ଆସାମୀ କୁଳମଣି ସ୍ୱାଇଁଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି। ହତ୍ୟା ମାମଲାର ସାକ୍ଷୀ ଓ ପ୍ରମାଣ ଆଧାରରେ କୁଳମଣି ଦୋଷୀ ସାବ୍ୟସ୍ତ ହେବା ପରେ ଅଦାଲତ ଉକ୍ତ ରାୟ ଶୁଣାଇଛନ୍ତି।

ପ୍ରାପ୍ତସୂଚନା ଅନୁଯାୟୀ ୨୦୧୯ ମସିହା ମେ' ମାସ ୧୬ ତାରିଖ ଦିନ ରୟତଢ଼ୋଲମରା ଗାଁର ସୁଶାନ୍ତ ବେହେରା (ପୂର୍ବତନ ସରପଞ୍ଚ ) ଙ୍କୁ ସେହି ଗାଁର କୁଳମଣି ସ୍ୱାଇଁ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଥିବା ମୃତକ ସୁଶାନ୍ତଙ୍କ ପତ୍ନୀ ଟିକିନା ବେହେରା ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଖଣ୍ଡପଡ଼ା ପୋଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ରିପୋର୍ଟ ଅଦାଲତରେ ଦାଖଲ କରିଥିଲା। ନୟାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ଉକ୍ତ ମାମଲାର ବିଚାର ଚାଲିଥିଲା। ଏଥିରେ ସମସ୍ତ ସାକ୍ଷୀ ଓ ପ୍ରମାଣ ଆଧାରରେ କୁଳମଣି ଦୋଷୀ ସାବ୍ୟସ୍ତ ହୋଇଥିଲେ। ୩୦୨ ଧାରାରେ ଆସାମୀ କୁଳମଣି ସ୍ୱାଇଁଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ ରିଜା ରାୟ ଆଜୀବନ ସଶ୍ରମ କାରାବାସ ସହିତ ୧୦ ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ବୁଧବାର ଦିନ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅମିୟ ପଟ୍ଟନାୟକ ଓ ସ୍ୱଦେଶ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ପହଲଗାମ ଆତଙ୍କବାଦୀ ଆକ୍ରମଣ

# ଓଡ଼ିଆ ପରିବାରଙ୍କୁ ଭେଟି ସମବେଦନା ଜଣାଇଲେ ଅପରାଜିତା

ଭୁବନେଶ୍ୱର (ସବ୍ୟୁ): ଆତଙ୍କବାଦୀ ମାନେ ସ୍ୱାମୀ କେଉଁଠି ଅଛନ୍ତି ପଚାରିବା ପରେ ଗୁଳି କରି ହତ୍ୟା କଲେ । ମାତ୍ର ଚାରିଦିନ ପାଇଁ ଆସିଥିଲୁ, ବୁଲିବାର ଶେଷ ଦିନ ଥିଲା କିନ୍ତୁ ମୋ ସ୍ୱାମୀଙ୍କ ପାଇଁ ତାହା ଶେଷଦିନ ହୋଇଗଲା । ଏଭଳି ଅନେକ ହୃଦୟ ବିଦାରକ କଥା କୁ କୋହଭରା କଣ୍ଠରେ କହିଛନ୍ତି ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଓଡ଼ିଆ ଯୁବକ ପ୍ରଶାନ୍ତ କୁମାର ଶତପଥିଙ୍କ ସ୍ତ୍ରୀ ଓ ପରିବାର ।



ନିଜ ଜାମ୍ମୁ କାଶ୍ମୀର ଗସ୍ତ ଅବସରରେ, ମଙ୍ଗଳବାର ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ଅକାଳ ନିଧନ ହୋଇଥିବା ବ୍ୟକ୍ତି ମାନଙ୍କୁ ସ୍ଥାନୀୟ ପୋଲିସ୍ କଣ୍ଟ୍ରୋଲ ରୁମ୍ ରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଏହି ଆକ୍ରମଣରେ ମୃତ୍ୟୁବରଣ କରିଥିବା ଓଡ଼ିଶା ବାଲେଶ୍ୱରର ପ୍ରଶାନ୍ତ କୁମାର ଶତପଥିଙ୍କ ପରିବାର ବର୍ଗଙ୍କ ସହ ସାକ୍ଷାତ କରି ସମବେଦନା ଜ୍ଞାପନ କରିବା ସହ ସୁବିଧା ଅସୁବିଧା ବୁଝି ସମସ୍ତ ପ୍ରକାର ସହଯୋଗ ଦିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ । ଛୁଟିରେ ସପରିବାର ବୁଲି ଯାଇଥିବା ସମୟରେ ଆତଙ୍କବାଦୀ ମାନଙ୍କ ବର୍ବୋରଚିତ ଆକ୍ରମଣ ସମୟର ଘଟଣା ବାବଦରେ ପରିବାର ବର୍ଗଙ୍କ ଠାରୁ ଶୁଣିବା ପରେ ଦୁଃଖରେ ମ୍ରିୟମାଣ ହୋଇ ଏହାକୁ ମାନବିକତାର ହତ୍ୟା ରୂପେ ଅଭିହିତ କରିଛନ୍ତି ଶ୍ରୀମତୀ ଷଡ଼ଙ୍ଗୀ ।

# ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ଅନିଚ୍ଛା ପ୍ରକାଶ କରିବା ସହ ଶାରୀରିକ ସମ୍ପର୍କର ଭିଡିଓ ଓ ଫଟୋକୁ ଭାଇରାଲ କରାଇ ଦେବାକୁ ଧମକ ଦେଇଥିବା ଚନ୍ଦ୍ରଶେଖର ସ୍ୱାଇଁ ଓରଫ ଭିକି (୩୦) ନାମକ ଜଣେ ଯୁବକଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।

ଅଭିଯୋଗକାରିଣୀ ଗତ ୧୦ମାସ ହେବ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଜିମ୍ ସେଣ୍ଟରରେ ଚାକିରି କରୁଥିଲେ । ସେଠାରେ ଚାକିରି କରୁଥିବା ବେଳେ ସେହି ଜିମ୍‌ର ମାଲିକଙ୍କ ସାନଭାଇ ଭିକି ଅଭିଯୋଗକାରିଣୀଙ୍କ ସହ ବନ୍ଧୁତା କରିଥିଲେ । ବନ୍ଧୁତା ନିବିଡ ହେବା ପରେ ଅଭିଯୋଗକାରିଣୀଙ୍କୁ ଭିକି ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ବହୁଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ବିବାହ କଲେନାହିଁ ।

ଅଭିଯୋଗକାରିଣୀ ଜାଣିବାକୁ ପାଇଥିଲେ ଯେ, ଭିକି ପୂର୍ବରୁ ଅନ୍ୟ ଜଣେ ଯୁବତୀଙ୍କୁ କୋର୍ଟରେ ବିବାହ କରିସାରିଛନ୍ତି । ଏହି ନେଇ ଭିକିକୁ ପୀଡିତା ପଚାରିବାରୁ ମୋଠାରୁ ଦୂରେଇ ଯାଆ ବୋଲି ସେ କହିଥିଲେ । ଏହା କହିବା ସହ ତାଙ୍କୁ ଚାକିରିରୁ ମଧ୍ୟ କାଢିଦେଇଥିଲେ । ଭିକି ତାଙ୍କୁ କହିଥିଲେ ଯେ, ଯାହା ଶୁଣିଛ ସମ୍ପୂର୍ଣ୍ଣ ମିଥ୍ୟା । ତୁମେ ମୋ ସହ ଯେପରି ସମ୍ପର୍କ ରଖିଥିଲ ସେହିପରି ସମ୍ପର୍କ ରଖ । ସେ ବାବଦରେ ଯାହା ଟଙ୍କା ନେବ ମୁଁ ଦେବାକୁ ପ୍ରସ୍ତୁତ ଅଛି ବୋଲି ଭିକି କହିଥିଲା । ମୋ ସହିତ ଶାରୀରିକ ସମ୍ପର୍କ ନରଖିଲେ ମୋ ପାଖରେ ଥିବା ଭିଡିଓ ଓ ଫଟୋକୁ ଭାଇରାଲ କରିଦେବି ବୋଲି ଧମକାଇଥିଲା । ଉପାୟଶୂନ୍ୟ ହୋଇ ପୀଡିତା ଖଣ୍ଡଗିରି ଥାନାରେ ଏତଲା ଦାଏର କରିବା ପରେ ପୋଲିସ ଭିକିକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ଜାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଖୋର୍ଦ୍ଧାରେ ଖୋଲିଲା ଚାନ୍ଦି ଭଣ୍ଡାରର ୨୨ତମ ଷ୍ଟୋର

# ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି, ସ୍ୱତନ୍ତ୍ର ମୁକ୍ତା କଲେକ୍ସନର ଶୁଭାରମ୍ଭ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହର ପୁରୁଣା ପେଟ୍ରୋଲ ପମ୍ପ ନିକଟ ନୟାଗଡ ରାସ୍ତାରେ ଖୋଲିଲା ଚାନ୍ଦି ଭଣ୍ଡାର ର ୨୨ତମ ଷ୍ଟୋର । ଆଜି ଏହି ଷ୍ଟୋର କୁ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ, ପ୍ରତିଷ୍ଠାତା ଲିପ୍ସା ହଂସ, ମାନିକ ହଂସ ଓ ଯୋଗେନ୍ଦ୍ର ହଂସ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଛନ୍ତି । ଶ୍ରୀମତୀ ହଂସଙ୍କ କହିଛନ୍ତି ଖୋର୍ଦ୍ଧାର ଏହି ଷ୍ଟୋର କୁ ମିଶାଇ ରାଜ୍ୟର ବିଭିନ୍ନ ସ୍ଥାନରେ ୨୨ଟି ଷ୍ଟୋର ଖୋଲାଯାଇଛି । ତନ୍ମଧ୍ୟରେ ସବୁଠାରୁ ବୃହତ ଓ ଆକର୍ଷଣୀୟ ହୋଇଛି ଖୋର୍ଦ୍ଧା ଷ୍ଟୋର । ଏଣିକି ଖୋର୍ଦ୍ଧା ଲୋକଙ୍କୁ ଚାନ୍ଦୀ ସାମଗ୍ରୀ ପାଇଁ ବାହାରକୁ ଯିବାକୁ ପଡିବନି ବୋଲି କହିଛନ୍ତି । ୯୨.୫% ଶୁଦ୍ଧ ଷ୍ଟର୍ଲିଙ୍ଗ୍ ରୂପାରେ ଗହଣା କାରିଗରୀର ସର୍ବୋତମ ଡିଜାଇନ୍ ରହିଛି । ଏହି ଷ୍ଟୋର ରେ ଗୋଟିଏ ଛାତ ତଳେ ଭଳିକି ଭଳି ରୂପା ଗହଣା ଏବଂ ଆସେସରିଜ୍ ରହିଛି । ହଲ୍‌ମାର୍କ ରୂପା ବାସନକୁସନଠାରୁ ଆରମ୍ଭ କରି ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ ରୁପା ଆଇଟମ୍ ଏହି



ଷ୍ଟୋରରେ ରହିଛି ଓ ମହିଳାମାନଙ୍କ ପାଇଁ ଜିରକନ୍ ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ଆଙ୍କଲେଟ୍ ଭଳିକି ଭଳି ସମ୍ଭାର ରହିଛି ।ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ ବୋଲି ଶ୍ରୀମତୀ ହଂସ କହିଛନ୍ତି । ପୁରୁଷଙ୍କ ରୂପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଏଠାରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫଲିଙ୍କ୍ ଏବଂ ଚେନ୍ ଆଦି ରହିଛି । ପିଲାମାନଙ୍କ ପାଇଁ ପ୍ରିମିୟମ କିଡ୍ସ ରେଞ୍ଜ ରହିଛି । ଅନନ୍ୟ ମୁକ୍ତା କଲେକ୍ସନର ଶୁଭାରମ୍ଭ କରାଯାଇଛି । ପ୍ରାକୃତିକ ଏବଂ ମଧୁରଜଳ ମୁକ୍ତାର କାଳଜୟୀ ସୁନ୍ଦରତା ଦ୍ୱାରା ଅନୁପ୍ରାଣିତ ଏହା ଏକ ସୁନ୍ଦର ନୂଆ କଲେକ୍ସନ । ଷ୍ଟୋର ରେ ଚାନ୍ଦି କଶମେଷ୍ଟିକ ସମେତ ପୂଜା ସାମଗ୍ରୀ ଠାରୁ ଆରମ୍ଭ କରି ଘରୋଇ ସାମଗ୍ରୀ ଉପଲବ୍ଧ ରହିଛି । ସ୍ୱତନ୍ତ୍ର ଅକ୍ଷୟ ତୃତୀୟା ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି । ଏହା ଏପ୍ରିଲ ୧୮ରୁ ୩୦ ଯାଏ ଉପଲବ୍ଧ ବୋଲି ସେ କହିଛନ୍ତି ।

# କ୍ରେଡ଼ାଇ ଓଡିଶା ହୋମ୍ ଏବଂ ଡେକର୍ ଏକ୍ସପୋ ୨୦୨୫

ଭୁବନେଶ୍ୱର, (ସବ୍ୟୁ): କ୍ରେଡାଇ ଓଡିଶା ହୋମ୍ ଏବଂ ଡେକର୍ ଏକ୍ସପୋ ୨୦୨୫ ପ୍ରତିଦିନ ହଜାର ହଜାର ଦର୍ଶକଙ୍କୁ ଆକର୍ଷିତ କରି ସହରର ସବୁଠାରୁ ଜୀବନ୍ତ ଇଭେଣ୍ଟ୍ ମାନଙ୍କ ମଧ୍ୟରେ ଅନ୍ୟତମ ହୋଇଉଠିଛି । ଏପ୍ରିଲ ୨୦ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମେଦାନରେ ଅନୁଷ୍ଠିତ ଏହି ନଅ ଦିନିଆ ମେଳାରେ ରିଅଲ୍ ଏଷ୍ଟେଟ୍, ଘର ସଜାଣି, ନିର୍ମାଣ ସାମଗ୍ରୀ ଏବଂ ଲାଇଫଷ୍ଟାଇଲ୍ ଇନୋଭେସନ୍ ଏକାଠି ପ୍ରଦର୍ଶିତ ହେଉଛି ।




ଏବର୍ଷର ଏକ୍ସପୋ କେବଳ ସାଧାରଣ ଲୋକଙ୍କୁ ନୁହେଁ, ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ଆକର୍ଷିତ କରିଛି । ମଙ୍ଗଳବାର, ଓଡିଶାର ରାଜ୍ୟପାଳ ଡଃ ହରିବାବୁ କମ୍ପାଟି ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ପ୍ରଦର୍ଶକମାନଙ୍କ ସହ କଥାବାର୍ତ୍ତା କରି ପ୍ରଦର୍ଶିତ ନବୀନ ପ୍ରଯୁକ୍ତିକୁ ପ୍ରଶଂସା କରିଥିଲେ । ଏହାଛଡା, କଟକ ବିଧାୟିକା ସୋଫିଆ ଫିର୍ଦୋସ୍ ମଧ୍ୟ ଏକ୍ସପୋ ପରିଦର୍ଶନ କରିଥିଲେ । ଗୁରୁବାର, ଓଡିଶା ସରକାରର ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପତ୍ର ଏବଂ ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମଧ୍ୟ ଏହି ଇଭେଣ୍ଟ ପରିଦର୍ଶନ କରିଥିଲେ ।

ଏହି ଅବସରରେ କ୍ରେଡାଇ ଓଡିଶାର ପ୍ରେସିଡେଣ୍ଟ ସ୍ୱଦେଶ କୁମାର ରାଉତରାୟ, ୨୦୩୬ ସୁଦ୍ଧା ସମସ୍ତଙ୍କ ପାଇଁ ଆବାସର ସୁନିଶ୍ଚିତତାକୁ ଲକ୍ଷ୍ୟ କରି ବିକଶିତ ଓଡିଶାର ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଏକ୍ସପୋରେ ଶୀର୍ଷ ବିଲଡର୍ମାନେ, ବ୍ୟାଙ୍କ୍, ନିର୍ମାଣ ସାମଗ୍ରୀ ପ୍ରସ୍ତୁତକାରୀ, ଇଲେକ୍ଟ୍ରୋନିକ୍ସ ଏବଂ ଇଲେକ୍ଟ୍ରିକାଲ୍ କମ୍ପାନୀ, ଇଣ୍ଟେରିୟର୍ ଡିଜାଇନର୍, ଟାଇଲ୍ ଏବଂ ସାନିଟାରୱେୟାର୍ ବ୍ରାଣ୍ଡ୍ ଆଦି ସମେତ ଅନେକ ପ୍ରଦର୍ଶକ ଯୋଗଦାନ କରିଛନ୍ତି । ଏହି ଏକ୍ସପୋରେ କ୍ରେଡାଇ ଓଡିଶାର ଭାଇସ୍ ଚେୟାରମ୍ୟାନ୍ ବିନୟ କୃଷ୍ଣ ଦାସ, ସେକ୍ରେଟାରୀ ଅନିଲ୍ ଅଗ୍ରୱାଲ୍, ପ୍ରେସିଡେଣ୍ଟ (ଇଲେକ୍ଟ) ଉମା ଶଙ୍କର ପାଣିଗ୍ରାହୀ, ଭାଇସ୍ ପ୍ରେସିଡେଣ୍ଟ ଉମେଶ ଖଣ୍ଡେଲୱାଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୀ ସାର୍ଥକରେ ନୂଆ ଫିଲ୍ମ 'ସୁନାନାକୀ ବୋହୂ' ୨୭ ତାରିଖ ସନ୍ଧ୍ୟା ୬.୩୦ରେ

ଭୁବନେଶ୍ୱର (ସବ୍ୟୁ): ଓଡିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ପକ୍ଷରୁ ଏକ ମୌଳିକ ବିଷୟବସ୍ତୁ ସହ ରିଲିଜ ହେବାକୁ ଯାଉଛି ଓଡିଆ ଚଳଚିତ୍ର 'ସୁନାନାକୀ ବୋହୁ' ।




ଯାହାର ପ୍ରଯୋଜକ ଉମେଶ ପଟ୍ଟନାୟକ ଓ ନିର୍ଦ୍ଦେଶକ ରହିଛନ୍ତି ମୃତ୍ୟୁଞ୍ଜୟ ସାହୁଛ ସଂଗୀତ ଦେଇଛନ୍ତି ବୈଦ୍ୟନାଥ ଦାସ, କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ଗୀତ ରଚନା କରିଛନ୍ତି ଅରୁଣ ମନ୍ତ୍ରୀ ,ଉମାକାନ୍ତ ନାୟକ,ନିହାର ପ୍ରିୟାଶିଷ୍ ଓ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ଅର୍ପିତା ଚୈଧୁରୀ,ଚିରାଗଦିପ୍ ପଣ୍ଡା । ଏହା ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ।

ଚଳଚିତ୍ରର କାହାଣୀ ଆରମ୍ଭ ହୋଇଛି ଦୁଇଟି ଗାଁ ମଧୁପୁର ଓ ଯଦୁପୁରରୁ । ଦୁଇ ଗାଁ ମଧ୍ୟରେ ଏକ ପୁରୁଣା ବିବାଦ ଲାଗିରହିଛି ଯେ ପ୍ରତିକ ପଣା ସଂକ୍ରାନ୍ତିରେ ନିଜର ପବିତ୍ର ଦେବତାଙ୍କୁ ଆତିଥ୍ୟ ଦେବାପାଇଁ ଉଭୟ ଗାଁ ମଧ୍ୟରେ ଲାଗେ ପ୍ରତିଯୋଗିତାର ସଂଘର୍ଷ ଓ ୪ ବର୍ଷ ହେବ ଯଦୁପୁର ଗାଁର ଜଣେ ଏହି ପ୍ରତିଯୋଗିତାକୁ ଏକତରଫା ଜିତି ଆସୁଛି , କିନ୍ତୁ ଚଳିତ ବର୍ଷ ମଧୁପୁର ଗାଁର ଜଣେ ସାହାସୀ ମହିଳା ରଘୁର ଏହି ବିଜୟ ରଥକୁ ରୋକି ଏହି ଚକ୍ରକୁ ଭାଙ୍ଗିବାରେ ଦୃଢ଼ ପ୍ରତିଜ୍ଞାବଦ୍ଧ । ପ୍ରତିଯୋଗିତା ପାଇଁ ଉତ୍ତେଜନା ଖୁବ ବୃଦ୍ଧି ପାଇବା ସମୟରେ ପୁରା ମଧୁପୁର ଚିନ୍ତାରେ । କିନ୍ତୁ ଭାଗ୍ୟର ଅଜବ ସଂଯୋଗ ଏକ ମିଥ୍ୟା ଅପବାଦକୁ ରୋକିବାପାଇଁ ଦୁଇ ପ୍ରତିଯୋଗୀଙ୍କ ସମ୍ପର୍କରେ ଆସେ ପରିବର୍ତନ । ତେବେ କ'ଣ ଏହି ପରିବର୍ତନ ? ଦୀର୍ଘ ଦିନର ଶତ୍ରୁତାକୁ କଣ ଠିକ କରାଯାଇପାରିବ ଯାହା ସିନେମା ଦେଖିଲେ ହିଁ ଜଣାପଡିବ ।

## ଆତଙ୍କୀ ଆକ୍ରମଣରେ ୨୮ଜଣଙ୍କ ମୃତ୍ୟୁ ଘଟଣା

# ଶୋକ ପ୍ରକାଶ କଲା ହାଇକୋର୍ଟ ବାର୍ ଆସୋସିଏସନ୍

କଟକ,(ସବ୍ୟୁ) : ଜାମ୍ମୁ କାଶ୍ମୀରର ପେହେଲ୍ଗାମ୍ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୮ଜଣ ଭାରତୀୟଙ୍କ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟ ବାର୍ ଆସୋସିଏସନ୍ ଗଭୀର ଶୋକ ପ୍ରକାଶ କରିବା ସହ ଦୃଢ଼ଭାବେ ନିନ୍ଦା କରିଛି । ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜରୁରୀକାଳୀନ ସାଧାରଣ ପରିଷଦ ବୈଠକ ଡକାଯାଇଥିଲା । ଏଥିରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାକୁ ନେଇ ଶୋକପ୍ରକାଶ କରିବା ସହ ଏକ ରିଜୋଲିଉସନ୍ ପାସ୍ କରାଯାଇଥିଲା । ଏହି ରିଜୋଲିସନ୍ କପି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଆଇନମନ୍ତ୍ରୀ, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି । ଏହି ବୈଠକରେ ସଭାପତିଙ୍କ ସମେତ ସମ୍ପାଦକ ଅଭିଜିତ୍ ପଟ୍ଟନାୟକ, ଉପସଭାପତି ସିଦ୍ଧାର୍ଥ ଦାସ, ଯୁଗ୍ମ ସମ୍ପାଦକ ପଦ୍ମାଳୟା ମହାପାତ୍ର, ସହକାରୀ ସମ୍ପାଦକ ଅଭିଜିତ୍ ଦାଶ, ପାଠାଗାର ସମ୍ପାଦକ ଦପନ କୁମାର ପାଲ୍ ଏବଂ କାର୍ଯ୍ୟକାରୀ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଫ୍ଲାଟ୍ ଷ୍ଟିଲ୍ ଆମଦାନୀ ଉପରେ ୧୨% ସେଫଗାର୍ଡ ଡ୍ୟୁଟି

# ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ଐତିହାସିକ ପଦକ୍ଷେପ : ନବୀନ ଜିନ୍ଦଲ

ଭୁବନେଶ୍ୱର (ସବ୍ୟୁ): ଘରୋଇ ଇସ୍ପାତ ଶିଳ୍ପକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାର ଫ୍ଲାଟ ଇସ୍ପାତ ଉତ୍ପାଦ ଆମଦାନୀ ଉପରେ ୧୨% ସେଫଗାର୍ଡ ଡ୍ୟୁଟି (ସୁରକ୍ଷା ଶୁଳ୍କ) ଲାଗୁ କରିଛନ୍ତି, ଯାହା ଏପ୍ରିଲ ୨୧ରୁ ଆଗାମୀ ୨୦୦ ଦିନ ପାଇଁ କାର୍ଯ୍ୟକାରୀ ହେବ । ଏହି ପଦକ୍ଷେପ ଚୀନ୍, ଦକ୍ଷିଣ କୋରିଆ ଏବଂ ଜାପାନରୁ ଶସ୍ତା ଇସ୍ପାତ ଆମଦାନୀକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ଦିଷ୍ଟ, ଯାହା ଦ୍ୱାରା ଘରୋଇ ଇସ୍ପାତ ନିର୍ମାତାମାନଙ୍କୁ ଆଶ୍ୱସ୍ତି ମିଳିବ ।

ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେଡ୍ ରେମେଡିଜ୍ ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାପଡିଛି ଯେ ଉପରୋକ୍ତ ଦେଶଗୁଡ଼ିକରୁ ଇସ୍ପାତ ଆମଦାନୀ ଯୋଗୁଁ ଘରୋଇ ଶିଳ୍ପର ଗମ୍ଭୀର କ୍ଷତି ହେଉଛି । ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅଶୋଧିତ ଇସ୍ପାତ ଉତ୍ପାଦନକାରୀ ଦେଶ ଭାରତ, କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଫିନିଶ୍ଡ ଇସ୍ପାତର ନିଟ୍ ଆମଦାନୀକାରୀ ପାଲଟିଛି ଏବଂ ୨୦୨୪-୨୫ ମସିହାରେ ଏହି



ଆମଦାନୀ ନଅ ବର୍ଷର ସର୍ବୋଚ୍ଚ ସ୍ତର ୯.୫ ନିୟୁତ ମେଟ୍ରିକ୍ ଟନ୍ ରେ ପହଞ୍ଚିଛି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଭାରତୀୟ ଇସ୍ପାତ ସଂଘ (ଆଇଏସଏ) ଏବଂ ଦେଶର ପ୍ରମୁଖ ଶିଳ୍ପପତିମାନେ ସ୍ୱାଗତ କରିଛନ୍ତି । ଭାରତୀୟ ଇସ୍ପାତ ସଂଘର ସଭାପତି ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏହାକୁ ଆତ୍ମନିର୍ଭର ଭାରତ ପାଇଁ ଏକ ମାଇଲଖୁଣ୍ଟ ବୋଲି କହିଛନ୍ତି ।

ସେ କହିଛନ୍ତି ଯେ ଫ୍ଲାଟ୍ ଇସ୍ପାତ ଉତ୍ପାଦ ଉପରେ ୧୨% ସେଫଗାର୍ଡ ଡ୍ୟୁଟି ଲାଗୁ କରିବା ପାଇଁ ସରକାରଙ୍କ ନିର୍ଣ୍ଣାୟକ ନିଷ୍ପତି ପାଇଁ ଆମେ କୃତଜ୍ଞ, ଯାହା ଅତ୍ୟଧିକ ମୂଲ୍ୟରେ ଆସୁଥିବା ଆମଦାନୀକୁ ରୋକିବା ପାଇଁ ଅତ୍ୟନ୍ତ ଆବଶ୍ୟକ ଥିଲା । ସରକାରଙ୍କ ଏହି ସହଯୋଗ ନିବେଶକମାନଙ୍କୁ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କ୍ଷମତା ଲକ୍ଷ୍ୟ ହାସଲ ପାଇଁ ନୂତନ ଉତ୍ସାହ ସହିତ କାମ କରିବାକୁ ପ୍ରେରଣା ଦେବା ସହ ଏକ ଆତ୍ମନିର୍ଭର ଭାରତ ତଥା ବିକଶିତ ଭାରତ ନିର୍ମାଣ ଦିଗରେ ଅଗ୍ରସର କରିବ ।

## ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ନିଆଳୀ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି କର୍ମୀ ବିଜେପିରେ ଯୋଗଦେଲେ

ଭୁବନେଶ୍ୱର, (ସବ୍ୟୁ): ନିଆଳି ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡ଼ି କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ବିଭିନ୍ନ ପଂଚାୟତର ସରପଂଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଓ ବରିଷ୍ଠ ନେତା ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ନିଭରଣ ପଂଚାୟତ ସରପଂଚ ମାନସ ରଞ୍ଜନ ସ୍ୱାଇଁ ସମିତି ସଭ୍ୟ କାଳନ୍ଦୀ ପୃଷ୍ଟା ନାୟବ ସରପଂଚ ପରେଶ ପରିଡା




ପୂର୍ବତନ ସମିତି ସଭ୍ୟ ତୋଫାନ କାଣ୍ଡି ୱାର୍ଡ ମେମ୍ବର ଅଭିମନ୍ୟୁ ବାରିକ, କାଳନ୍ଦୀ ମଲ୍ଲିକ, ଧୁଶାସନ ପରିଡା, ଅଭିମନ୍ୟୁ ମହାରଣା, ସୁରେଶ ପୋଲାଇ, ଲକ୍ଷ୍ମୀଧର ବିଶ୍ୱାଳ, ଦିପକ ପରିଡା ବରିଷ୍ଠ କର୍ମୀ ଲମ୍ବୋଧର ନାୟକ, ମାନସ ପରିଡା, ତ୍ରିଲୋଚନ ପରିଡା, ପାଣ୍ଡବ ବେହେରା, ବସନ୍ତ ସ୍ୱାଇଁ, ଶରତ ମହାନ୍ତି, ବୈଷ୍ଣବ ବାରିକ, ସନାତନ ମହାନ୍ତି, ଅଭୟ ମହାନ୍ତି, ଟୁକୁନା ସାହୁ, ଧରଣୀ ସ୍ୱାଇଁ, ନିକୁଳ ପରିଡା, ଦିଲିପ ପୋଲାଇ ପ୍ରମୁଖ ଶତାଧିକ କର୍ମୀ ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ସେହିପରି କୃଷ୍ଣପ୍ରସାଦ ପଂଚାୟତ ସରପଂଚ ଜ୍ୟୋସ୍ନା ବାଳା ଭୋଇ ନାୟବ ସରପଂଚ ଦେବେନ୍ଦ୍ର ପ୍ରଧାନ ସରପଂଚ ପ୍ରତିନିଧି ପ୍ରମୋଦ କୁମାର ଭୋଇ ୱାର୍ଡ ମେମ୍ବର ବୃନ୍ଦାବନ ମୁଦୁଲି, ସମୀର କୁମାର ପରିଜା, ହେମନ୍ତ ଚନ୍ଦ୍ର ବେହେରା, ନରେନ୍ଦ୍ର ଗୋଚ୍ଛାୟତ, ଅଶୋକ ମହାରଣା, ନିତ୍ୟାନନ୍ଦ ବାରିକ, ପବିତ୍ର ବେହେରାଙ୍କ ସମେତ ଶତାଧିକ ନେତା ଓ କର୍ମୀ ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ନିଆଳୀ ବିଧାୟକ ଛବି ମଲ୍ଲିକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ବ୍ରଜକିଶୋର ମିଶ୍ର, ନିଆଳୀ ବ୍ଲକ ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ମାଧବ ମଣ୍ଡଳ ସଭାପତି ଶାନ୍ତନୁ କୁମାର ଦାସ, ପୂର୍ବତନ ମଣ୍ଡଳ ସଭାପତି ପତିତପାବନ ବେହେରା, ବରିଷ୍ଠ କାର୍ଯ୍ୟକର୍ତା ଆଦିତ୍ୟ ପାଣି, ତିହୁଡି ପଂଚାୟତ ସମିତିସଭ୍ୟ ଶଶିକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆସାହି ଯୋବ୍ରା ଚୈତ୍ର ଉତ୍ସବ ଉଦଯାପିତ

କଟକ, (ସବ୍ୟୁ):ଯୋବ୍ରା ନୂଆସାହି ରେ ହେଉଥିବା ଚୈତ୍ର ପୂର୍ଣ୍ଣମୀ ମା ସିଦ୍ଧ ବାସଳେଇ ପୂଜା, ଘୋଡ଼ା ପିଞ୍ଜରା ସହ ମହା ମେଲଣ ରେ ସାମିଲ, ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ମାଛ ଘାଣ୍ଟ ବଣ୍ଟନ ପରେ ପରେ ଚୈତାଲି ଘୋଡ଼ା ନାଚ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ରେ ହୋଇ ଉଦଯାପିତ ହୋଇଯାଇଛି । ଏହି ଚୈତ୍ର ମହୋତ୍ସବ ରେ ଅନୁଷ୍ଠାନ ର ଉପଦେଷ୍ଟା ଶୁଭେନ୍ଦୁ ମହାନ୍ତି, ଲକ୍ଷ୍ମଣ ନାୟକ, ମନ୍ଦିର ପରିଚାଳନା କମିଟି ସଭାପତି ତନୟ ବେହେରା, ଅଧିକାରୀ କାଶୀନାଥ ନାୟକ, ମହନ୍ତ ଶିବେନ୍ଦ୍ର ନାୟକ, ବ୍ୟାସକବି ଦାସ,ରାମ ଚନ୍ଦ୍ର ନାୟକ, ଈଶ୍ୱର ନାୟକ, ଜଗନ୍ନାଥ ନାୟକ, ଭାବଗ୍ରାହୀ ନାୟକ, ବିଦ୍ୟାଧର ନାୟକ କାଳନ୍ଦୀ ନାୟକ, ରବୀନ୍ଦ୍ର ନାୟକ ଙ୍କ ସହ କର୍ପୋରେଟର ସ୍ୱର୍ଣ୍ଣ ପ୍ରଭା ପଶାୟତ, କର୍ପୋରେଟର ଝିଲୀ ବିହାରୀ, ଜିନେଶ ଦାସ ଦୁର୍ଗା ମନ୍ଦିର ପରିଚାଳନା କମିଟି ର ସଭାପତି ପ୍ରମୋଦ ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ଶରତ ବେହେରା ସମରେଶ ଭୂୟାଁ ପ୍ରମୁଖ ଅଂଶ ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇଥିଲେ ଓ ସାଂସ୍କୃତିକ କର୍ଯ୍ୟକ୍ରମ ସହ ମଞ୍ଚ ପରିଚାଳନା କରିଥିଲେ ମନ୍ଦିର ପରିଚାଳନା କମିଟି ର ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ଓ ଚୈତ୍ର ମହୋତ୍ସବ ଚଳିତ ମାସ ୧୨ ତାରିଖ ରୁ ଅଧିକ ହୋଇ ୨୨ ତାରିଖ ରେ ଉଦଯାପିତ ହୋଇଯାଇଛି ବୋଲି ସହ ସମ୍ପାଦକ ଶୁଭମ ପଟ୍ଟନାୟକ ଜଣାଇଛନ୍ତି ।

# ସୋଆରେ ଲେଖା ସମ୍ପାଦନା ଉପରେ ୫-ଦିନିଆ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ପୁରାତନ ଓଡ଼ିଆ ପୋଥିଗୁଡ଼ିକର ଲେଖା ସମ୍ପାଦନା ବିଷୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଠାରେ ବୁଧବାର ଏକ ୫-ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାରେ ଲେଖା ସମ୍ପାଦନାରେ ଦକ୍ଷତା ବୃଦ୍ଧି ପାଇଁ ୧୫ ଜଣ ଗବେଷକଙ୍କୁ ତାଲିମ ଦିଆଯିବ। ସୋଆ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୫ ଜଣ ଗବେଷକ ଏହି କର୍ମଶାଳାରେ




ଯୋଗ ଦେଇଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଲୋଚକ ଓ ଅନୁବାଦକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଯୋଗ ଦେଇ କହିଥିଲେ ଯେ ପୁରାତନ ଓଡ଼ିଆ ପୋଥିଗୁଡ଼ିକୁ ପଢ଼ି ସେଗୁଡ଼ିକ ଉଦ୍ଧାର କରିବା ନିମନ୍ତେ ଦକ୍ଷତା ଆବଶ୍ୟକ। ମାତ୍ର ଏ ବିଷୟରେ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦିଆଯାଉ ନାହିଁ। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି କର୍ମଶାଳା ଆୟୋଜନ ଏକ ସମୟପୋଯୋଗୀ ପଦକ୍ଷେପ ବୋଲି ସେ କହିଥିଲେ । ଏହି କର୍ମଶାଳାକୁ ସୋଆ ପରିଚାଳିତ ସେଣ୍ଟର ଫର ପ୍ରୋପାଗେସନ୍, ପ୍ରିଜରଭେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଣ୍ଟ କଲଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ଦ୍ୱାରା ଆୟୋଜନ କରାଯାଇଛି । ଏହି କ୍ଷେତ୍ରରେ ବିଶେଷ ପାରଦର୍ଶିତା ଥିବା ତିନି ଜଣ ବିଶେଷଜ୍ଞ ପ୍ରଫେସର ଗୌରାଙ୍ଗ ଚରଣ ଦାଶ, ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ କର୍ମଶାଳାରେ ଯୋଗ ଦେଇଥିବା ଗବେଷକମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ସମ୍ପାଦକମାନଙ୍କୁ ତାଲିମ ଦେଇ ଦକ୍ଷତା ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ।

## ପହଲଗାମ ହମ୍‌ଲା

# ୩ ଆତଙ୍କୀଙ୍କ ସ୍କେଚ୍ ଜାରି




ପହଲଗାମ: ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆକ୍ରମଣ ପଛରେ ଥିବା ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସ୍କେଚ୍ ଜାରି ହୋଇଛି । ସୁରକ୍ଷା ଏଜେନ୍ସିଗୁଡ଼ିକ ଜାରି କରିଛନ୍ତି ୩ ଜଣ ଆତଙ୍କୀଙ୍କ ସ୍କେଚ୍ । ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ତିନି ଜଣ ଆତଙ୍କବାଦୀଙ୍କୁ ଏବେ ଚିହ୍ନଟ କରାଯାଇଛି । ସେମାନେ ହେଲେ ଆସିଫ୍ ଫୁଜି, ସୁଲେମାନ ଶାହ ଏବଂ ଆବୁ ତଲହା ।ନିଷିଦ୍ଧ ଆତଙ୍କବାଦୀ ଗୋଷ୍ଠୀ ଲସ୍କର-ଇ-ତୋଇବା (ଏଲଇଟି)ର ଏକ ଶାଖା - ଦି ରେଜିଷ୍ଟାନ୍ସ ଫ୍ରଣ୍ଟର ସଦସ୍ୟ ଏହି ଆକ୍ରମଣ ଘଟାଇଥିବା ସନ୍ଦେହ କରାଯାଉଛି ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ କଶ୍ମୀରରେ ହୋଇଥିବା ସବୁଠାରୁ ଭୟଙ୍କର ଆତଙ୍କବାଦୀ ଆକ୍ରମଣ ମଧ୍ୟରୁ ଏହା ଅନ୍ୟତମ । ପହଲଗାମର ଲୋକପ୍ରିୟ ବୈସାରନ ତୃଣଭୂମିରେ ପର୍ଯ୍ୟଟକଙ୍କ ଉପରେ ଗୁଳି ଚଳାଇ ହିନ୍ଦୁମାନଙ୍କୁ ଅତଙ୍କୀମାନେ ହତ୍ୟା କରିବା ଘଟଣା ଏବେ ସାରା ଦେଶରେ ଚହଳ ପକାଇଛି ।

ଆକ୍ରମଣର କିଛି ଦିନ ପୂର୍ବରୁ ଉପତ୍ୟକାରେ ଅନୁପ୍ରବେଶ କରିଥିବା ପାକିସ୍ତାନୀ ଆତଙ୍କବାଦୀମାନେ ଏହି ଗୋଷ୍ଠୀରେ ସାମିଲ ଥିଲେ ବୋଲି ଗୁଇନ୍ଦା ସୂତ୍ରରୁ ଜଣାପଡ଼ିଛି । ଗୁଇନ୍ଦା ସଂସ୍ଥାଗୁଡ଼ିକ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଭାବରେ ସୈଫୁଲ୍ଲାହ କସୁରୀ ଓରଫ ଖାଲିଦଙ୍କୁ ଚିହ୍ନଟ କରିଛନ୍ତି ।

# ବଳିପଡ଼ିଲେ ତିନି ପ୍ରତିରକ୍ଷା ଅଧିକାରୀ



ଶ୍ରୀନଗର: ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୮ଜଣକ ମଧ୍ୟରେ ତିନି ଜଣ କାର୍ଯ୍ୟରତ ପ୍ରତିରକ୍ଷା ଅଧିକାରୀ ଥିବା ଜଣାପଡିଛି । ଏହି ଅଧିକାରୀମାନେ ତାଙ୍କ ପରିବାର ସହିତ ଛୁଟି କଟାଇବାକୁ ପହଲଗାମ ଆସିଥିଲେ । କିନ୍ତୁ ଆତଙ୍କବାଦୀମାନେ ସେମାନଙ୍କଠାରୁ ସେମାନଙ୍କ ଜୀବନ ଛଡ଼ାଇନେଲେ । ମୃତକମାନେ ହେଲେ ଆଇବି ଅଧିକାରୀ ମନୀଷ ରଞ୍ଜନ, ନୌସେନା ଅଧିକାରୀ ଲେଫ୍ଟନାଣ୍ଟ ବିନୟ ନରୱାଲ ଏବଂ ବାୟୁସେନା କର୍ପୋରାଲ ତେଜ ହାଇଲ୍ୟାଙ୍ଗ ।

ବିହାରର ରୋହତସ ଜିଲ୍ଲାରେ ଥିବା ଆରୁହି ଗାଁର ବାସିନ୍ଦା ମନୀଷ ରଞ୍ଜନ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ରେ ଜଣେ ଅଧିକାରୀ ଥିଲେ ଏବଂ ହାଇଦ୍ରାବାଦରେ ତାଙ୍କର ପୋଷ୍ଟିଂ ଥିଲା । ଗତ ମାସରେ ସେ ତାଙ୍କ ପରିବାରକୁ କହିଥିଲେ ଯେ, ଆମେ ଏପ୍ରିଲରେ ପହଲଗାମ ବୁଲିବାକୁ ଯିବା । ସେ ତାଙ୍କ ସ୍ତ୍ରୀ ଏବଂ ଦୁଇ ପିଲାଙ୍କ ସହିତ ଦକ୍ଷିଣ କାଶ୍ମୀରରେ ପହଞ୍ଚିଥିଲେ । କିନ୍ତୁ ଏହା ତାଙ୍କର ଶେଷ ଯାତ୍ରା ହେବ ବୋଲି କାହାକୁ ଜଣାନଥିଲା ।

ଅନ୍ୟପକ୍ଷରେ ହରିୟାଣାର କର୍ଣ୍ଣଲର ବାସିନ୍ଦା ଲେଫ୍ଟନାଣ୍ଟ ବିନୟ ନରୱାଲ ଭାରତୀୟ ନୌସେନାରେ ୨ବର୍ଷ ପୂର୍ବେ ନିଯୁକ୍ତି ପାଇଥିଲେ ଏବଂ କୋଚିରେ ତାଙ୍କର ପୋଷ୍ଟିଂ ହୋଇଥିଲା । ସେ ଏପ୍ରିଲ ୧୯ରେ ବିବାହ କରିବା ପରେ ତାଙ୍କ ପତ୍ନୀଙ୍କ ସହିତ ପହଲଗାମ ବୁଲିବାକୁ ଆସିଥିଲେ । ହେଲେ ବିବାହର ମାତ୍ର ୪ଦିନ ମଧ୍ୟରେ ତାଙ୍କ ସହ ଏଭଳି ଛାତିଥରା ଘଟଣା ଘଟିବ ବୋଲି କାହାକୁ ଜଣାନଥିଲା । ସେହିଭଳି ଭାରତୀୟ ବାୟୁସେନାର କର୍ପୋରାଲ ତେଜ ହାଇଲ୍ୟାଙ୍ଗ ଅରୁଣାଚଳ ପ୍ରଦେଶରେ ଥିବା ଲୋୟର ସୁବାନସିରି ଜିଲ୍ଲାର ତାଜାଙ୍ଗ ଗାଁର ବାସିନ୍ଦା ଥିଲେ । ସେ ଶ୍ରୀନଗରର ବାୟୁସେନା ଘାଟିରେ ନିଯୁକ୍ତ ଥିଲେ ଏବଂ ଛୁଟି ନେଇ ତାଙ୍କ ପତ୍ନୀଙ୍କ ସହ ପହଲଗାମ ବୁଲିବାକୁ ଯାଇଥିଲେ । ଭାରତୀୟ ବାୟୁସେନାର କର୍ପୋରାଲ ହାଇଲ୍ୟାଙ୍ଗଙ୍କର ବିବାହ କିଛି ମାସ ତଳେ ହୋଇଥିଲା ।

# ନଇଁବନି ଭାରତ: ଶାହା

ନୂଆଦିଲ୍ଲୀ: ଆତଙ୍କବାଦୀଙ୍କ ଆଗରେ ନଇଁବନି ଭାରତ । ଆକ୍ରମଣକାରୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବନି । ସବୁ ପରିସ୍ଥିତିକୁ ସାମ୍ନା କରିବ କିନ୍ତୁ ଆତଙ୍କବାଦୀଙ୍କ ଆଗରେ ହାର ମାନିବ ନାହିଁ । ଜମ୍ମୁକଶ୍ମୀରରେ ସ୍ଥିତି ବୁଝିବା ପରେ ଅପରାହ୍ଣରେ ଦିଲ୍ଲୀ ଫେରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କ୍ୟାବିନେଟ୍ ସୁରକ୍ଷା ପରିଷଦ ବୈଠକରେ ଯୋଗଦେଇଛନ୍ତି । ଦୁଇ ଦୁନିଆ ସାଉଦି ଆରବ ଗସ୍ତର ଅଧାରୁ ଭାରତ ଫେରିଛନ୍ତି ପ୍ରଧାନମନ୍ତ୍ରୀ । ଭାରତ ଫେରିବା ପରେ ତୁରନ୍ତ ବିମାନ ବନ୍ଦରରେ ବୈଠକ କରିଛନ୍ତି ମୋଦୀ । ସ୍ଥିତି ସମ୍ପର୍କର ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର, ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ ଓ ଏନ୍‌ଏସ୍‌ଏ ଅଜିତ ଡୋଭାଲ । ଆଗକୁ ସରକାର କିଛି କଠୋର ପଦକ୍ଷେପ ନେଇପାରନ୍ତି ବୋଲି ଅନୁମାନ କରାଯାଉଛି ।

ସେପଟେ ଜମ୍ମୁ ପହଲଗାମରେ ଆତଙ୍କୀ ହମଲା ପରେ ସୀମାରେ ହାଇଆଲର୍ଟ ଜାରି କରାଯାଇଛି । ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ଚାଲିଥିବା ବେଳେ ସେନାର ଯବାନମାନେ ପଇଁତରା ମାରୁଛନ୍ତି । ଆତଙ୍କୀଙ୍କୁ ଖୋଜି ସଫା କରିବାକୁ ସନ୍ଦିଗ୍ଧ ଅଂଚଳରେ ଜୋରଦାର ଚାଲିଛି ସର୍ଚ୍ଚ ଅପରେସନ । ହେଲିକପ୍ଟର ଓ ଡ୍ରୋନ୍ ମାଧ୍ୟମରେ ଆତଙ୍କବାଦୀଙ୍କ ତଲାସି ଅଭିଯାନ ଜାରି ରହିଛି ।



ଗୃହମନ୍ତ୍ରୀ ଅମିତ ଶାହା ଶ୍ରୀନଗରରେ ଏଲଜି ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ବିଭିନ୍ନ ସୁରକ୍ଷା ଏଜେନ୍ସିର ମୁଖ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି ।

## ପାକ୍ ବିରୋଧୀ ବିକ୍ଷୋଭ

କୋଲକାତା: ପହଲଗାମ ଆତଙ୍କବାଦୀ ହମ୍‌ଲା ପରିପ୍ରେକ୍ଷୀରେ କୋଲକାତାରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଆକ୍ରମଣରେ ମୃତ୍ୟୁବରଣ କରିଥିବା ରାଜ୍ୟର ଜଣେ ପର୍ଯ୍ୟଟକଙ୍କ ମୃତ ଦେହ ଆଜି ରାତିରେ ଏଠାରେ ପହଞ୍ଚିବା ପରେ ସ୍ଥାନୀୟ ବିଜେପି ନେତାମାନେ ଆତଙ୍କବାଦୀ ହମ୍‌ଲାର କଡ଼ା ନିନ୍ଦା କରିବା ସହ ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେଇଥିଲେ । ଏହି ଆତଙ୍କବାଦୀଙ୍କ ଆକ୍ରମଣ ପଛରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ହାତ ଥିବା ଅଭିଯୋଗ କରି ବିକ୍ଷୋଭକାରୀମାନେ ଆତଙ୍କବାଦୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

## ୧୦ ଲକ୍ଷର କ୍ଷତିପୂରଣ ଘୋଷଣା

ଶ୍ରୀନଗର: ପହଲଗାମ୍ ଆତଙ୍କୀ ହମଲାରେ ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କରିଛନ୍ତି ଜମ୍ମୁକାଶ୍ମୀର ସରକାର । ତେବେ ପହଲଗାମ୍ ଆତଙ୍କୀ ହମଲାରେ ପ୍ରାଣ ହରାଇଥିଲା ବ୍ୟକ୍ତିଙ୍କ ପରିବାକୁ ୧୦ ଲକ୍ଷ, ଗୁରୁତରଙ୍କ ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କାର ସହାୟତା ଘୋଷଣା କରାଯାଇଛି । ତେବେ ଆହତଙ୍କୁ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ଏବଂ ମୃତକଙ୍କ ପରିବାର ମରଶରୀର ସହ କେମିତି ସେମାନଙ୍କ ଘରେ ପହଞ୍ଚିବେ ସେ ବ୍ୟବସ୍ଥା କରାଯାଇଛି ବୋଲି ଅବଦୁଲା କହିଛନ୍ତି ।

## ଛ'ବର୍ଷ ପରେ ଛାତିଥରା ହମ୍‌ଲା

ନୂଆଦିଲ୍ଲୀ:ପୁଲୱାମା ଆକ୍ରମଣରେ ୪୦ରୁ ଅଧିକ ଯବାନଙ୍କ ପ୍ରାଣହାନୀ ହୋଇବା ବେଳେ ଏଥର କିନ୍ତୁ ସୀମାପାର କରିଛି ଆତଙ୍କୀଙ୍କ ବର୍ବରତା କାଶ୍ମୀର ବୁଲିବାକୁ ଆସିଥିବା ନିରୀହ ସାଧାରଣ ପର୍ଯ୍ୟଟକଙ୍କୁ ଅନ୍ଧାଧୂନ ଗୁଳିମାଡ କରି ଜୀବନ ନେଇଛନ୍ତି ସୈତାନ ଆତଙ୍କୀ । ପହଲଗାମରେ ପ୍ରକୃତିର ମଜା ନେଉଥିବା ବେଳେ ଏମାନଙ୍କ ଉପରେ ଆକ୍ରମଣ ହୋଇଛି । ଆଉ ଏହି ହମଲାରେ ଏଯାଏଁ ୨୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଲୱାମା ଆକ୍ରମଣ ପରେ ଏହା ସବୁଠାରୁ ଛାତିଥରା ଆକ୍ରମଣ ବୋଲି କୁହାଯାଉଛି । କାରଣ ଏଠି ଆତଙ୍କୀମାନେ ଧର୍ମ ନାଁରେ ଧାରଧାର ରକ୍ତ ବୁହାଇ ଦେଇଛନ୍ତି । ଧର୍ମ ପଚାରି ଗୁଳିମାଡ କରିଛନ୍ତି ଆଉ ନିର୍ମମ ହତ୍ୟା କରିଛନ୍ତି । କାହାକୁ ତା ସ୍ତ୍ରୀ ଆଗରେ ମାରିଛନ୍ତି ତ କାହାକୁ ତା ପିଲା ଆଗରେ । ବୁଢା ବାପା ମାଆ ଆଗରେ ବି ଚାଲିଯାଇଛି ଭେଣ୍ଡିଆ ଯବାନ ପୁଅର ଜୀବନ । ବୁଲାବୁଲି ପାଇଁ ଆସିଥିବା ଲୋକ ଏକ ଭୟ ଆତଙ୍କ ସ୍ମୃତି ନେଇଫେରିଛନ୍ତି ।

# ପର୍ଯ୍ୟଟକଙ୍କ କ୍ୟାମେରାରେ କଏଦ୍ ଆତଙ୍କବାଦୀ

ନୂଆଦିଲ୍ଲୀ: ମଙ୍ଗଳବାର ସନ୍ଧ୍ୟାରେ ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଅନେକ ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓଗୁଡ଼ିକରେ ପର୍ଯ୍ୟଟକମାନଙ୍କ କରୁଣ ଚିତ୍କାର, ଦଳାଚକଟା ଏବଂ ଗୁଳି ଫୁଟିବାର ଭୟାବହ ଶବ୍ଦ ସ୍ପଷ୍ଟ ଭାବରେ ଶୁଣିବାକୁ ମିଳୁଛି । ଏକ ଭାଇରାଲ ଭିଡିଓରେ, ଜଣେ ପର୍ଯ୍ୟଟକ ପହଲଗାମର ପ୍ରସିଦ୍ଧ ବୈସାରନର ସୁନ୍ଦର ଉପତ୍ୟକାର ଭିଡିଓ ରେକର୍ଡିଂ କରୁଥିଲେ । ଏହି ସମୟରେ ସେ ହଠାତ୍ ଗୁଳି ଫୁଟିବାର ଶବ୍ଦ ଶୁଣିବାକୁ ପାଇଥିଲେ । କ'ଣ ହେଉଛି କିଛି ବୁଝି ନପାରି ବ୍ୟକ୍ତି ଜଣକ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଥିବା ଦେଖିବାକୁ ମିଳୁଛ । ପରବର୍ତ୍ତୀ ଭିଡିଓରେ ଉକ୍ତ ବ୍ୟକ୍ତି ଜଣକ ଭୟଭୀତ ହୋଇ କହୁଛନ୍ତି, ଏଠାରେ ଏକ ଆତଙ୍କବାଦୀ ଆକ୍ରମଣ ହୋଇଛି ।

ଏହି ଭିଡିଓଟି ଏବେ ଇଣ୍ଟରନେଟରେ ଭାଇରାଲ ହୋଇଛି କାରଣ ଆତଙ୍କବାଦୀ ଆକ୍ରମଣ ସେହି ସମୟରେ ହୋଇଥିଲା ଯେତେବେଳେ ଏହି ବ୍ୟକ୍ତି ତାଙ୍କ ଭିଡିଓ ରେକର୍ଡିଂ କରୁଥିଲେ । ଅନ୍ୟ ଏକ ଭିଡିଓରେ ଜଣେ ମହିଳା ପର୍ଯ୍ୟଟକ ଏହି ଆତଙ୍କବାଦୀ ଆକ୍ରମଣକୁ ନେଇ କହୁଛନ୍ତି, ' ଆମେ ଭେଲପୁରୀ ଖାଉଥିଲୁ, ହଠାତ ଜଣେ ବ୍ୟକ୍ତି ଆସି ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ । ଏସବୁ କ'ଣ ହେଉଛି ହଠାତ ଆମେ କିଛି ବୁଝି ପାରି ନଥିଲୁ ।



# କାଶ୍ମୀର ଛାଡୁଛନ୍ତି ପର୍ଯ୍ୟଟକ



ଶ୍ରୀନଗର: ଆତଙ୍କୀ ହମଲା ପରେ ଏବେ ଛାନିଆ କାଶ୍ମୀର ବୁଲି ଯାଇଖିବା ପର୍ଯ୍ୟଟକ । କେମିତି ଘରେ ପହଞ୍ଚିବେ ଏବଂ ସେମାନଙ୍କମୂଲ୍ୟବାନ ଜୀବନକୁ ସୁରକ୍ଷିତ ରଖି ନିଜ ଆତ୍ମୀୟଙ୍କ ପାଖରେ ପହଞ୍ଚିବାରେ ସକ୍ଷମ ହେବେ ଏବେ ସମସ୍ତଙ୍କୁ ସେହି ନିଶା ଘାରିଛି ।

ତେଣୁ ବୁଲା ବୁଲି ବନ୍ଦ କରି ବିଭିନ୍ନ ରାଜ୍ୟର ଲୋକେ ଏବେ ଘର ମୁହାଁ ହେଉଛନ୍ତି ଏବଂ କାଶ୍ମୀର ଛାଡୁଛନ୍ତି । ଦେଶ ବିଦେଶର ବିଭିନ୍ନ ପର୍ଯ୍ୟଟକ କାଶ୍ମୀରର ସୌନ୍ଦର୍ଯ୍ୟ ଉପଭୋକ କରିବାକୁ ଆସିଥିବା ବେଳେ ନିରୀହ ଲୋକଙ୍କ ଉପରେ ଆଖିବୁଲା ଆତଙ୍କୀ ଆକ୍ରମଣ ପରେ ଏବେ ସମସ୍ତେ ଡରିଯାଇଛନ୍ତି । ଆଉ ଘରକୁ ଫେରିବାକୁ ଶ୍ରୀନଗର ବିମାନ ବନ୍ଦରରେ ଭିଡ଼ ଜମାଇଛନ୍ତି । ଭିଡ଼କୁ ଲକ୍ଷ୍ୟ ରଖି ଏୟାର ଇଣ୍ଡିଆ ପକ୍ଷରୁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରାଯାଇଛି । ଗତକାଲି ଆଖି ଆଗରେ ପର୍ଯ୍ୟଟକମାନେ ଅନ୍ୟ ୨୬ ପର୍ଯ୍ୟଟକଙ୍କୁ ଆତଙ୍କବାଦୀ ହତ୍ୟା କରିବାର ଦେଖିଛନ୍ତି ତେଣୁ ଯେଉଁମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି ସେମାନେ ଭଗବାନଙ୍କୁ ଧନ୍ୟବାଦ ଦେବା ସହ କାଶ୍ମୀର ଛାଡି ତୁରନ୍ତ ଫେରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ।

## ଆଖି ଆଗରେ ଚାଲିଗଲା ବାପ-ପୁଅଙ୍କ ଜୀବନ

ପହଲଗାମ: ଛାତି ଥରାଇ ଦେଇଛି ଆତଙ୍କବାଦୀ ଆକ୍ରମଣ । କିଏ ସ୍ୱାମୀ ହରାଇଛି ତ କିଏ ପୁଅ ଆଉ କିଏ ଭାଇ । ଆକ୍ରମଣରେ ୨୮ଜଣକ ମୃତ୍ୟୁ ହୋଇଥିବା ବେଳେ ମୃତକଙ୍କ ମଧ୍ୟରେ ପିତା-ପୁତ୍ର ଥିବା ଜଣାଯାଇଛି । ଗୁଜରାଟର ୩ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି । ମୃତକଙ୍କ ମଧ୍ୟରେ ଭାବନଗରର ଜଣେ ପିତା-ପୁତ୍ର ଏବଂ ସୁରଟର ଜଣେ ବ୍ୟକ୍ତି ଅଛନ୍ତି । ଅନ୍ୟ ଦୁଇ ଜଣ ପର୍ଯ୍ୟଟକ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି ।

ମିଳିଥିବା ସୂଚନା ମୁତାବକ, ବୁଧବାର ସକାଳେ ଭାବନଗରର କାଳିଆବିଡର ବାସିନ୍ଦା ଯତୀଶଭାଇ ପରମାର (୪୫) ଏବଂ ତାଙ୍କ ପୁଅ ସ୍ମିତ (୧୭)ଙ୍କ ମୃତ୍ୟୁ ହୋଇଥିବା ସୁରକ୍ଷା ବାହିନୀ ନିଶ୍ଚିତ କରିଛନ୍ତି । ଆକ୍ରମଣରେ ଉଭୟ ଆହତ ହୋଇଥିଲେ । ସ୍ମିତ ଏକାଦଶ ଶ୍ରେଣୀର ଛାତ୍ର ଥିବା ବେଳେ ଯତୀଶଭାଇ ଏକ ହେୟାର ସେଲୁନ୍ ଚଳାଉଥିଲେ । ଭାବନଗରରୁ ୨୦ଜଣିଆ ଦଳ ଜମ୍ମୁ ଏବଂ କାଶ୍ମୀର ବୁଲିବାକୁ ଯାଇଥିଲା, ଯେଉଁଥିରେ ଯତୀଶଭାଇ, ତାଙ୍କ ପତ୍ନୀ କାଜଲବେନ ଏବଂ ସ୍ମିତ ଥିଲେ । ମଙ୍ଗଳବାର ଦିନ ୨ଟାରେ ଆତଙ୍କବାଦୀ ଆକ୍ରମଣ କରିବା ପରେ ଯତୀଶଭାଇଙ୍କ ପରିବାର ସହିତ ଅନ୍ୟ ୧୭ଜଣକର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା ।



## ଅନୁପ୍ରବେଶ ଉଦ୍ୟମ ପଣ୍ଡ

# ଧରାପଡ଼ିଲା ଟିଆରଏଫ୍ କମାଣ୍ଡ

ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ହାମ୍‌ଲାର ଦିନକ ପରେ କୁଲଗାମରେ ଗୁଳି ବିନିମୟ ସମୟରେ ଆତଙ୍କୀ ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍)ର ଏକ ପ୍ରମୁଖ କମାଣ୍ଡର ସୁରକ୍ଷାବଳଙ୍କ ହାତରେ ଧରାପଡିଛି । ଦକ୍ଷିଣ କାଶ୍ମୀର ଜିଲ୍ଲାର ତଙ୍ଗମାର୍କ ଅଞ୍ଚଳରେ ଏହି ଗୁଳିଗୁଳା ବିନିମୟ ଚାଲିଥିଲା ।

ଏହା ପୂର୍ବରୁ ଭାରତୀୟ ସେନା ବାରମୂଲ୍ଲାଠାରେ ଦୁଇ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ପଣ୍ଡ କରିଛନ୍ତି । ସେନା ଯବାନଙ୍କ ଗୁଳିରେ ସେମାନେ ମୃତ୍ୟୁବରଣ କରିଛନ୍ତି । ସୁରକ୍ଷାକର୍ମୀ ଗଠନ ସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଓ ପାକିସ୍ତାନୀ ମୁଦ୍ରା ଜବତ କରିଛନ୍ତି । ମଙ୍ଗଳବାର ଅପରାହ୍ଣରେ ୫ରୁ ୬ ଆତଙ୍କବାଦୀ ପହଲଗାମଠାରେ ଆଖିବୁଜା ଗୁଳିଚାଳନା କରି ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ । ଏହାପରେ ସୁରକ୍ଷାବଳଙ୍କ ଠାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଆଜି ଆତଙ୍କୀ ଆକ୍ରମଣ ହୋଇଥିବା ସ୍ଥଳକୁ ଯାଇ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗ ଓ ଯେଉଁମାନେ ବଞ୍ଚି ଯାଇଛନ୍ତି ଓ ସେମାନଙ୍କ ସହ ଆଲୋଚନା କରିଛନ୍ତି । ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଆତଙ୍କୀ ଆକ୍ରମଣକୁ ନିନ୍ଦା କରିବା ସହ ଏହାଠୁ ବଡ଼ କଥା କିଛି ନାହିଁ ବୋଲି କହିଛନ୍ତି । ବରିଷ୍ଠ ନେତାମାନେ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିବାରେ ଲାଗିଛନ୍ତି ।

# ଶେଷଯାଏ ଲଢ଼ିଥିଲେ ସୟିଦ ଆଦିଲ ହୁସେନ ଶାହ

ପହଲଗାମ୍ : ପହଲଗାମ ଆତଙ୍କୀ ହମଲାରେ ୨୬ ମୃତକଙ୍କ ମଧ୍ୟରେ ଜଣେ ମୁସଲମାନ ମଧ୍ୟ ରହିଛନ୍ତି । ତାଙ୍କ ନାଁ ହେଲା ସୟିଦ ଆଦିଲ ହୁସେନ ଶାହ । ସେ ନିଜର ଶେଷ ନିଃଶ୍ୱାସ ଯାଏ ପର୍ଯ୍ୟଟକଙ୍କୁ ବଞ୍ଚାଇବା ପାଇଁ ଲଢ଼େଇ କରିଥିଲେ । ଏପରି କି ସେ ଜଣେ ଆତଙ୍କବାଦୀ ଠାରୁ ରାଇଫଲ ଛଡ଼ାଇ ଆଣିବାକୁ ଚେଷ୍ଟା କରିଥିଲେ । ହେଲେ ଟାର୍ଗେଟ କିଲିଂ କରୁଥିବା ଆତଙ୍କବାଦୀମାନେ ହୁସେନଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛନ୍ତି ।



ସୟିଦ ଆଦିଲ ହୁସେନ ଶାହ ସ୍ଥାନୀୟ ଅଞ୍ଚଳରେ ଘୋଡ଼ା ବାଲା ଭାବେ କାମ କରନ୍ତି । ସେ ପର୍ଯ୍ୟଟକଙ୍କୁ କାର ପାର୍କିଂ ସ୍ଥଳରୁ ପହଲଗାମ ସ୍ଥିତ ବୈସରାନ ଉପତ୍ୟକାକୁ ଘୋଡ଼ାରେ ନେବା ଆଣିବା ସେବା ଯୋଗାଇ ଦିଅନ୍ତି । କାରଣ ବୈସରାନ ଉପତ୍ୟକାକୁ କେବଳ ଚାଲିକି କିମ୍ବା ଘୋଡ଼ାରେ ଯିବା ପାଇଁ ବ୍ୟବସ୍ଥା ରହିଛି । ସେଠାରେ ଘୋଡ଼ା ସେବା ଯୋଗାଇ ସୟିଦ ଆଦିଲ ହୁସେନ ରୋଜଗାର କରିବା ସହ ପରିବାର ଚଳାନ୍ତି ।

ମଙ୍ଗଳବାର ଆତଙ୍କବାଦୀ ହମଲା ବେଳେ ହୁସେନ ସେଠାରେ ଉପସ୍ଥିତ ରହିଥିଲେ । ଆତଙ୍କବାଦୀମାନେ ପୁରୁଷ ପର୍ଯ୍ୟଟକଙ୍କୁ ଗୁଳି କରୁଥିବା ବେଳେ ହୁସେନ ସେମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ । ପର୍ଯ୍ୟଟକମାନେ ତାଙ୍କର ଅତିଥି ହୋଇଥିବାରୁ ହୁସେନ ଗୁଳି ମାଡ଼କୁ ଖାତିର ନ କରି ସାମ୍ନାରେ ଛିଡ଼ା ହୋଇଥିଲେ । ଏପରି କି ସେ ଜଣେ ଆତଙ୍କବାଦୀ ଠାରୁ ବନ୍ଧୁକ ଛଡ଼ାଇବାକୁ ଚେଷ୍ଟା ବି କରିଥିଲେ ।

# ଅଧୁରା ରହିଲା ଜନ୍ମଦିନ ପାଳନ



ପହଲଗାମ୍: ପହଲଗାମ ହମଲାରେ ମୃତକଙ୍କ ବିଭିନ୍ନ ହୃଦୟ ବିଦାରକ କାହାଣୀ ସାମ୍ନାକୁ ଆସୁଛି । ଏବେ ମୃତକଙ୍କ ମଧ୍ୟରେ ଥିବା ଶୈଳେଶ କଲଠିଆଙ୍କ କାହାଣୀ ସମସ୍ତଙ୍କ ଆଖିରେ ଲୁହ ଆଣିଛି । ମଙ୍ଗଳବାର ଜନ୍ମଦିନ ଥିବାରୁ ସେ ନିଜ ପୁଅ-ଝିଅ ଓ ପତ୍ନୀଙ୍କୁ ନେଇ ପହଲଗାମ୍ ବୁଲିବାକୁ ଯାଇଥିଲେ । ହେଲେ ଏହା ତାଙ୍କର ଶେଷ ଦିନ ହେବ ବୋଲି ତାଙ୍କୁ ଜଣାନଥିଲା । ଶୈଳେଶ ମୂଳତଃ ଅମରୋଲିର ବାସିନ୍ଦା ଥିଲେ ଏବଂ ତାଙ୍କ ପରିବାର ସୁରଟରେ ରହୁଥିଲେ । ବ୍ୟାଙ୍କ ଚାକିରି ଯୋଗୁଁ ଗତ ଗୋଟିଏ ବର୍ଷ ଧରି ଶୈଳେଶ ମୁମ୍ବାଇରେ ରହୁଥିଲେ ।

୪୪ ବର୍ଷୀୟ ଶୈଳେଶ ତାଙ୍କ ପତ୍ନୀ ଶୀତଲ, ଝିଅ ନୀତି ଏବଂ ପୁଅ ନକ୍ଷତ୍ରଙ୍କ ସହିତ ମୁମ୍ବାଇରୁ କାଶ୍ମୀର ଯାଇଥିଲେ । କିନ୍ତୁ ମଙ୍ଗଳବାର ଦିନ, ପହଲଗାମରେ ବୁଲିବା ସମୟରେ, ଏପରି କିଛି ଘଟିଥିଲା ଯାହା ଏହି ପରିବାରର ଖୁସିକୁ ଛଡ଼ାଇ ନେଇଥିଲା । ଯେତେବେଳେ ସେ ପହଲଗାମରେ ଘୋଡା ଚଢ଼ି ଏହାର ମଜା ନେଉଥିଲେ, ସେତେବେଳେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ଏବଂ ଶୈଳେଶ ଏଥିରେ ପ୍ରାଣ ହରାଇଥିଲେ । ଏହି ଆକ୍ରମଣରେ ତାଙ୍କ ସ୍ତ୍ରୀ ଓ ପିଲାମାନେ ସୁରକ୍ଷିତ ଥିବା ଜଣାଯାଇଛି ।

# ପାକିସ୍ତାନରେ ଭୟର ବାତାବରଣ

ଇସଲାମାବାଦ : ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ପାକିସ୍ତାନରେ ଭୟର ବାତାବରଣ ରହିଛି । ପାକିସ୍ତାନୀ ଭାରତଠାରୁ ସାମରିକ କାର୍ଯ୍ୟାନୁଷ୍ଠାନର ଆଶଙ୍କା କରୁଛି । ବୁଧବାର ପାକିସ୍ତାନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଏହି ଆକ୍ରମଣ ପରବର୍ତ୍ତୀ ପରିସ୍ଥିତି ଉପରେ ଆଲୋଚନା କରାଯାଇଛି ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ପାକିସ୍ତାନରେ ଏକ ବଡ଼ ବୈଠକ ହୋଇଥିଲା । ଯେଉଁଥିରେ ତିନି ସେନାର ମୁଖ୍ୟ ମଧ୍ୟ ସାମିଲ ଥିଲେ । ଏହି ବୈଠକରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା । ବୈଠକ ବ୍ୟତୀତ, ପାକିସ୍ତାନ ବାୟୁସେନାକୁ ସତର୍କ ରଖାଯାଇଛି । ଏହି ବୈଠକରେ ପାକିସ୍ତାନ ସେନା ମୁଖ୍ୟଙ୍କ ସମେତ ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ପାକିସ୍ତାନ ମଧ୍ୟ ଭାରତରୁ ଆସୁଥିବା ବୟାନ ଉପରେ ନଜର ରଖିଛି । ପାକିସ୍ତାନ ଭୟ କରୁଛି ଯେ ଏହି ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ପ୍ରତିଶୋଧ ସ୍ୱରୂପ ପାକିସ୍ତାନ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ । ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ନିଜର ସମ୍ପୃକ୍ତିକୁ ଅସ୍ୱୀକାର କରିଛି । କିନ୍ତୁ ପ୍ରତିଶୋଧର ଭୟରେ ପାକିସ୍ତାନ ଏହି ଆକ୍ରମଣ ପରେ ସତର୍କ ରହିଛି । ପୂର୍ବରୁ ୨୦୧୬ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା । ୨୦୧୯ ମସିହାରେ ମଧ୍ୟ ଆତଙ୍କବାଦୀ ଆକ୍ରମଣ ପରେ, ବାଲାକୋଟରେ ବିମାନ ଆକ୍ରମଣ ମାଧ୍ୟମରେ ପାକିସ୍ତାନରେ ଲୁଚି ରହିଥିବା ଆତଙ୍କବାଦୀଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।



# ୨୫ରୁ ମାଇକେଲ କିଣ୍ଡୋ ସ୍ମାରକୀ ହକି ପ୍ରତିଯୋଗିତା




ଭୁବନେଶ୍ୱର, ୨୩।୪ (ସବ୍ୟୁ): ପ୍ରଥମ ଥର ପାଇଁ ମାଇକେଲ କିଣ୍ଡୋ ସ୍ମାରକୀ ହକି ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି । ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗଷ୍ଟାଡିୟମରେ ପ୍ରତିଯୋଗିତା ଆୟୋଜିତ ହେବ । ଏଥିରେ ମୋଟ ୯ଟି ଦଳ ଅଂଶଗ୍ରହଣ କରିବେ । ଦଳଗୁଡ଼ିକ ହେଲେ ଏଚ୍‌ପିସି ପୁରୀ, ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ, ଏଚ୍‌ଟିସି ଛତ୍ରପୁର, ଏଚ୍‌ଟିସି ଯାଜପୁର, ଏଚ୍‌ଟିସି କଟକ, ଏଚ୍‌ପିସି ରଣପୁର, ଏଚ୍‌ଟିସି ଭୁବନେଶ୍ୱର, ଏଚ୍‌ପିସି ଢେଙ୍କାନାଳ ଏବଂ ଏଚ୍‌ପିସି ପିପିଏଲ୍ ପାରାଦୀପ । ପ୍ରତିଯୋଗିତା ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବ । ୧୯ ବର୍ଷରୁ କମ ବୟସର ଖେଳାଳିମାନେ ଏଥିରେ ଅଂଶ ଗ୍ରହଣ କରିବେ ।

ତୃଣମୂଳସ୍ତରରୁ ହକିର ବିକାଶ ସକାଶେ ଭଲ ପ୍ରତିଯୋଗିତାର ଆବଶ୍ୟକତା ଉପଲବ୍ଧି କରି ହକି ଲିଜେଣ୍ଡ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀଙ୍କ ପରାମର୍ଶକ୍ରମେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ପ୍ରଥମ ମାଇକେଲ କିଣ୍ଡୋ ସ୍ମାରକୀ ଯୁବ ହକି ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି ।

ଆଗାମୀ ୨୫ ତାରିଖରେ ପ୍ରଥମ ସକାଳ ସାଢ଼େ ୬ଟାରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଓ ଏଚ୍‌ପିସି ପୁରୀ ମଧ୍ୟରେ ହେବ । ସେମିଫାଇନାଲ ମ୍ୟାଚ୍ ଏପ୍ରିଲ ୨୬ ତାରିଖ ସକାଳେ ଗୋଟିଏ ଓ ଅପରାହ୍ନରେ ଦ୍ୱିତୀୟ ସେମିଫାଇନାଲରେ ଖେଳାଯିବ । ୨୭ ତାରିଖରେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ମ୍ୟାଚ୍ ସକାଳ ୭.୩୦ରେ ଖେଳାଯିବ । ଫାଇନାଲ ମ୍ୟାଚ୍ ସେହିଦିନ ସନ୍ଧ୍ୟା ୫.୩୦ରେ ଆରମ୍ଭ ହେବ ।

ଓଡ଼ିଶା ହକିର ବିକାଶ ଦିଗରେ ସ୍ୱର୍ଗତ ମାଇକେଲ କିଣ୍ଡୋଙ୍କ ଅବଦାନ ଥିଲା । ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ । ତା’ସହ ଭାରତର ପ୍ରଥମ ଓ ବର୍ତ୍ତମାନ ପର୍ଯ୍ୟନ୍ତ ଏକମାତ୍ର ହକି ବିଶ୍ୱକପ ବିଜୟୀ (୧୯୭୫ କ୍ୱାଲାଲମ୍ପୁର ବିଶ୍ୱକପ) ବିଜୟୀ ଦଳର ସଦସ୍ୟ ଥିଲେ ।

ତାଙ୍କର ଅନ୍ୟ ସଫଳତାଗୁଡ଼ିକ ଭିତରେ ୧୯୭୧ ବାର୍ସିଲୋନା ବିଶ୍ୱକପରେ ବ୍ରୋଞ୍ଜ, ୧୯୭୩ ବିଶ୍ୱକପରେ ରୌପ୍ୟ ପଦକ ସହ ୧୯୭୪ ତେହେରାନ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ । ସର୍ଭିସେସ୍‌ରୁ ଅବସର ନେବାପରେ ସେ ସେଲ୍‌ରେ ଯୋଗଦେଇ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କାର୍ଯ୍ୟ କରିବା ପରଠାରୁ ଓଡ଼ିଶା ହକିର ସେବା କରିଥିଲେ ।

ତାଙ୍କ ନେତୃତ୍ୱରେ ଓଡ଼ିଶା ଜାତୀୟ ପ୍ରତିଯୋଗିତାର ସେମିଫାଇନାଲକୁ ଉନ୍ନିତ ହୋଇଥିଲା । ସେ ଶେଷ ପର୍ଯ୍ୟନ୍ତ ଓଡ଼ିଶା ହକି ପାଇଁ ଯୁବ ଖେଳାଳି ସୃଷ୍ଟି କରିବା ଦିଗରେ ନିଜ ଯୋଗଦାନ ଦେଇଚାଲିଥିଲେ । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ସରୋଜ କୁମାର ସାହୁ, ରଞ୍ଜନ କୁମାର ଦାସ, ରତିକାନ୍ତ ନାୟକ, ପ୍ରବୀଣ ଅଗ୍ରୱାଲ, ସମ୍ବିତ ମହାପାତ୍ର ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ୧୦ଲକ୍ଷ ଟଙ୍କାର ବଜେଟ ରଖାଯାଇଛି । ବିଜେତା ଦଳକୁ ୫୦ ହଜାର ଟଙ୍କା, ରନର୍ସଅପ୍ ଦଳ ୩୦ହଜାର ଓ ତୃତୀୟ ସ୍ଥାନ ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ସେହିଭଳି ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଖେଳାଳିଙ୍କୁ ୧୦ହଜାର ଟଙ୍କା ତଥା ପ୍ରତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି ।

# ସନ୍‌ରାଇଜର୍ସଙ୍କୁ ଧରାଶାୟୀ କଲା ମୁମ୍ବାଇ

## ଆଇପିଏଲ୍ ମହାସମର




ହାଇଦ୍ରାବାଦ, ୨୩।୪ (ଏଜେନ୍ସି): ବିଜୟଧାରାକୁ ମୁମ୍ବାଇ ଫେରିଛି । ଲଢୁଆ ପ୍ରଦର୍ଶନ ସହ ମୁମ୍ବାଇ ଇଣ୍ଡିଆନ୍ସ ପୁଣିଥରେ ପ୍ଲେଅଫ୍ସ ଆଡ଼େ ମୁହାଁଇଛି । ବୁଧବାର ହାଇଦ୍ରାବାଦରେ ଅନୁଷ୍ଠିତ ଆଇପିଏଲ୍‌ର ୪୧ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟରେ ସନ୍‌ରାଇଜର୍ସଙ୍କୁ ଧରାଶାୟୀ କରି ଚଳିତ ସିଜନର ୫ମ ବିଜୟ ହାସଲ କରିଛି । ଏଥିସହ ମୁମ୍ବାଇ ୯ ମ୍ୟାଚ୍‌ରୁ ୧୦ ପଏଣ୍ଟ ହାସଲ କରି ଟେବୁଲର ୩ୟ ସ୍ଥାନକୁ ଉଠିଛି । ଏହି ମ୍ୟାଚ୍‌ରେ ପୁଣିଥରେ ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ରୋହିତ ଶର୍ମା ଦଳ ପାଇଁ ସଙ୍କଟମୋଚକ ସାଜିଥିଲେ । ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ୨୦ ଓଭରରେ ୮ ୱିକେଟ ହରାଇ ୧୪୩ ରନ କରିଥିଲା । ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୫.୪ ଓଭରରେ ୧୪୬/୩ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ରାଜୀବ ଗାନ୍ଧି ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିଲା । କିନ୍ତୁ ଦଳର ଦୁର୍ଦ୍ଦଶା ଏପରି ହେଲା ଯେ ୩୫ ରନରେ ୫ ୱିକେଟ ଝଡ଼ିଥିଲା । ଓପନର ଟ୍ରେଭିସ୍ ହେଡ୍ ଖାତା ଖୋଲିପାରି ନଥିଲେ । ଅଭିଶେକ ଶର୍ମା ୮, ଇଶାନ କିଶାନ ୧, ନୀତିଶ କୁମାର ରେଡ୍ଡୀ ୨ ଓ ଅନିକେତ ବର୍ମା ୧୨ ରନ କରି ପାଭିଲିଅନ ଫେରିଯାଇଥିଲେ । ତେଣୁ ଲାଗୁଥିଲା ଦଳ ୧୦୦ ରନ ମଧ୍ୟରେ ଧରାଶାୟୀ ହୋଇଯିବ । କିନ୍ତୁ ମଧ୍ୟମକ୍ରମରେ ହେନରିଚ କ୍ଲାସେନଙ୍କ ୪୪ ବଲ୍‌ରୁ ୭୧ ରନର ବିସ୍ଫୋରକ ଇନିଂସ୍ ଯୋଗୁଁ ସନରାଇଜର୍ସ ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିଥିଲା । କ୍ଲାସେନ୍‌ଙ୍କ ଏହି ଇନିଂସରେ ୯ଟି ଚୌକା ଓ ୨ଟି ଛକା ସାମିଲ ଥିଲା । ଅଭିନବ ମନୋହର ୩୭ ବଲରୁ ୪୩ ରନ କରିବାରୁ ହାଇଦ୍ରାବାଦ ୨୦ ଓଭରରେ ୮ ୱିକେଟ ହରାଇ ୧୪୩ ରନ କରିପାରିଥିଲା । ବୋଲିଂରେ ଟ୍ରେଣ୍ଟ ବୋଲ୍ଟଙ୍କୁ ୪ଟି, ଦୀପକ ଚହରଙ୍କୁ ୨ଟି, ଯଶପ୍ରୀତ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୧୪୪ ରନକୁ ମୁମ୍ବାଇ ପିଛାକରି ୧୩ ରନରେ ଓପନର ରିଆନ୍ ରିକେଲଟନ୍‌ଙ୍କୁ ହରାଇଥିଲା । ରିକେଲଟନ୍ ୮ ବଲରୁ ୧୧ ରନ କରି ଉନାଦ କଟ୍‌ଙ୍କ ଶିକାର ହୋଇଥିଲେ । କିନ୍ତୁ ରୋହିତ ଶର୍ମା ୪୬ ବଲରୁ ୭୦, ୱିଲ୍ ଜ୍ୟାକ୍ସ ୧୯ ବଲ୍‌ରୁ ୨୨ ଓ ସୂର୍ଯ୍ୟକୁମାର ଯାଦବ ୧୯ ବଲରୁ ଅପରାଜିତ ୪୦ ରନ କରି ଦଳକୁ ବିଜୟୀ କରିଥିଲେ । ମୁମ୍ବାଇ ୧୫.୪ ଓଭରରେ ୧୪୬/୩ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ସନ୍‌ରାଇଜର୍ସ ଜୟଦେବ ଉନାଦ କଟ, ଇଶାନ ମାଲିଙ୍ଗା ଓ ଜିସାନ ଅନସାରୀ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ | ୮ | ୬ | ୨ | ୧୨ |
| ଦିଲ୍ଲୀ | ୮ | ୬ | ୨ | ୧୨ |
| ମୁମ୍ବାଇ | ୯ | ୫ | ୪ | ୧୦ |
| ବେଙ୍ଗାଲୁରୁ | ୮ | ୫ | ୩ | ୧୦ |
| ପଞ୍ଜାବ | ୮ | ୫ | ୩ | ୧୦ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ |
| କୋଲକାତା | ୮ | ୩ | ୫ | ୬ |
| ରାଜସ୍ଥାନ | ୮ | ୨ | ୬ | ୪ |
| ସନ୍‌ରାଇଜର୍ସ | ୮ | ୨ | ୬ | ୪ |
| ଚେନ୍ନାଇ | ୮ | ୨ | ୬ | ୪ |

### ଆଜିର ମ୍ୟାଚ

ବେଙ୍ଗାଲୁରୁ-ରାଜସ୍ଥାନ
ସମୟ: ରାତି ୭.୩୦
ସ୍ଥାନ: ବେଙ୍ଗାଲୁରୁ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

# ସୁଧାଂଶୁ ଶ୍ରୀଲଙ୍କା କ୍ରିକେଟ ଟୁର୍ ପର୍ଯ୍ୟବେକ୍ଷକ



ଭୁବନେଶ୍ୱର, ୨୩।୪ (ସବ୍ୟୁ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଏକ ୨୪ ଜଣିଆ ଓଡ଼ିଶା ପୁରୁଷ ଦଳ ଓ ୧୩ ଜଣ ସପୋର୍ଟିଂ ଷ୍ଟାଫ୍ ଶ୍ରୀଲଙ୍କା ଗସ୍ତ କରିଛନ୍ତି । ଶ୍ରୀଲଙ୍କା ଦଳ ସହ ଏକ ଶୃଙ୍ଖଳା ଖେଳିବ ଓଡ଼ିଶା ଦଳ । ଏନେଇ ସୁଧାଂଶୁ ଭୂଷଣ ମିଶ୍ରଙ୍କୁ (ଓଡ଼ିଶା ଭଲିବଲ ଆସୋସିଏସନ କୋଷାଧ୍ୟକ୍ଷ) ପର୍ଯ୍ୟବେକ୍ଷକ ଭାବେ ଦଳ ସହ ଶ୍ରୀଲଙ୍କା ପଠାଯାଇଛି । ଓସିଏ ପକ୍ଷରୁ ତାଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି । ଏହି ଗସ୍ତରେ ଓଡ଼ିଶା ଦଳ ୪ଟି ୩ ଦିନିଆ ମ୍ୟାଚ୍ ଓ ୩ଟି ଦିନିକିଆ ମ୍ୟାଚ୍ ଭିନ୍ନଭିନ୍ନ ଶ୍ରୀଲଙ୍କା ଦଳ ସହ ଖେଳିବ ।

# ଆଇଏସ୍ଏସ୍ଏଫ୍ ବିଶ୍ୱକପ : ଭାରତ ତୃତୀୟ

ନୂଆଦିଲ୍ଲୀ, ୨୩।୪ (ଏଜେନ୍ସି): ପୃଥ୍ୱୀରାଜ ଟେଣ୍ଡାଇମାନ ଓ ପ୍ରଗତି ଦୁବେ ଟ୍ରାପ୍ ମିକ୍ସଡ୍ ଟିମ୍ ଇଭେଣ୍ଟର ମେଡାଲ ରାଉଣ୍ଡକୁ ଉନ୍ନିତ ହେବାରେ ବିଫଳ ହେବାରୁ ଭାରତୀୟ ସୁଟର ଆଇଏସ୍ଏସ୍ଏଫ୍ ସୁଟିଂ ବିଶ୍ୱକପରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସିମ୍‌ରନ ପ୍ରୀତି କୌର ଭାରତ ପାଇଁ ଶେଷ ପଦକ ଜିତିଥିଲେ । ଏହାଦ୍ୱାରା ଭାରତର ପଦକ ସଂଖ୍ୟା ୭ରେ ପହଞ୍ଚିଛି । ଆମେରିକା ମଧ୍ୟ ୭ଟି ପଦକ ଲାଭ କରିଛି । ମାତ୍ର ଅଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଦୃଷ୍ଟିରୁ ଭାରତକୁ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଚୀନ୍ ୪ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସହ ଷ୍ଟାଣ୍ଡିଙ୍ଗ୍‌ରେ ଶୀର୍ଷସ୍ଥାନ ଅଧିକାର କରିଛି । ଭାରତ ତରଫରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୮ ବର୍ଷୀୟ ସୁରୁଚି ଇନ୍ଦରସିଂହ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଆଣିଦେଇଛନ୍ତି । ସେ ପ୍ୟାରୀସ ଅଲିମ୍ପିକ୍ସ ଡବଲ ପଦକ ବିଜେତା ମନୁ ଭକରଙ୍କୁ ପଛରେ ପକାଇ ୧୦ ମିଟର ଏୟାର ପିସ୍ତଲ ଟାଇଟଲ ହାସଲ କରିଥିଲେ । ସୌରଭ ଚୌଧୁରୀଙ୍କୁ ସାଥୀ କରି ମିକ୍ସଡ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ଜାତୀୟ ରାଇଫଲ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସୁଲତାନ ସିଂ ଯୁବ ଭାରତୀୟ ସୁଟରଙ୍କ ପ୍ରଦର୍ଶନ ନେଇ ଖୁସିବ୍ୟକ୍ତ କରିଛନ୍ତି ।

## କଳିଙ୍ଗ ସୁପରକପ୍

# କ୍ୱାର୍ଟରରେ ମୁମ୍ବାଇ ସିଟି, ଇଣ୍ଟରକାଶୀ



ଭୁବନେଶ୍ୱର, ୨୩।୪ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ ଜାରି ରହିଛି । ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଇଣ୍ଟରକାଶୀ ଓ ମୁମ୍ବାଇ ସିଟି ଲଢୁଆ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ପ୍ରଥମ ମ୍ୟାଚ୍‌ରେ ଇଣ୍ଟରକାଶୀ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍ ୧-୧ ଗୋଲ୍ ମଧ୍ୟରେ ବରାବର ରହିଥିଲା । ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ରିଆନ ୱିଲିୟମ୍ସ ଏବଂ ଇଣ୍ଟରକାଶୀର ମାତିଜା ବାବୋଭିକ ୮୭ ମିନିଟରେ ଗୋଲ୍ କରିଥିଲେ । ମ୍ୟାଚ୍‌ର ଫଳାଫଳ ପାଇଁ ପେନାଲ୍ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ବେଙ୍ଗାଲୁରୁ ସୁଟ୍‌ଆଉଟ୍ ପର୍ଯ୍ୟାୟରେ ୩ଟି ଗୋଲ ଏବଂ ଇଣ୍ଟରକାଶୀ ୫ଟି ଗୋଲ ଦେଇଥିଲା । ଏହି ଜମାଣିଆ ବିଜୟ ସହ ଇଣ୍ଟରକାଶୀ ଚଳିତ ସୁପର କପ୍‌ରେ ବିପର୍ଯ୍ୟୟ ଘଟାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ।

ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିଥିଲା ଚେନ୍ନାଇନ ଏଫ୍‌ସି । ଏହି ମ୍ୟାଚ୍ ଆରମ୍ଭରୁ ହିଁ ଏକତରଫା ରହିଥିଲା । କାରଣ ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ୪ଟି ଗୋଲସ୍କୋର ହୋଇଥିଲା । ବିଜୟୀ ଦଳ ପକ୍ଷରୁ ମ୍ୟାଚ୍‌ର ୪୩ତମ ମିନିଟରେ ନିକୋଲାସ କାରେଲିସ, ୬୪ ମିନିଟରେ ଲାଲିଆନ ଜୁଆଲା ଛାଙ୍ଗଟେ ୬୪ ମିନିଟ, ୮୬ ମିନିଟରେ ଛେଙ୍ଗଟେ ବ୍ୟକ୍ତିଗତ ୨ୟ ଏବଂ ୯୦ ମିନିଟରେ ବିପିନ ସିଂ ଗୋଲ୍ କରିବାରୁ ମୁମ୍ବାଇ ସିଟି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ।

# କଳା ବ୍ୟାଜ୍ ପିନ୍ଧି ମଇଦାନକୁ ଓହ୍ଲାଇଲେ ଆଇପିଏଲ୍ ଖେଳାଳି

ନୂଆଦିଲ୍ଲୀ, ୨୩।୪ (ଏଜେନ୍ସି): ଆଇପିଏଲ୍ ଜାରି ରହିଥିବାବେଳେ ସାରା ଦେଶ ଶୋକରେ ବୁଡ଼ି ରହିଛି । ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି । ଯାହା ସମସ୍ତଙ୍କୁ ମର୍ମାହତ କରିଛି । କ୍ରିକେଟ ଜଗତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । କ୍ରିକେଟ ଖେଳାଳି ଶୋକବ୍ୟକ୍ତ କରିଛନ୍ତି । ସନ୍‌ରାଜର୍ସ ହାଇଦ୍ରାବାଦ ଓ ମୁମ୍ବାଇ ଇଣ୍ଡିଆନ୍ସର ଖେଳାଳିମାନେ କଳା ବ୍ୟାଜ୍ ପିନ୍ଧି ପଡ଼ିଆକୁ ଓହ୍ଲାଇଛନ୍ତି । ଏତଦ୍‌ବ୍ୟତୀତ ଏହି ମ୍ୟାଚ୍‌ରେ ଚିଅର ଗାର୍ଲଙ୍କ ନୃତ୍ୟକୁ ବନ୍ଦ ରଖାଯାଇଛି । କୌଣସି ଆତସବାଜି ମଧ୍ୟ ନହେବାକୁ ନିଷ୍ପତ୍ତି ହୋଇଛି । ଏହି ଘଟଣାରେ ପ୍ରଭାବିତ ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ୧ ମିନିଟ୍‌ର ନୀରବ ପ୍ରାର୍ଥନା କରିଥିଲେ । ଏହି ଘଟଣାକୁ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦା କରାଯାଇଛି । ଭାରତୀୟ ଖେଳାଳିମାନେ ମଧ୍ୟ ଖୁବ୍ ଦୁଃଖ ପ୍ରକାଶ କରିଛନ୍ତି । ବିରାଟ କୋହଲି, ଗୌତମ ଗମ୍ଭୀର, ସଚିନ ତେନ୍ଦୁଲକର, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ଅନେକ ଖେଳାଳି ଭାବପ୍ରବଣ ପୋଷ୍ଟ କରିଥିଲେ ।

# ରାଜ୍ୟ ତାଇକୋଣ୍ଡୋ ଚାମ୍ପିଅନସିପ୍‌ରେ ଯୋଡ଼ା ଛାତ୍ର-ଛାତ୍ରୀଙ୍କ କୃତିତ୍ୱ




କେନ୍ଦୁଝର: ୨୩।୪ (ସବ୍ୟୁ) : ରାଜ୍ୟ ତାଏକୋଣ୍ଡୋ ଚାମ୍ପିଅନସିପ୍ (ପୁମସେ ଏବଂ କାଏରୁଗୀ) କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ତାଇକୋଣ୍ଡୋ ପ୍ରତିଯୋଗିତାରେ କେନ୍ଦୁଝର ଛାତ୍ରଛାତ୍ରୀଙ୍କର ଚିତ୍ତାକର୍ଷକ ସଫଳତା ଦେଖିବାକୁ ମିଳିଛି । ତାଇକୋଣ୍ଡୋ ସଂଘ ଆନୁକୂଲ୍ୟରେ ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁମସେ ଏବଂ କାଏରୁଗୀ ଚାମ୍ପିଅନସିପ୍ ଚଳିତ ମାସ ୧୮ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

ଏହି ପ୍ରତିଯୋଗିତାରେ ଓଡିଶାର ୩୦ଟି ଜିଲାରୁ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ କେବଳ କେନ୍ଦୁଝର ଜିଲା ତାଇକୋଣ୍ଡୋ ସଂଘ ପକ୍ଷରୁ ୪୫ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ । ସେଥିମଧ୍ୟରୁ ୩୩ ଜଣ ପ୍ରତିଯୋଗୀ କାଏରୁଗୀ ଏବଂ ୪ ଜଣ ପ୍ରତିଯୋଗୀ ପୁମସେରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ପାଇ ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି । ଜିଲା ପାଇଁ ୬ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଓ ୧୫ଟି କାଂସ୍ୟ ପଦକ ମିଳିଥିବା ବେଳେ ଯୋଡା ପାନ୍ଥର୍ସ ସ୍କୁଲ ଅଫ୍ ତାଇକୋଣ୍ଡୋ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ପ୍ରଦର୍ଶନ ନିମନ୍ତେ ଗୋଟିଏ ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ମିଳିଥିବା ଜଣାପଡିଛି । ଏହି ସଫଳତା ପଛରେ କୋଚ ଅଜୟ କୁମାର ପୃଷ୍ଟି, ସୁନିଲ କୁମାର ମହାନ୍ତ, ବିଭୁଜ୍ୟୋତି ଦାସ, ମାଷ୍ଟର ମଧୁସୂଦନ ରାଉତ ପ୍ରମୁଖଙ୍କ ପ୍ରଚ୍ଛନ୍ନ ଉଦ୍ୟମ ରହିଥିବା ବେଳେ ଅଭିଭାବକମାନଙ୍କ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ନୀରଜଙ୍କ ଅନୁରୋଧ ରଖିଲେନି ନଦୀମ




ନୂଆଦିଲ୍ଲୀ, ୨୩।୪ (ଏଜେନ୍ସି): ବେଙ୍ଗାଲୁରୁର କାନ୍ତିରାୱା ଷ୍ଟାଡିୟମରେ ମେ’୨୪ରୁ କ୍ଲାସିକ୍ ଜାଭେଲିନ ଥ୍ରୋ ପ୍ରତିଯୋଗିତା ଆୟୋଜିତ ହେବ । ଦୁଇଥର ଅଲିମ୍ପିକ ପଦକ ବିଜେତା ଭାରତର ନୀରଜ ଚୋପ୍ରା ପାକିସ୍ତାନର ଅର୍ଶଦ ନଦୀମଙ୍କୁ ଏଥିପାଇଁ ଆମନ୍ତ୍ରଣ କରିଥିଲେ । ଅର୍ଶଦ ଏଥର ଅଲିମ୍ପିକ୍ସରେ ନୀରଜଙ୍କୁ ପଛରେ ପକାଇ ଚାମ୍ପିଅନ ହୋଇଥିଲେ । ରିପୋର୍ଟ ମୁତାବକ ନଦୀମ ଭାରତ ଆସିବା ପାଇଁ ମନା କରିଦେଇଛନ୍ତି । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏହାର କାରଣ ବୋଲି ବିବେଚନା କରାଯାଉଛି । ମଙ୍ଗଳବାର ଜମ୍ମୁ-କାଶ୍ମୀରରେ ହୋଇଥିବା ନାରକୀୟ କାଣ୍ଡରେ ୨୬ ଜଣ ଲୋକଙ୍କ ଜୀବନ ଚାଲିଯାଇଥିଲା । ଏଥିରେ ଦୁଇଜଣ ବିଦେଶୀ ନାଗରିକ ମଧ୍ୟ ଥିଲେ । ପୂର୍ବରୁ ନୀରଜଙ୍କ ଆମନ୍ତ୍ରଣ ନେଇ ନଦୀମ ଧନ୍ୟବାଦ ଜଣାଇଥିଲେ । ଏବେ ମୁଁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ଭାରତ ଯାଇପାରିବି ନାହିଁ ବୋଲି ସେ କହିଛନ୍ତି । ମେ’ ୨୭ରୁ ଦକ୍ଷିଣକୋରିଆରେ ହେବାକୁ ଥିବା ଏସୀୟ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍ ପାଇଁ ପ୍ରସ୍ତୁତି କରୁଛନ୍ତି । ବେଙ୍ଗାଲୁରୁରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଆଣ୍ଡରସନ ପିଟର୍ସ, ୨୦୧୬ ଅଲିମ୍ପିକ୍ସ ଚାମ୍ପିଅନ ଥୋମାସ ରୋହଲର, ପୂର୍ବ ବିଶ୍ୱଚାମ୍ପିଅନ୍ ଜୁଲିଆସ ୟେଗି, ଆମେରିକାର କାର୍ଟିସ ଥମ୍ପସନଙ୍କ ପରି ଷ୍ଟାର୍ ଖେଳାଳି ଭାଗ ନେବେ ।

# ହାଇଟେକ୍‌ରେ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଭୁବନେଶ୍ୱର, ୨୩।୪ (ସବ୍ୟୁ): ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରସ୍ଥ ଖେଳପଡ଼ିଆରେ ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥି ଭାବେ ହାଇଟେକ୍ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଯୋଗଦାନ କରି ଉଦ୍‌ଘାଟନ କରିଥିବାବେଳେ ପାଠପଢ଼ା ସହ ଖେଳ ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଅପରିହାର୍ଯ୍ୟ ବୋଲି କହିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି । ଏହି ପ୍ରଶିକ୍ଷଣ ଶିବିର ୧୫ ଦିନ ଧରି ଚାଲିବ । ଓଡ଼ିଶାର ୮ଟି ଜିଲ୍ଲା ତଥା ରାଉରକେଲା, ସୁନ୍ଦରଗଡ଼, ପୁରୀ, କଟକ, କେନ୍ଦ୍ରାପଡ଼ା, ଗଜପତି, ବଲାଙ୍ଗୀର ଓ ଖୋର୍ଦ୍ଧାରୁ ୩୬ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି । ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ଖେଳାଳିଙ୍କୁ ରହିବା ଓ ଖାଇବା ସୁବିଧା ସହ ୟୁନିଫର୍ମ ମଧ୍ୟ ଯୋଗାଇ ଦିଆଯାଇଛି । ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯାଉଛି । ରାଉରକେଲାରୁ ଆକାଶ, ଗଜପତିରୁ ରୋନାଲ୍ଡ, ଭୁବନେଶ୍ୱରରୁ ତ୍ରିଲୋଚନ ବେହେରା, ବ୍ରହ୍ମପୁରରୁ ଜାନକୀ ରାଓ ଆଦି ୪ ଜଣଙ୍କୁ ମାଷ୍ଟର ଟ୍ରେନିଂ ଦିଆଯିବ । ଯାହାଦ୍ୱାରା ସେମାନେ ନିଜ ଅଞ୍ଚଳର ପିଲାମାନଙ୍କୁ କ୍ରିକେଟ ପ୍ରଶିକ୍ଷଣ ଦେବେ । ଗ୍ରାମର ପିଲାମାନଙ୍କ ପ୍ରତିଭାକୁ ଆଗେଇ ନେବାକୁ ସହାୟକ ହେବ । ଏହି ଶିବିରକୁ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର କ୍ରୀଡ଼ା ଓ ସଂସ୍କୃତି ବିଭାଗ ଅଧିକାରୀ ଲଳିତ କୁମାର ମହାନ୍ତି, ତାଙ୍କ ୪ ଜଣ ସହଯୋଗୀ ଆୟୋଜନ କରିଥିବାବେଳେ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।

ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି